- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

BHUBANESWAR

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-245 ♦MONDAY ♦02 MARCH 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୪୫ ♦ସୋମବାର ♦୦୨ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦





## ୱେଷ୍ଟ ଇଣ୍ଡିଜ୍ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଲେ ସଞ୍ଜୁ ସାମ୍ସନ୍


■ କୋଲକାତା, ୧।୩ (ଏଜେନ୍ସି): ଟି-୨୦ ବିଶ୍ୱକପ୍‌ର ସୁପର୍ ୮ ପର୍ଯ୍ୟାୟ ଶେଷ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ୫ ୱିକେଟ୍‌ରେ ପରାସ୍ତ କରି ଭାରତ ସେମିଫାଇନାଲ୍‌ରେ ପ୍ରବେଶ କରିଛି। କର ବା ମର ସ୍ଥିତିରେ କୋଲକାତାର ଇଡେନ୍ ପିଚ୍‌କୁ ଓହ୍ଲାଇଥିବା ଭାରତୀୟ ଦଳ ପାଇଁ ଆଜି 'ସାଞ୍ଜୁ' ସାଜିଥିଲେ ସଞ୍ଜୁ ସାମ୍ସନ୍। ୧୯୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂକୁ ଓହ୍ଲାଇଥିବା ଭାରତୀୟ ଦଳର ଓପନର୍ ସଞ୍ଜୁ ସାମ୍ସନ୍ ୫୦ ଟି ବଲ୍‌ରେ ୪ଟି ଛକ୍କା ଓ ୧୨ଟି ଚୌକା ବଳରେ ୯୭ ରନ୍‌ର ବିସ୍ଫୋରକ ବ୍ୟାଟିଂ କରି ଶେଷ ୪ ବଲ୍ ବାକି ଥାଇ ୱେଷ୍ଟଇଣ୍ଡିଜ୍ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ। ସୁପର୍ ୮ ପର୍ଯ୍ୟାୟରେ ବିଜୟୀ ହୋଇଥିବା ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଆସନ୍ତା ୪ ତାରିଖରେ ଇଡେନ୍ ଗାର୍ଡେନ୍‌ରେ ହେବାକୁ ଥିବା ପ୍ରଥମ ସେମିରେ ପରସ୍ପରକୁ ଭେଟିବେ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ୫ ତାରିଖର ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ। ୮ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଖେଳାଯିବ।

# ରକ୍ତମୁଖା ଇରାନ

## ଖାମନେଇଙ୍କ ମୃତ୍ୟୁ ପରେ ଆମେରିକୀୟ ଘାଟି, ଇସ୍ରାଏଲ ଉପରେ ଘନଘନ କ୍ଷେପଣାସ୍ତ୍ର ମାଡ଼

■ ତେହରାନ/ ତେଲ ଆଭିଭ, ୧।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇସ୍ରାଏଲ ଆରମ୍ଭ କରିଥିବା ଯୁଦ୍ଧ କାୟା ବିସ୍ତାର କରିବାରେ ଲାଗିଛି। ଏହା ଥମିବା ପରିବର୍ତ୍ତେ ଭୟଙ୍କର ରୂପ ଧାରଣ କରି ଚାଲିଛି। ଇରାନରେ ଆରମ୍ଭ ହୋଇଥିବା ନିଆଁ ସମ୍ପୂର୍ଣ୍ଣ ଅଞ୍ଚଳକୁ ବ୍ୟାପି ଚାଲିଛି। ଉଭୟ ପକ୍ଷ ପରସ୍ପରକୁ ଧମକ ପରେ ଧମକ ଦେଇ ଚାଲିଛନ୍ତି। ମିଳିତ ଆକ୍ରମଣରେ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇ (୮୬)ଙ୍କ ମୃତ୍ୟୁ ପରେ ରକ୍ତମୁଖା ହୋଇଛି ଇରାନ। ଆକ୍ରମଣର ଭୟଙ୍କର ପ୍ରତିଶୋଧ ନେବୁ ବୋଲି ଇରାନର ରାଷ୍ଟ୍ରପତି ମାସୁଦ୍ ଧମକ ଦେଇଛନ୍ତି। ଗତରାତି ଠାରୁ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ୧୪ଟି ସାମରିକ ଘାଟୀ ସମେତ ଇସ୍ରାଏଲ ଉପରେ ଭୟଙ୍କର କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛି ଇରାନ। କେବଳ ଏତିକି ନୁହେଁ ଆକ୍ରମଣରେ ଆମେରିକାକୁ ସହାୟତା କରିଥିବା ଉପସାଗରୀୟ ରାଷ୍ଟ୍ର ଏବଂ ବିଶେଷ କରି ଆରବ ଏମିରେଟ୍ସ, କୁଏତ, ଦୁବାଇ, ଅବୁଧାବି, ▶ପୃଷ୍ଠା-୭

**ସର୍ବୋଚ୍ଚ ନେତାଙ୍କ ସମ୍ମାନାର୍ଥେ ଇରାନରେ ୪୦ଦିନିଆ ରାଷ୍ଟ୍ରୀୟ ଶୋକ**





- ଭୟଙ୍କର ଆକ୍ରମଣ ଅଭିଯାନ ଆରମ୍ଭ କରିବୁ: ଇରାନ
- ଯୁଦ୍ଧପୋତ 'ଆବ୍ରାହାମ୍ ଲିଙ୍କନ୍' ଉପରେ କ୍ଷେପଣାସ୍ତ୍ର ମାଡ଼
- ଇରାନ ଉପରେ ଆକ୍ରମଣକୁ ଚୀନ, ଋଷ, ଉ.କୋରିଆର ନିନ୍ଦା
- ଅନ୍ତଃରାଷ୍ଟ୍ରୀୟ ସମ୍ପର୍କକୁ ନଷ୍ଟ କରିଛି ଆମେରିକା: ଚୀନ୍
- ଖାମନେଇଙ୍କ ହତ୍ୟା ବିରୋଧରେ ବିଭିନ୍ନ ଦେଶରେ ବିକ୍ଷୋଭ

### ବଢ଼ିଲା ତେଲ ଓ ଗ୍ୟାସ୍ ଚିନ୍ତା

## ୧୨ ଟଙ୍କା ମହଙ୍ଗା ହେବ ପେଟ୍ରୋଲ-ଡିଜେଲ !

■ ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ଇରାନ୍ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟାରେ ଛାଇଯାଇଛି। ଏହି ପରିସ୍ଥିତିରେ ଭାରତ ସମେତ ସମଗ୍ର ବିଶ୍ୱରେ ତୈଳ ଯୋଗାଣକୁ ନେଇ ବଡ଼ ଆଶଙ୍କା ସୃଷ୍ଟି ହୋଇଛି। କାରଣ ହରମୁଜ୍ ପ୍ରଣାଳୀକୁ ବନ୍ଦ କରିବା ସହ ଆକ୍ରମଣ ପାଇଁ ଇରାନ୍ ଧମକ ଦେଇଛି। ତେଣୁ ଏହି ଯୁଦ୍ଧରେ ହରମୁଜ୍ ପ୍ରଣାଳୀରେ ୧୫୦ ତୈଳ ଜାହାଜ ଅଟକି ରହିଥିବାରୁ ଭାରତକୁ ତୈଳ ଯୋଗାଣ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଯଦି ଏହି ଯୁଦ୍ଧ ଜାରି ରୁହେ ଏବଂ ହରମୁଜ୍ ପ୍ରଣାଳୀରେ ତୈଳ ମାର୍ଗ ବନ୍ଦ ହୋଇଯାଏ, ତେବେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇପାରେ। ଏହାର ପ୍ରଭାବ ସିଧାସଳଖ ଭାରତ ଉପରେ ପଡ଼ିବ। ଏଥିଯୋଗୁ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



KIIT · VOLLEYBALL WORLD BEACH PRO TOUR · FIVB · KHELO INDIA · KISS



FIVB

1st TIME in INDIA in a University Campus

WORLD BEACH VOLLEYBALL CHAMPIONSHIP 2026 (MEN & WOMEN)

Proudly Hosted By KIIT UNIVERSITY Bhubaneswar, Odisha

4th-8th March, 2026 | KIIT, BHUBANESWAR, ODISHA


52 + COUNTRIES | 82 TEAMS | 164 ATHLETES | 306 PARTICIPANTS | OLYMPIC GOLD MEDALLISTS | CHAMPIONSHIP TROPHY (MEN & WOMEN) | UNLIMITED PASSION ON THE SAND

Participating Countries:

Australia | Austria | Belgium | Brazil | Canada | China | Czech Republic | Denmark | England | Estonia | Finland | France | Germany | Greece | ungary | India | Israel | Italy | Japan | Korea | Latvia | Lithuania | New Zealand | Norway | Poland | Portugal | Puerto Rico | Qatar | Romania | Saudi Arabia | Serbia | Singapore | Slovakia | Slovenia | Spain | Sri Lanka | Switzerland | Thailand | Türkiye | Ukraine | United Arab Emirates | United Kingdom | United States | Argentina | Bulgaria | Cuba | Egypt | Hong Kong | Peru | Philippines | Netherlands | Nigeria

KIIT, Patia, Bhubaneswar, Odisha, India 751024 ✉ kiit@kiit.ac.in 🌐 kiit.ac.in | KISS Campus-3, Bhubaneswar, Odisha, India 751024 ✉ info@kiss.ac.in 🌐 kiss.ac.in



# ଇରାନ ସ୍ତବ୍ଧ, ଖାମେନେଇଙ୍କ ପରେ କିଏ?

**ତେହେରାନ,୧।୩(ଏଜେନ୍ସି):** ଆୟୋତୁଲ୍ଲା ଖାମନେଇଙ୍କ ପରେ ଇରାନ ସବୁଠାରୁ ଶକ୍ତିଶାଳୀ ପଦବୀ 'ସୁପ୍ରିମ ଲିଡର ବା ସର୍ବୋଚ୍ଚ' ନେତା କିଏ ହେବ ସେ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ସରକାରୀ ଗଣମାଧ୍ୟମ ଅନୁଯାୟୀ, ଅଲି ଖାମନେଇଙ୍କ ଦ୍ୱିତୀୟ ପୁଅ ମୁଜତବା ଖାମନେଇ ଏହି ପଦବୀ ପାଇଁ ମୁଖ୍ୟ ଦାବିଦାର ଭାବେ ଉଭା ହୋଇଛନ୍ତି। ଗତ ୨ ବର୍ଷ ଧରି ସେ ଏଥିପାଇଁ ପ୍ରଶିକ୍ଷଣ ନେଉଥିଲେ ଓ ତାଙ୍କୁ ଏଥିପାଇଁ ପସ୍ତୁତ କରାଯାଉଥିଲା। ରିପୋର୍ଟ ଅନୁଯାୟୀ, ୨୦୨୪ ସେପ୍ଟେମ୍ବରରେ ହିଁ ଖାମନେଇ ନିଜର ଅସୁସ୍ଥତା କାରଣରୁ ୮୮ ଜଣିଆ ଧର୍ମଗୁରୁ ପରିଷଦକୁ ଡାକି ଗୋପନୀୟ ଭାବେ ଉତ୍ତରାଧିକାରୀ ଚୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଖାମନେଇଙ୍କ ପୁଅ ମୁଜତବା ଜଣେ ରହସ୍ୟମୟ ବ୍ୟକ୍ତିତ୍ୱ ଓ ସର୍ବସାଧାରଣରେ ବହୁତ କମ୍ ଦେଖାଯାନ୍ତି। ୨୦୦୯ରେ ଇରାନ ହୋଇଥିବା ବିକ୍ଷୋଭକୁ ଦମନ କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିବା କୁହାଯାଏ। ଇରାନର ଗୁଇନ୍ଦା ଓ ସରକାରୀ ସଂସ୍ଥାଗୁଡ଼ିକରେ ତାଙ୍କର ବହୁତ ପ୍ରଭାବ ରହିଛି। ଅଲି ଖାମନେଇ ୧୯୩୯ ରେ ଜନ୍ମଗ୍ରହଣ କରିଥିଲେ ଓ ୧୯୮୯ରୁ ୩୭ ବର୍ଷ ଧରି ଇରାନର ସର୍ବୋଚ୍ଚ ନେତା ଭାବେ ଶାସନ କରୁଥିଲେ। ଶନିବାର ହୋଇଥିବା ଆକ୍ରମଣରେ ଖମନେଇଙ୍କ ସହ ୪୦ ଜଣ କମାଣ୍ଡର, ତାଙ୍କ ଝିଅ, ଜ୍ୱାଇଁ, ନାତୁଣୀ ଓ ବହୁ ମଧ୍ୟ ପ୍ରାଣ ହରାଇଥିବା ଦାବି କରାଯାଇଛି।

୫୬ ବର୍ଷୀୟ ମୁଜତାବା ଖାମନେଇ ୧୯୬୯ ମସହଦଠାରେ ଜନ୍ମଗ୍ରହଣ କରିଥିଲେ। ସେ ତେହେରାନର ଅଲଭି ହାଇସ୍କୁଲରୁ ଶିକ୍ଷା ସମାପ୍ତ କରିବା ପରେ କୋମ ସହରରେ ଧାର୍ମିକ ଶିକ୍ଷା ଗ୍ରହଣ କରିଥିଲେ। ସେ ଇରାନ- ଇରାକ ଯୁଦ୍ଧ ସମୟରେ 'ହବିବ ବାଟାଲିୟନ' ପାଇଁ କାର୍ଯ୍ୟ କରିଥିଲେ। ଏହି ସମୟରୁ ହିଁ ଇରାନର ଶକ୍ତିଶାଳୀ ସେନା ଆଇଆରଜିସି (ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍ସ) ସହ ତାଙ୍କର ଘନିଷ୍ଠ ସମ୍ପର୍କ ରହିଛି। ସରକାରରେ କୌଣସି ନିର୍ବାଚିତ ପଦବୀରେ ନଥାଇ ମଧ୍ୟ ସେ ନିଜର ପିତାଙ୍କ କାର୍ଯ୍ୟାଳୟରେ ଜଣେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣକାରୀ ଭାବେ କାର୍ଯ୍ୟ କରୁଥିଲେ। ୨୦୧୯ରେ ଆମେରିକା ତାଙ୍କ ଉପରେ କଟକଣା ଲଗାଇଥିଲା। ତେବେ ସର୍ବୋଚ୍ଚ ନେତା ହେବା ପାଇଁ ଜଣେ ବ୍ୟକ୍ତି 'ଆୟୋତୁଲ୍ଲା' ପାହ୍ୟାର ଧର୍ମଗୁରୁ ହେବା ଆବଶ୍ୟକ, କିନ୍ତୁ ମୁଜତାବା ବର୍ତ୍ତମାନ ସୁଦ୍ଧା ସେ ସ୍ତରରେ ପହଞ୍ଚି ପାରିନାହାନ୍ତି। ପୁଣି ଇରାନ ବିପ୍ଳବ ରାଜତନ୍ତ୍ର ବା ବଂଶାନୁକ୍ରମିକ ଶାସନ ବିରୋଧରେ ହୋଇଥିଲା। ତେଣୁ ପିତାଙ୍କ ପରେ ପୁଅ ଶାସନ ଗଦିରେ ବସିବାକୁ ନେଇ ଅନେକ ଧର୍ମଗୁରୁ ବିରୋଧ କରିପାରନ୍ତି।

### ଖାମନେଇଙ୍କ ପୁଅ ମୁଜତବାଙ୍କୁ ନେଇ ଚର୍ଚ୍ଚା




## ୩୬ ବର୍ଷ ଧରି ସର୍ବୋଚ୍ଚ ପଦରେ ଥିଲେ ଖାମନେଇ

**ତେହେରାନ,୧।୩(ଏଜେନ୍ସି):** ଖାମନେଇ ୧୯୮୯ରୁ ମୃତ୍ୟୁପର୍ଯ୍ୟନ୍ତ ଇରାନର 'ସର୍ବୋଚ୍ଚ ନେତା' ଭାବେ ଦାୟିତ୍ୱରେ ରହିଥିଲେ। ତାଙ୍କ ମୃତ୍ୟୁ ସହ କେବଳ ଇରାନ ନୁହେଁ, ସାରା ମଧ୍ୟପ୍ରାଚ୍ୟ ଓ ସମଗ୍ର ପଶ୍ଚିମ ଏସିଆରେ ଏକ ଯୁଗର ଅବସାନ ହୋଇଛି କହିଲେ ଭୁଲ ହେବନାହିଁ। ସେ ଦେଶର ରାଜନୈତିକ ଓ ଧାର୍ମିକ କ୍ଷେତ୍ରରେ ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତିଥିଲେ। ୧୯୩୯ରେ ସେ ଇରାନ ପବିତ୍ର ସହର ମସହଦ୍‌ରେ ଜନ୍ମଗ୍ରହଣ କରିଥିଲେ। ୧୯୭୯ରେ ଇରାନରେ ଇସ୍‌ଲାମିକ ବିପ୍ଳବ ସମୟରେ ସେ ରୁହୋଲ୍ଲା ଖୋମେନେଇଙ୍କର ଜଣେ ଘନିଷ୍ଠ ସହଯୋଗୀ ଥିଲେ। ବିପ୍ଳବ ପୂର୍ବରୁ ଶାହାଙ୍କ ଶାସନ ସମୟରେ ତାଙ୍କୁ ଅନେକଥର ଜେଲ୍ ଯିବାକୁ ପଡ଼ିଥିଲା। ସେ ୧୯୮୧ରୁ ୧୯୮୯ ପର୍ଯ୍ୟନ୍ତ ଇରାନର ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଥିଲେ। ଏହି ସମୟରେ ଇରାନ ଓ ଇରାକ ମଧ୍ୟରେ ଯୁଦ୍ଧ ହୋଇଥିଲା ଓ ଏଭଳି କଠିନ ପରିସ୍ଥିତିକୁ ସେ ସାମ୍ନା କରିଥିଲେ। ରୁହୋଲ୍ଲା ଖୋମେନେଇଙ୍କ ମୃତ୍ୟୁ ପରେ ତାଙ୍କୁ ଇରାନର ଦ୍ୱିତୀୟ ସୁପ୍ରିମ ଲିଡର ଅର୍ଥାତ ସର୍ବୋଚ୍ଚ ନେତା ଭାବେ ନିଯୁକ୍ତି କରାଯାଇଥିଲା। ସେବେଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଏହି ଗୁରୁ ଦାୟିତ୍ୱ ବହନ କରିଆସୁଥିଲେ। ଖାମନେଇଙ୍କ ପାଖରେ ଦେଶର ଚୂଡାନ୍ତ ନିଷ୍ପତ୍ତି ନେବାର କ୍ଷମତା ଥିଲା। ସେ ମୁଖ୍ୟତଃ ସାମରିକ ବଳ, ବିଦେଶ ନୀତି ଓ ଆଞ୍ଚଳିକ ପ୍ରଭାବକୁ ନିୟନ୍ତ୍ରଣ କରୁଥିଲେ। ଇରାକର ସେନା ଓ ଶକ୍ତିଶାଳୀ ଆଇଆରଜିସି (ରିଭୋଲ୍ୟୁସନାରୀ ଗାଡର୍) ତାଙ୍କ ନିର୍ଦ୍ଦେଶରେ ପରିଚାଳିତ ହେଉଥିଲା। ସେହିପରି ସେ ପାଶ୍ଚାତ୍ୟ ଦେଶ, ବିଶେଷ କରି ଆମେରିକା ଓ ଓ ଇସ୍ରାଏଲ ବିରୋଧରେ ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଆଞ୍ଚଳିକ କ୍ଷେତ୍ରରେ ଥିବା ସିରିଆ, ଇରାକ, ଲେବାନନ ଓ ୟେମେନ ଭଳି ଦେଶରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଓ ସେଠାକାର ଗୋଷ୍ଠୀକୁ ସାହାଯ୍ୟ କରିବାରେ ତାଙ୍କର ବଡ଼ ହାତ ଥିଲା। ଖାମନେଇଙ୍କ ଶାସନ କାଳରେ ଇରାନ ଅନେକ ଅନ୍ତର୍ଜାତୀୟ କଟକଣା ଓ ପରମାଣୁ କାର୍ଯ୍ୟକ୍ରମକୁ ନେଇ ବିବାଦର ସମ୍ମୁଖୀନ ହୋଇଥିଲା। ଏବେ ସେ ସବୁ କାହାଣୀରେ ପରିଣତ ହୋଇଛି। ଏବେ ତାଙ୍କ ବିନା ଇରାକକୁ ଆଗକୁ ବଢ଼ିବାର ସମୟ ଉପନୀତ ହୋଇଛି।

## ଅଲୀରେଜା ଆରଫିଂ ନୂଆ ସର୍ବୋଚ୍ଚ ନେତା

**ତେହେରାନ,୧।୩(ଏଜେନ୍ସି):** ସର୍ବୋଚ୍ଚ ନେତା ଖମନେଇଙ୍କ ମୃତ୍ୟୁ ପରେ ଇରାନ ଓ ଇରାନର ଶାସନ ପ୍ରକ୍ରିୟା ବଡ଼ ଧରଣର ପରିବର୍ତ୍ତନ ଦେଇ ଗତି କରୁଛି। ଦେଶରେ ସ୍ଥିରତା ବଜାୟ ରଖିବା ପାଇଁ ଏକ ଅସ୍ଥାୟୀ ନେତୃତ୍ୱ ଦାୟିତ୍ୱ ଗ୍ରହଣ କରିଛନ୍ତି। ଇରାନର ଏହି ପରିବର୍ତ୍ତନର ସମୟ ଉପରେ ସାରା ବିଶ୍ୱର ନଜର ରହିଛି। ବର୍ତ୍ତମାନ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିଆନ ଓ ମୁଖ୍ୟ ବିଚାରପତି ଗୋଲାମ- ହୋସେନ ମୋହସିନ-ଏଜେଇ ଏବଂ ଗାର୍ଡିଆନ କାଉନସିଲର ଜଣେ ସଦସ୍ୟ ମିଳିତ ଭାବେ ଦେଶର ଶାସନ ଦାୟିତ୍ୱ ତୁଲାଇବେ। ଖାମନେଇଙ୍କ ପରବର୍ତ୍ତୀ ଉତ୍ତରାଧିକାରୀ ବାଛିବା ପାଇଁ ଉଚ୍ଚସ୍ତରୀୟ ଧର୍ମଗୁରୁଙ୍କ ଏକ ଗୋଷ୍ଠୀ ଦାୟିତ୍ୱ ଗ୍ରହଣ କରିବେ। ତେବେ ଯୁଦ୍ଧ ସ୍ଥିତି କାରଣରୁ ଏହି ପ୍ରକ୍ରିୟାରେ ବିଳମ୍ବ ହୋଇପାରେ। ଇତିମଧ୍ୟରେ ଖାମନେଇଙ୍କ ସ୍ଥାନରେ ବିଶିଷ୍ଟ ଧର୍ମଗୁରୁ ଆୟତୋଲ୍ଲା ଅଲୀରେଜା ଆରଫିଙ୍କୁ ଅସ୍ଥାୟୀ ରୂପେ ସର୍ବୋଚ୍ଚ ଆଧ୍ୟାତ୍ମିକ ନେତା ରୂପେ ମନୋନୀତ କରାଯାଇଛି। ସ୍ଥାୟୀ ସର୍ବୋଚ୍ଚ ନେତା ମନୋନୀତ ହେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ।



## ଶନିବାର ସକାଳ କାହିଁକି?

**ଦୁବାଇ,୧।୩(ଏଜେନ୍ସି):** ଖାମନେଇଙ୍କୁ ଟାର୍ଗେଟ କରିବା ପାଇଁ ଆମେରିକା ଓ ଇସ୍ରାଏଲ୍ ଅତି ଚତୁରତାର ସହ ସମୟ ନିର୍ଦ୍ଧାରଣ କରିଥିଲେ। ଏହି ଆକ୍ରମଣ ପଛରେ କେତୋଟି ଗୁରୁତ୍ୱପୂର୍ଣ୍ଣ ରଣନୀତି ଥିଲା। ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଖାମନେଇଙ୍କୁ ପ୍ରଥମେ ଆକ୍ରମଣ କରିବା ଜରୁରୀ ଥିଲା। ଯଦି ସେ ସାମାନ୍ୟ ସୁରାକ ପାଇଥାନ୍ତେ, ତେବେ ସେ କୌଣସି ଗୋପନୀୟ ସ୍ଥାନରେ ଲୁଚି ଯାଇଥାନ୍ତେ। ତେଣୁ ତାଙ୍କୁ ସୁଯୋଗ ନ ଦେବା ପାଇଁ ଏହି ସମୟକୁ ବଛାଯାଇଥିଲା। ପ୍ରଥମେ ଶନିବାର ସନ୍ଧ୍ୟାରେ ଖାମନେଇ ନିଜର ଶୀର୍ଷ ପରାମର୍ଶଦାତାଙ୍କ ସହ ବୈଠକ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଇସ୍ରାଏଲ ଗୁଇନ୍ଦା ସଂସ୍ଥା ଜାଣିବାକୁ ପାଇଥିଲା ଯେ ଏହି ବୈଠକ ଶନିବାର ସକାଳେ ହେଉଛି। ଫଳରେ ଆକ୍ରମଣର ସମୟ ଆଗୁଆ କରି ଦିନ ଦ୍ୱିପହରରେ ହିଁ କମ୍ପାଉଣ୍ଡ ଉପରେ ବୋମା ମାଡ଼ କରାଯାଇଥିଲା। ଖାମନେଇ ଏକ ସୁରକ୍ଷିତ ସ୍ଥାନରେ ଅଲି ଶାମଖାନି ଓ ଅଲି ଲାରିଜାନିଙ୍କ ସହ ଆଲୋଚନା କରୁଥିବା ବେଳେ ହିଁ ଏହି ଆକ୍ରମଣ ହୋଇଥିଲା। ଏଥିରେ ଖାମନେଇ ଓ ଶାମଖାନିଙ୍କର ମୃତ୍ୟୁ ଘଟିଥିବା ବେଳେ ଲାରିଜାନି ବର୍ତ୍ତିଯାଇଛନ୍ତି।

# ଖାମନେଇଙ୍କୁ ହତ୍ୟା ପାଇଁ ଏମିତି ଟାର୍ଗେଟ କରାଯାଇଥିଲା

**ନୂଆଦିଲ୍ଲୀ,୧।୩ (ଏଜେନ୍ସି):** ଖାମନେଇଙ୍କୁ ହତ୍ୟା କରିବା ପାଇଁ ଆମେରିକା ଓ ଇସ୍ରାଏଲ୍ ଏକ ଅତି ଗୋପନୀୟ ଏବଂ ସମନ୍ୱିତ ଯୋଜନା ପ୍ରସ୍ତୁତ କରିଥିଲେ। 'ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ଅନୁଯାୟୀ, ଇସ୍ରାଏଲ ଯୁଦ୍ଧ ବିମାନଗୁଡ଼ିକ ଖାମନେଇ ରହୁଥିବା କମ୍ପ୍ଲେକ୍ସ ତଥା ବାସଭବନ ଉପରେ ୩୦ଟି ବୋମା ମାଡ଼ କରିଥିଲେ। ଆମେରିକା ଓ ଇସ୍ରାଏଲର ଗୁପ୍ତଚର ସଂସ୍ଥାଗୁଡ଼ିକ ଇରାନର ସାମରିକ ଓ ରାଜନୈତିକ ନେତୃତ୍ୱଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ବିଷୟରେ ସୂଚନା ପାଇଥିଲେ। ଯେତେବେଳେ ଖାମନେଇଙ୍କ ସଠିକ୍ ଅବସ୍ଥିତି ଜଣାପଡ଼ିଥିଲା, ସେତେବେଳେ ଦିନ ଦ୍ୱିପହରରେ ଏହି ଆକ୍ରମଣ କରାଯାଇଥିଲା। କେବଳ ଖାମନେଇ ନୁହନ୍ତି, ବରଂ ଇରାନ ପ୍ରତିରକ୍ଷା ମନ୍ତ୍ରୀ ଅମୀର ନାସିରଜାଦେ ଓ ସେନାମୁଖ୍ୟ ମହମ୍ମଦ ପାକପୁରଙ୍କୁ ମଧ୍ୟ ଏହି ଆକ୍ରମଣରେ ଟାର୍ଗେଟ କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗୁପ୍ତଚର ରିପୋର୍ଟ ମୁତାବକ, ଇରାନ ଆମେରିକୀୟ ଘାଟି ଉପରେ ଆକ୍ରମଣ ଯୋଜନା କରୁଥିଲା। ଫଳରେ ଆମେରିକା ଏହି ପଦକ୍ଷେପ ନେଇଥିଲା। ଇରାନ ଖାମନେଇଙ୍କ ମୃତ୍ୟୁକୁ ନିଶ୍ଚିତ କରିବା ସହ ୪୦ ଦିନିଆ ଜାତୀୟ ଶୋକ ଘୋଷଣା କରିଛି। ଖାମନେଇଙ୍କ ମୃତ୍ୟୁ ପରେ ଇରାନ ପଶ୍ଚିମ ଏସିଆ ତଥା ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକ ଉପରେ ଆକ୍ରମଣ କରିବାକୁ ଚେତାବନୀ ଦେଇଛି। ଏହାର ଜବାବରେ ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଯଦି ଆମେରିକା ଓ ଇସ୍ରାଏଲ ଉପରେ ଆକ୍ରମଣ ହୁଏ, ତେବେ ଇରାନ ପୂର୍ବରୁ କେବେ ଦେଖି ନଥିବା ଭଳି ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ।

### ୩୦ଟି ବୋମା ମାଡ଼ରେ ଧ୍ୱଂସ ହେଲା ଖାମନେଇଙ୍କ ବାସଭବନ



## ୪୦ ଦିନିଆ ଶୋକ

**ତେହରାନ, ୧।୩ (ଏଜେନ୍ସି):** ଆମେରିକା ଏବଂ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ୍ଲୀ ଖାମନେଇ (୮୬) ପ୍ରାଣ ହରାଇଛନ୍ତି। ଗତକାଲି ଖାମନେଇଙ୍କ ଅଫିସରେ ଆମେରିକା ଓ ଇସ୍ରାଏଲ ପକ୍ଷରୁ ୩୦ଟି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏହି ଆକ୍ରମଣରେ ଖାମନେଇଙ୍କ ଝିଅ-ଜ୍ୱାଇଁ, ବୋହୂ, ନାତୁଣୀ ସମେତ କମ୍ପ୍ଲେକ୍ସରେ ଥିବା ୪୦ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଆକ୍ରମଣ ସମୟରେ କମାଣ୍ଡର୍ସଙ୍କ ସହ ଖାମନେଇ ବୈଠକ କରୁଥିଲେ। ଗୁଇନ୍ଦା ଏବଂ ସାଇବର ସୁରକ୍ଷା ପାଇଁ ପ୍ରସିଦ୍ଧି ହାସଲ କରିଥିବା ଇରାନ ଏହି ଆକ୍ରମଣ ବିଷୟରେ କୌଣସି ସୂଚନା ପାଇପାରି ନ ଥିଲା। ଶନିବାର ବିଳମ୍ବିତ ରାତିରେ ଖାମନେଇ ପ୍ରାଣ ହରାଇଥିବା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଦାବି କରିଥିଲେ। ଏହାର କିଛି ସମୟରେ ରାଷ୍ଟ୍ରପତି ଟ୍ରମ୍ପ ମଧ୍ୟ ସମାନ ସୂଚନା ଦେଇଥିଲେ। ମାତ୍ର ରବିବାର ସକାଳେ ଇରାନ ସରକାରୀ ଗଣମାଧ୍ୟମ ଖାମନେଇଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଥିଲା। ଖାମନେଇଙ୍କ ମୃତ୍ୟୁକୁ ନେଇ ଇରାନରେ ୪୦ ଦିନିଆ ରାଷ୍ଟ୍ରୀୟଶୋକ ଏବଂ ୭ ଦିନ ଛୁଟି ଘୋଷଣା କରାଯାଇଛି।

## ସେହି ଶନିବାର: ୪୫ ବର୍ଷ ପୂର୍ବେ ହତ୍ୟା ଉଦ୍ୟମ ହୋଇଥିଲା

**ତେହେରାନ,୧।୩(ଏଜେନ୍ସି):** ସର୍ବୋଚ୍ଚ ନେତା ଖାମନେଇଙ୍କ ମୃତ୍ୟୁ ସହ ଇରାନରେ ଏକ ଦୀର୍ଘ ଦଶନ୍ଧିର ଶାସନକାଳ ଓ ଯୁଗର ଅନ୍ତ ଘଟିଛି। ଶନିବାର ସହ ଖାମନେଇଙ୍କ ମୃତ୍ୟୁର ସଂଯୋଗ ରହିଛି। ୪୫ ବର୍ଷ ପୂର୍ବେ ୧୯୮୧ ଜୁନ୍ ୨୭ରେ ଏକ ମସଜିଦ୍‌ରେ ଭାଷଣ ଦେଉଥିବା ସମୟରେ ଖାମନେଇଙ୍କୁ ହତ୍ୟା କରିବାକୁ ଚେଷ୍ଟା କରାଯାଇଥିଲା। ସେଦିନ ଥିଲା ଶନିବାର। ଏକ ଟେପ ରେକର୍ଡରେ ବୋମା ବିସ୍ଫୋରଣ ହେବା ଫଳରେ ତାଙ୍କର ଡାହାଣ ହାତ ସବୁଦିନ ପାଇଁ ପକ୍ଷାଘାତ ହୋଇଯାଇଥିଲା। ଏହି ଘଟଣାର ୪୫ ବର୍ଷ ପରେ ପୁଣି ଏକ ଶନିବାର ଦିନ (୨୦୨୬ ଫେବୃଆରୀ ୨୮/ ମାର୍ଚ୍ଚ ୧) ଆକ୍ରମଣରେ ତାଙ୍କର ପ୍ରାଣହାନୀ ଘଟିଛି। ୧୯୮୯ରେ ସୁପ୍ରିମ ଲିଡର ହେବା ପରେ ସେ ଇରାନରେ କଠୋର ଇସ୍‌ଲାମିକ ନିୟମ ଲାଗୁ କରିଥିଲେ। ୧୯୯୯, ୨୦୦୯, ୨୦୧୯ ଏବଂ ନିକଟରେ ମହସା ଅମିନଙ୍କ ମୃତ୍ୟୁ ପରେ ହୋଇଥିବା 'ଓମ୍ୟାନ, ଲାଇଫ୍, ଫ୍ରିଡମ୍' ଆନ୍ଦୋଳନକୁ ଅତି ନିର୍ଦ୍ଦୟ ଭାବେ ଦମନ କରିଥିଲେ। ଖାମନେଇ ସବୁବେଳେ ଆମେରିକା ସହ ଆଲୋଚନା କରିବାକୁ ବିରୋଧ କରୁଥିଲେ। ତାଙ୍କର ଆମେରିକା ସହ ସନ୍ଧି କରିବା ନିରର୍ଥକ ଥିଲା। ମୃତ୍ୟୁ ପୂର୍ବରୁ ସେ ଚେତାବନୀ ଦେଇଥିଲେ ଯେ ଇରାନ ଉପରେ ଆକ୍ରମଣ ହେଲେ ଏହା ଏକ ବଡ଼ ଆଞ୍ଚଳିକ ଯୁଦ୍ଧରେ ପରିଣତ ହେବ। ୧୯୮୯ରେ ଖୋମେନେଇଙ୍କ ମୃତ୍ୟୁପରେ ଯେତେବେଳେ ତାଙ୍କୁ ସର୍ବୋଚ୍ଚ ନେତାଭାବେ ନିଯୁକ୍ତ କରାଗଲା, ସେ ନିଜେ ଏହାକୁ ବିରୋଧ କରି କହିଥିଲେ ଯେ, ସେ ଏହି ପଦବୀ ପାଇଁ ଯୋଗ୍ୟ ନୁହଁନ୍ତି। କିନ୍ତୁ ଏହାପରେ ସେ ଇରାନର ଶକ୍ତିଶାଳୀ ନେତା ଭାବେ ଉଭା ହୋଇଥିଲେ। ଖାମନେଇ ସବୁବେଳେ କଡ଼ା ସୁରକ୍ଷା ବଳୟ ଭିତରେ ରହୁଥିଲେ। ୧୯୮୯ ପରେ ସେ କେବେବି ଦେଶ ବାହାରକୁ ଯାଇ ନ ଥିଲେ। ୧୯୮୯ରେ ସେ ଶେଷଥର ପାଇଁ ଉତ୍ତର କୋରିଆ ଗସ୍ତ କରିଥିଲେ। ଏହା ତାଙ୍କର ଶେଷ ବିଦେଶ ଗସ୍ତ ଥିଲା। ଏହା ସତ୍ତ୍ୱେ ଆମେରିକା ଓ ଇସ୍ରାଏଲ କିପରି ତାଙ୍କର ଠିକ୍ ସ୍ଥାନ ଚିହ୍ନଟ କରି ହତ୍ୟା କଲେ, ତାହା ସାରା ବିଶ୍ୱ ପାଇଁ ଏକ ବଡ଼ ପ୍ରଶ୍ନ ହୋଇଛି।

## ପାକିସ୍ତାନରେ ଆମେରିକୀୟ ଦୂତାବାସ ଆକ୍ରମଣ ଉଦ୍ୟମ, ୨୮ ମୃତ



**ନୂଆଦିଲ୍ଲୀ,୧।୩(ଏଜେନ୍ସି):** ଇରାନର ସର୍ବୋଚ୍ଚ ନେତା ଆୟୋତୁଲ୍ଲା ଅଲି ଖାମନେଇଙ୍କ ମୃତ୍ୟୁ ପରେ ପାକିସ୍ତାନର ବନ୍ଦର ସହଜର କରାଚିରେ ପ୍ରବଳ ଉତ୍ତେଜନା ଦେଖା ଦେଇଛି। ଏହି ଘଟଣାକୁ ନେଇ ସିଆ ସଂଗଠନଗୁଡ଼ିକ ପକ୍ଷରୁ ଆମେରିକା ବିରୋଧରେ ପ୍ରଦର୍ଶନ କରାଯାଉଥିବା ବେଳେ ହିଂସାକାଣ୍ଡ ଘଟି ୨୮ ଜଣ ଲୋକ ମୃତ୍ୟୁ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। କରାଚିସ୍ଥିତ ଆମେରିକୀୟ ଦୂତାବାସ ଭିତରେ ପଶିବାକୁ ଚେଷ୍ଟା କରୁଥିବା ଆନ୍ଦୋଳନକାରୀଙ୍କ ଉପରକୁ ଆମେରିକୀୟ ମାରିନ ସୁରକ୍ଷାକର୍ମୀମାନେ ଗୁଳି ଚଳାଇଥିବା ସୂଚନା ମିଳିଛି। ଏଥିରେ ୧୨ ଜଣ ପ୍ରାଣ ହରାଇଥିବା ବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି। ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଖାମନେଇଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଏହି ପ୍ରତିବାଦ ଆରମ୍ଭ ହୋଇଥିଲା। ପୁଲିସ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଲୁହବୁହା ଗ୍ୟାସ ପ୍ରୟୋଗ କରିବା ସହ ପ୍ରମୁଖ ରାସ୍ତାଗୁଡ଼ିକୁ ସିଲ୍ କରିଦେଇଛି। କନସୁଲେଟ୍ ବା ଦୂତାବାସ ଅଞ୍ଚଳରେ ଅତିରିକ୍ତ ବଳ ମୁତୟନ କରାଯାଇଛି। କେବଳ କରାଚି ନୁହେଁ, ଲାହୋର ଓ ସ୍କାର୍ଦୁ ପରି ସହରରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍କାର୍ଦୁରେ ଲୋକେ ମିଳିତ ଜାତିସଂଘ (ୟୁଏନ୍)ର କାର୍ଯ୍ୟାଳୟରେ ନିଆଁ ଲଗାଇଦେଇଛନ୍ତି।

## ଆକ୍ରମଣ ପାଇଁ ଟ୍ରମ୍ପଙ୍କୁ ଉସୁକାଇଥିଲେ ସାଉଦି ରାଜକୁମାର

**ୱାସିଂଟନ,୧।୩(ଏଜେନ୍ସି):** ଇରାନ ଉପରେ ଆକ୍ରମଣ ପାଇଁ ସାଉଦି ରାଜକୁମାର ମହମ୍ମଦ ବିନ ସଲମାନ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଉସୁକାଇଥିଲେ ବୋଲି ଖବର ମିଳିଛି। ଏଥିପାଇଁ ସେ ଗତ ମାସ ଅନେକ ଥର ଗୋପନୀୟ ଭାବେ ଟ୍ରମ୍ପଙ୍କ ସହ କଥା ହୋଇଥିଲେ। ମାତ୍ର ଉପର ଠାଉରିଆ ଭାବେ ନିଜ ବାୟୁସୀମାକୁ କାହା ଉପରେ ଆକ୍ରମଣ ପାଇଁ ଅନୁମତି ଦେବୁ ନାହିଁ ବୋଲି କହିଥିଲେ। ଇରାନକୁ ବଡ଼ ବିପଦ ଭାବେ ଦର୍ଶାଇ ଟ୍ରମ୍ପଙ୍କୁ ଆକ୍ରମଣ ପାଇଁ ରାଜି କରାଇଥିଲେ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ମଧ୍ୟ ଆକ୍ରମଣ ପାଇଁ ଚାପ ପକାଇଥିଲେ। ଏହାପରେ ଟ୍ରମ୍ପ ଆକ୍ରମଣ ପାଇଁ ପ୍ରସ୍ତୁତି କରିବାକୁ କହିଥିଲେ। ଇରାନ ଆଗାମୀ ଏକ ଦଶନ୍ଧି ମଧ୍ୟରେ ଆମେରିକା ମେନ ଲ୍ୟାଣ୍ଡ ପ୍ରତି ବିପଦ ସୃଷ୍ଟି କରିପାରିବ ନାହିଁ ବୋଲି ଗୁଇନ୍ଦା ରିପୋର୍ଟରୁ ଜଣା ପଡ଼ିଥିଲା। ଏହା ସତ୍ତ୍ୱେ ଇରାନରେ ହୋଇଥିବା ଆକ୍ରମଣ ଅନ୍ୟ ଇଙ୍ଗିତରେ କରାଯାଇଥିବା ସ୍ପଷ୍ଟ ହେଉଛି।

ଏଭଳି ସ୍ଥିତିରେ ମଧ୍ୟପ୍ରାଚ୍ୟର ୧୬ ମୁସଲିମ ଦେଶ ଇରାନକୁ କାହିଁକି ସୁରକ୍ଷା ଦେଲେନି ବୋଲି ପ୍ରଶ୍ନ ଉଠୁଛି। ଅନେକ ଦେଶ ସହ ଭଲ ସମ୍ପର୍କ ଥିବା ସତ୍ତ୍ୱେ ଇରାନ ଏକ ଘରିକିଆ ହୋଇଯାଇଛି। ଏହା ପଛରେ ଅନେକ କାରଣ ରହିଛି। ସେଗୁଡିକ ମଧ୍ୟରେ ଆତଙ୍କବାଦୀ ଗୋଷ୍ଠୀକୁ ଇରାନର ସହାୟତା, ସିଆ-ସୁନି ବିବାଦ, ଭୂରାଜନୈତିକ ସ୍ଥିତି ଆଦି ପ୍ରମୁଖରେ ରହିଛି। ହିଜବୁଲ୍ଲାହ, ହମାସ ଏବଂ ହୁତି ବିଦ୍ରୋହୀ ଭଳି ଆତଙ୍କବାଦୀ ସଂଗଠନ ସହାୟତାରେ ଇରାନ ଅନେକ ଦେଶରେ ଅସ୍ଥିରତା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଏଥିପାଇଁ ମୁସଲିମ ଦେଶଗୁଡ଼ିକ ଇରାନକୁ ଦୋଷ ଦେଉଛନ୍ତି। ତେଣୁ ସାଉଦି, ୟୁଏଇ, ଜୋର୍ଡାନ ଆଦି ଦେଶ ସହାୟତା ଦେବାକୁ ମନା କରିଦେଇଛନ୍ତି। ସେହିପରି ସାଉଦି ଏବଂ ତୁର୍କୀ ସୁନି ମୁସଲିମ ଦେଶ ହୋଇଥିବାବେଳେ ଇରାନ ନିଜକୁ ସିଆଙ୍କ ଖଲିଫା କହୁଛି। ମାତ୍ର ଇରାକ, ସିରିଆ, ଲେବନାନ, ଜୋର୍ଡାନ, ପାଲେଷ୍ଟାଇନ, କୁଏତ, କାତାର, ଅଜରବୈଜାନ, ବାହାରିନ, ୟୁଏଇ, ଓମାନ, ୟେମେନ, ଇଜିପ୍ଟ ଏବଂ ଲିବିଆ ଆଦି ଦେଶ ମଧ୍ୟ ରହିଛନ୍ତି। କିନ୍ତୁ ଅଧିକାଂଶ ଦେଶରେ ଉଭୟ ସିଆ ଏବଂ ସୁନି ରହିଛନ୍ତି। ଏହି ଦେଶ ଯୁଦ୍ଧକୁ ବିରୋଧ କରୁଥିଲେ ବି ଖୋଲାଖୋଲି ଭାବେ ଇରାନକୁ ସମର୍ଥନ ଦେଇପାରୁ ନାହାନ୍ତି।

### ଇସଲାମିକ ବିଶ୍ୱରେ ଇରାନ ଏକଘରିକିଆ



## ଦ୍ୱନ୍ଦ୍ୱରେ ପାକିସ୍ତାନ: ସାଉଦିକୁ ସମର୍ଥନ, ଖାମନେଇଙ୍କ ହତ୍ୟାକୁ ନିନ୍ଦା

**ଇସଲାମାବାଦ,୧।୩(ଏଜେନ୍ସି):** ଯୁଦ୍ଧକୁ ନେଇ ପାକିସ୍ତାନ ଅକଳରେ ପଡ଼ିଛି। ଏହି ଦେଶ ଇରାନ ସପକ୍ଷରେ ଥିବା ଦେଖାଇବାକୁ ପ୍ରୟାସ କରିଛି। ଆମେରିକା ଏବଂ ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରି ବୟାନ ଜାରି କରିଛି।। ଜବାବୀ କାର୍ଯ୍ୟାନୁଷ୍ଠାନ ନେବା ଇରାନର ଅଧିକାର ବୋଲି କୁହାଯାଇଛି।। ପାକିସ୍ତାନ କହିଛି ଯେ ଖାମନେଇଙ୍କୁ ହତ୍ୟା କରି ଆମେରିକା ଏବଂ ଇସ୍ରାଏଲ ଆନ୍ତର୍ଜାତିକ ଆଇନର ଉଲ୍ଲଂଘନ କରିଛନ୍ତି। ଖାମନେଇଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ସହବାଜ ସରିଫ ଶୋକ ପ୍ରକାଶ କରିଛନ୍ତି। ବିବୃତି ଜାରି କରି ସେମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ମାତ୍ର ସହାୟତାରୁ ପାକିସ୍ତାନ ଦୂରେଇ ରହିଛି। ଅନ୍ୟ ପଟେ ସାଉଦି ଆରବରେ ଇରାନ କରିଥିବା ଆକ୍ରମଣକୁ ବି ଇସଲାମାବାଦ ନିନ୍ଦା କରିଛି। ଅନ୍ୟପଟେ ମୁସଲିମ ଦେଶ ନ ହୋଇ ବି ଚୀନ୍ ଇରାନକୁ ସମର୍ଥନ ଦେଉଛି। ଆକ୍ରମଣକୁ ନେଇ ବେଜିଂ ଚିନ୍ତା ପ୍ରକଟ କରିଛି। ତୁରନ୍ତ ଅସ୍ତ୍ରବିରତି ପାଇଁ ନିବେଦନ କରିଛି। ସବୁ ପକ୍ଷ ଆଲୋଚନା ଆରମ୍ଭ କରନ୍ତୁ ବୋଲି ବାର୍ତ୍ତା ଦେଇଛି। ଅର୍ଥାତ୍ ଇରାନକୁ ଚୀନ୍ ସମ୍ପୂର୍ଣ୍ଣ ସମର୍ଥନ ଦେଇନାହିଁ।

## ଇରାନରେ ବି ବିଫଳ ହେଲା ଚୀନ୍‌ର ଏୟାର ଡିଫେନ୍ସ ସିଷ୍ଟମ

**ତେହେରାନ,୧।୩(ଏଜେନ୍ସି):** ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନର ସହରଗୁଡ଼ିକ ଛାରଖାର ହେବା ପରେ, ଇରାନର ବାୟୁ ପ୍ରତିରକ୍ଷା ପ୍ରଣାଳୀ (ଏୟାର ଡିଫେନ୍ସ ସିଷ୍ଟମ)ର କ୍ଷମତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷ କରି ଚୀନ୍‌ଠାରୁ କିଣାଯାଇଥିବା ଏଚ୍‌କ୍ୟୁ-୯ବି ସିଷ୍ଟମ ଶତ୍ରୁ ପକ୍ଷର ମିସାଇଲ ରୋକିବାରେ ବିଫଳ ହୋଇଥିବା ସ୍ପଷ୍ଟ ହୋଇଛି। ଇରାନ ନିଜର ତୈଳ ବଦଳରେ ଚୀନଠାରୁ ଏହି ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରଣାଳୀ କ୍ରୟ କରିଥିଲା। ପୂର୍ବରୁ ପାକିସ୍ତାନରେ ମଧ୍ୟ ଭାରତର 'ଅପରେସନ ସିନ୍ଦୂର' ସମୟରେ ଏହି ସିଷ୍ଟମ ଫେଲ୍ ମାରିଥିଲା। ବର୍ତ୍ତମାନ ଇରାନରେ ଏହାର ଖରାପ ପ୍ରଦର୍ଶନ ଚୀନର ପ୍ରତିରକ୍ଷା ଟେକ୍ନୋଲୋଜି ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଏଚ୍‌କ୍ୟୁ-୯ବି ହେଉଛି ଚୀନର ଏକ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବାୟୁ ପ୍ରତିରକ୍ଷା ପ୍ରଣାଳୀ। ଏହାର ଲକ୍ଷ୍ୟଭେଦ କ୍ଷମତା ୧୬୦ କିମି ଏବଂ ୫୦ କିମି ଉଚ୍ଚତାରେ ଶତ୍ରୁପକ୍ଷର ବିମାନ ଓ ମିସାଇଲ୍‌କୁ ଖସାଇ ଖସାଇ ଦେଇପାରେ ବୋଲି ଦାବି କରାଯାଏ। ଏହା ଏକାସାଙ୍ଗରେ ୧୦୦ଟି ଲକ୍ଷ୍ୟକୁ ଟ୍ରାକ କରିପାରିବ। ଇରାନ ନିଜର ପରମାଣୁ କେନ୍ଦ୍ର ଓ ତେହେରାନ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏଚ୍‌କ୍ୟୁ-୯ବି ମୁତୟନ କରିଥିଲା। ଏହା ସହିତ ରୁଷର ଏସ୍-୩୦୦ ଓ ସ୍ୱଦେଶୀ ବାଭର-୩୭୩ ମଧ୍ୟ ଥିଲା। କିନ୍ତୁ କେହି ବି ଆମେରିକା- ଇସ୍ରାଏଲର ଶକ୍ତିଶାଳୀ ଆକ୍ରମଣକୁ ରୋକି ପାରିଲେ ନାହିଁ। ଇରାନର ୩୧ଟିରୁ ୨୦ଟିରୁ ଅଧିକ ରାଜ୍ୟ ଆକ୍ରମଣ ଦ୍ୱାରା ପ୍ରଭାବିତ ହୋଇଛି।

**ବ୍ୟବସାୟୀ ରାହୁଲ ହତ୍ୟାକାଣ୍ଡ**

# ସାଙ୍ଗଙ୍କୁ ବଞ୍ଚାଇବାକୁ ଯାଇ ଜୀବନ ଗଲା

ଭୁବନେଶ୍ୱର, ୧।୩ (ସମିସ): ବ୍ୟବସାୟୀ ରାହୁଲ ମହାରଣା ହତ୍ୟାକାଣ୍ଡ ଉପରୁ ପରଦା ହଟିଛି। ମାତ୍ର ୧୨ଘଣ୍ଟା ମଧ୍ୟରେ ପୁଲିସ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିବା ସହ ଅଭିଯୁକ୍ତ ଦାଦା ଓ ୨ ପୁତୁରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି, କଟକ ଜିଲ୍ଲା କାନପୁର ଥାନା ମାନପୁରର ସମରେନ୍ଦ୍ର ବେହେରା ଓରଫ୍ ମୁନା(୨୦), ତା'ର ବଡ଼ଭାଇ ସଂଗ୍ରାମ ବେହେରା ଓରଫ୍ କୁନା (୨୪) ଓ ସେମାନଙ୍କ ଦାଦା ସଂଗ୍ରାମ କେଶରୀ ବେହେରା ଓରଫ୍ ଶତ୍ରୁରା (୩୭)। ସଂଗ୍ରାମ ୧୨୦ ବାଟାଲିୟନରେ ଯବାନ ହୋଇଥିବା ବେଳେ ଜମ୍ମୁ କାଶ୍ମୀରରେ କାର୍ଯ୍ୟରତ ଥିଲେ। ସେମାନଙ୍କଠାରୁ ଦୁଇଟି ବାଇକ୍ ଓ ଛୁରି ଜବତ ହୋଇଛି। ସାମାନ୍ୟ ବଚସାରୁ ଏଭଳି ଜଘନ୍ୟ କାଣ୍ଡ ଘଟିଛି। ବନ୍ଧୁ ଶିବଙ୍କୁ ବଞ୍ଚାଇବାକୁ ଯାଇ ରାହୁଲ ପ୍ରାଣ ହରାଇଛନ୍ତି ବୋଲି ଜଣାଯାଇଛି।



- ଦାଦା, ୨ ପୁତୁରା ମିଶି ମାରିଦେଲେ
- ଯବାନଙ୍କ ସମେତ ୩ ଗିରଫ
- ଦୁଇଟି ବାଇକ୍ ଓ ଛୁରି ଜବତ
- ଅଭିଯୁକ୍ତଙ୍କ ହେବ ଟିଆଇ ପରେଡ୍
- ଚକ୍ଷୁଦାନ କଲେ ମୃତକଙ୍କ ପରିବାର

ପୁଲିସ ସୂଚନା ମୁତାବକ, ଯବାନ ସଂଗ୍ରାମଙ୍କ ପରିବାର ଓ ବଡ଼ ପୁତୁରା କୁନା ଜିଜିପି କଲୋନୀରେ ଭଡ଼ାରେ ରହୁଛନ୍ତି। ସଂଗ୍ରାମ ଛୁଟିରେ ଆସିଥିବାରୁ ସାନ ପୁତୁରା ମୁନା ମଧ୍ୟ ଭୁବନେଶ୍ୱର ଆସିଥିଲା। ଗତକାଲି ସନ୍ଧ୍ୟାରେ ପାଣ୍ଡରା ଅଞ୍ଚଳର ରାହୁଲ, ଶିବ, ସଚିନ ଓ ବବୁଲ ଜିଜିପି କଲୋନୀସ୍ଥିତ ସ୍କୁଲ୍ ପଡ଼ିଆରେ ବସିଥିଲେ। ସେଇ ପାଖରେ ସଂଗ୍ରାମ ଓ ତାଙ୍କ ଦୁଇ ପୁତୁରା କୁନା ଓ ମୁନା ମଧ୍ୟ ବସିଥିଲେ। ଫୋନ୍ ଆସିବାରୁ ରାହୁଲଙ୍କ ସାଙ୍ଗ ଶିବ କଥା ହୋଇ ହୋଇ ସଂଗ୍ରାମଙ୍କ ଆଡ଼କୁ ପଳାଇଥିଲେ। ଶିବ ଫୋନ ଯୋଗେ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରି କଥାବାର୍ତ୍ତା ହେଉଥିବାରୁ ସଂଗ୍ରାମ ଏହାକୁ ବିରୋଧ କରିଥିଲେ। ଫଳରେ ଶିବ ଓ ସଂଗ୍ରାମଙ୍କ ମଧ୍ୟରେ ବଚସା ହୋଇଥିଲା। ସଂଗ୍ରାମ, ମୁନା ଓ କୁନା ମିଶି ଶିବଙ୍କୁ ଗୋଇଠା ଓ ମୁଥ ମାରିଥିଲେ। ରାହୁଲ ପାଟିତୁଣ୍ଡ ଶୁଣି ନିଜ ସାଙ୍ଗ ଶିବଙ୍କୁ ବଞ୍ଚାଇବାକୁ ଯାଇଥିଲେ। ସଂଗ୍ରାମ ଓ କୁନା ମିଶି ରାହୁଲଙ୍କୁ ଧରି ପକାଇଥିବା ବେଳେ ମୁନା ପାଖରେ ରଖିଥିବା ଛୁରିରେ ତାଙ୍କୁ ଆକ୍ରମଣ କରିଥିଲା। ରାହୁଲ କାକୁତିମିନତି ହେଉଥିବା ବେଳେ ମୁନା ତାଙ୍କ ଛାତି, ବେକ ଓ ହାତକୁ ଛୁରି ଭୁସି ଚାଲିଥିଲା। ରାହୁଲ ପଡ଼ିଯିବା ପରେ ଅଭିଯୁକ୍ତମାନେ ଛାଡ଼ି ପଳାଇଥିଲେ। ସେପଟେ, ରାହୁଲଙ୍କ ସାଙ୍ଗ ତାଙ୍କୁ ଉଦ୍ଧାର କରି ଗୋଟିଏ ପରେ ଗୋଟିଏ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରୁ କ୍ୟାପିଟାଲ ହସ୍ପିଟାଲକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେପଟେ ଖବର ପାଇ ମଞ୍ଚେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସ୍କୁଲ୍ ପ୍ରବେଶ ପଥରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରି ୩ ଅଭିଯୁକ୍ତ ବ୍ୟବହାର କରିଥିବା ଦୁଇଟି ଗାଡ଼ିକୁ ଚିହ୍ନଟ କରିଥିଲା। ଗାଡ଼ିରୁ ନମ୍ବରରୁ ମିଳିଥିବା ଠିକଣା କଟକ କାନପୁରର ହୋଇଥିବାରୁ ଅଭିଯୁକ୍ତଙ୍କୁ ତୁରନ୍ତ ଧରିବା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ହେଲେ ସେଥିରୁ ମିଳିଥିବା ମୋବାଇଲ ନମ୍ବରର ଲୋକେସନ୍ ସ୍ଥାନୀୟ ଅଞ୍ଚଳରେ ଦେଖାଇଥିଲା। ପୁଲିସ ଭଡ଼ା ଘରେ ଚଢ଼ଉ କରି ସଂଗ୍ରାମ, ମୁନା ଓ କୁନାକୁ ଗିରଫ କରିଥିଲା। ରାହୁଲଙ୍କ ସାଙ୍ଗ ସଚିନ କୁମାର ନାୟକଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହ ସହ ୩ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କ୍ୟାପିଟାଲ ହସପିଟାଲରେ ମୃତଦେହ ବ୍ୟବଚ୍ଛେଦ କରି ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ହତ୍ୟା ଭଳି ସମ୍ବେଦନଶୀଳ ମାମଲା ହୋଇଥିବାରୁ ଘଟଣାକୁ ପୁଲିସ ଗୁରୁତ୍ୱ ଦେବା ସହ ପ୍ରମାଣ ସଂଗ୍ରହ କରୁଛି। ଏଥିଲାଗି ଅଭିଯୁକ୍ତମାନଙ୍କ ଟିଆଇ ପରେଡ୍ କରାଯିବ ବୋଲି ପୁଲିସ କହିଛି।

**ସାଇବର ଅପରାଧୀଙ୍କ ପାଇଁ କାଳ ସାଜିଛି 'ସାଇବର କବଚ'**

# ୨୮୧ ଗିରଫ, ୨୨ ହଜାରରୁ ଊର୍ଦ୍ଧ୍ୱ ଆକାଉଣ୍ଟ ଯାଞ୍ଚ

କଟକ, ୧।୩ (ସମିସ): ରାଜ୍ୟରେ ସାଇବର ଠକେଇ ଉପରେ ରୋକ୍ ଲଗାଇବା ପାଇଁ ଓଡ଼ିଶା ପୁଲିସ ଏକ ଶକ୍ତିଶାଳୀ ରଣନୀତି ପ୍ରସ୍ତୁତ କରିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶବାହାଦୂର ଖୁରାନିଆଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଆରମ୍ଭ ହୋଇଥିବା 'ଅପରେସନ୍ ସାଇବର୍ କବଚ' ମାଧ୍ୟମରେ ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ ବା ବେନାମୀ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଟାର୍ଗେଟ୍ କରାଯାଇଛି। ସମଗ୍ର ରାଜ୍ୟରେ ଏ ପର୍ଯ୍ୟନ୍ତ ମୋଟ

- ଡିଜିପିଙ୍କ ନିର୍ଦ୍ଦେଶରେ ରାଜ୍ୟବ୍ୟାପୀ ପୁଲିସର ବଡ଼ ଆକ୍ସନ
- ଠାବ ହେଲା ୭୦୦ରୁ ଅଧିକ ବେନାମୀ ବ୍ୟାଙ୍କ ଆକାଉଣ୍ଟ

୨୨,୪୫୫ଟି ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ଏହି ପ୍ରକ୍ରିୟାରେ ୨୮୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ମ୍ୟୁଲ୍ ଆକାଉଣ୍ଟ ସମ୍ପର୍କିତ ୭୬୦ଟି ମାମଲା ସମେତ ଏଟିଏମ୍ ଓ ଚେକ୍ ଜରିଆରେ ଟଙ୍କା ଉଠାଣ ଏବଂ ନକଲି ସିମ୍ କାରବାର ସହ ଜଡ଼ିତ ଏକାଧିକ ନୂଆ ମାମଲା ରୁଜୁ ହୋଇଛି। ଏହି ଅଭିଯାନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପୁଲିସ ବେଶ୍ ସକ୍ରିୟ ଭୂମିକା ଗ୍ରହଣ କରିଛି। ରାଉରକେଲା ଜିଲ୍ଲା ପୁଲିସ୍ ସର୍ବାଧିକ ୩୭ଟି ମାମଲା ରୁଜୁ କରିଥିବା ବେଳେ ଢେଙ୍କାନାଳରେ ୧୨୫ଟି, ବାଲେଶ୍ୱରରେ ୧୧୪ଟି ଏବଂ ବରଗଡ଼ରେ ୧୦୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇଛି। ସେହିପରି, ଗଞ୍ଜାମ ପୁଲିସ ୪ଜଣଙ୍କୁ ଗିରଫ କରିଥିବା ବେଳେ ନୟାଗଡ଼ ପୁଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। କଟକ, ଯାଜପୁର, ପୁରୀ, ଝାରସୁଗୁଡ଼ା, ସମ୍ବଲପୁର ଓ କେନ୍ଦୁଝର ପରି ଜିଲ୍ଲାଗୁଡ଼ିକରେ ମଧ୍ୟ ବେନାମୀ ଆକାଉଣ୍ଟ ଯାଞ୍ଚ ସହ ସନ୍ଦିଗ୍ଧଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ମୋଟାମୋଟି ଭାବେ ରାଜ୍ୟର ୫,୦୯୨ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ପୁଲିସ ପକ୍ଷରୁ ନୋଟିସ୍ ପଠାଯାଇ ଘଟଣାର ତଦନ୍ତ ଜାରି ରହିଛି।

ସାଇବର ଅପରାଧମୁକ୍ତ ଓଡ଼ିଶା ଗଠନ ପାଇଁ ରାଜ୍ୟ ପୁଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି। ବିଶେଷକରି ଲୋକମାନଙ୍କୁ ପ୍ରଲୋଭିତ କରି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଠକେଇ ଟଙ୍କା କାରବାରରେ ବ୍ୟବହାର କରୁଥିବା ମ୍ୟୁଲ୍ ଆକାଉଣ୍ଟ ହୋଲ୍ଡରଙ୍କ ଉପରେ ନଜର ରଖାଯାଇଛି। ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି କଡ଼ାକଡ଼ି କରାଯିବ ଏବଂ କୌଣସି ବି ପରିସ୍ଥିତିରେ ଅପରାଧୀଙ୍କୁ ଛଡ଼ାଯିବ ନାହିଁ। ରାଜ୍ୟବାସୀଙ୍କୁ ନିଜର ବ୍ୟାଙ୍କ ସୂଚନା ଗୋପନ ରଖିବାକୁ ଏବଂ ସାଇବର ଠକେଇର ଶିକାର ହେଲେ ତୁରନ୍ତ ୧୯୩୦ ନମ୍ବରରେ ଜଣାଇବାକୁ ପୁଲିସ ପରାମର୍ଶ ଦେଇଛି।

# ୩୬ ଡିଗ୍ରୀ ଉପରେ ୩ ସହର ତାପମାତ୍ରା

ଭୁବନେଶ୍ୱର, ୧।୩(ସମିସ): ରାଜ୍ୟରେ ତାପମାତ୍ରା ବୃଦ୍ଧି ଆରମ୍ଭ ହୋଇଛି। କ୍ରମାଗତ ଭାବେ କିଛି କିଛି ସ୍ଥାନରେ ତାପମାତ୍ରା ବଢ଼ିବାରେ ଲାଗିଛି। ରବିବାର ରାଜ୍ୟର ୩ଟି ସ୍ଥାନରେ ତାପମାତ୍ରା ୩୬ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ଏକାଧିକ ସ୍ଥାନରେ ତାପମାତ୍ରା ୩୫ଡିଗ୍ରୀ ଉପରେ ରହିଛି। ୩୬.୪ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ଭୁବନେଶ୍ୱର ଓ ସୋନପୁରରେ ୩୬.୨ଡିଗ୍ରୀ ରେକର୍ଡ ହୋଇଛି। ଚଳିତ ବର୍ଷ ମାର୍ଚ୍ଚ-ମେ' ପର୍ଯ୍ୟନ୍ତ ପ୍ରବଳ ତାତି ଅନୁଭୂତ ହେବାକୁ ଥିବା ବେଳେ ପ୍ରାୟ ଅଗଷ୍ଟ ପର୍ଯ୍ୟନ୍ତ ତାମପାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବା ନେଇ ଆଶଙ୍କା କରାଯାଇଛି। ଏଥିପାଇଁ ମାର୍ଚ୍ଚ ଆରମ୍ଭରୁ ତାତି ବୃଦ୍ଧି ପାଇବାରେ ଲାଗିଛି।

ଏହି କ୍ରମରେ ଆଗକୁ ପ୍ରବଳ ଖରାତାତି ଓ ଗରମ ଆରମ୍ଭ ହେବା ସହ ମାର୍ଚ୍ଚ ପ୍ରଥମ ସପ୍ତାହର ଶେଷ ଆଡ଼କୁ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବା ନେଇ ଆକଳନ କରାଯାଉଛି। ବିଶେଷକରି, ଝାରସୁଗୁଡ଼ା, ସୋନପୁର, ଟିଟଲାଗଡ଼ ଓ ଭୁବନେଶ୍ୱର ଭଳି ସହରରେ ତାପମାତ୍ରା ଅଧିକ ରହିବା ନେଇ ଆକଳନ କରାଯାଉଛି। ପଶ୍ଚିମ ଏବଂ ଉତ୍ତର ଓଡ଼ିଶାରେ ପ୍ରବଳ ଗରମ ହେବା ସହ ଉପକୂଳ ଓଡ଼ିଶାରେ ଗୁଳୁଗୁଳିର ପ୍ରଭାବ ଅଧିକ ରହିବା ନେଇ ପୂର୍ବାନୁମାନ କରାଯାଇଛି। ଶନିବାର ସାରା ଦେଶ ପାଇଁ ଗ୍ରୀଷ୍ମକାଳୀନ ଆକଳନ ରିପୋର୍ଟ ଆଇଏମଡି ଜାରି କରିଛି। ଏହି ଆକଳନ ଅନୁସାରେ ମାର୍ଚ୍ଚରୁ ମେ' ମାସ ଯାଏ ସ୍ୱାଭାବିକଠାରୁ ଅଧିକ ତାତି ରହିବ। ଫଳରେ, ଓଡ଼ିଶା ଭଳି ରାଜ୍ୟରେ ଗ୍ରୀଷ୍ମ ଲହରୀ (ହିଟ୍‌ୱେଭ୍) ସ୍ଥିତି ଉତ୍ପନ୍ନ ହେବା ନେଇ ପୂର୍ବାନୁମାନ କରାଯାଇଛି।

**ଲୋଧଣୀ ଗ୍ରାମରେ ସଶସ୍ତ୍ର ଡକାୟତି**

# ମା', ଝିଅଙ୍କୁ ହାଣି ଲୁଟିଲେ

ପରଜଙ୍ଗ, ୧।୩(ସମିସ): ଘରେ ପଶି ମା'-ଝିଅଙ୍କୁ ହାଣି ଲୁଟିଲେ। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଲୋଧଣୀ ଗ୍ରାମରେ ଗତରାତିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ଲୁଟେରାଙ୍କ ଦ୍ୱାରା ଆକ୍ରମଣର ଶିକାର ମା'-ଝିଅ ହେଲେ, ପ୍ରସନ୍ନ ସାହୁଙ୍କ ସ୍ତ୍ରୀ ମାଣିକ ଓ ତାଙ୍କ ଝିଅ ଈଶ୍ୱରୀ। ସେମାନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପରଜଙ୍ଗ ଓ ପରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



ଗତ ରାତିରେ ପ୍ରସନ୍ନଙ୍କ ପରିବାର ଲୋକେ ଖାଇ ପିଇ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଦୁଇ ଲୁଟେରା ତାଙ୍କ ଘରେ ପଶିଥିଲେ। ଏହି ସମୟରେ ପ୍ରସନ୍ନ ଉଠି ପଡ଼ିବାରୁ ଦୁର୍ବୃତ୍ତଦ୍ୱୟ ତାଙ୍କୁ ଏକ କୋଠରିରେ ପୂରାଇ ତାଲା ପକାଇ ଦେଇଥିଲେ। ପରେ ତାଙ୍କ ସ୍ତ୍ରୀ ମାଣିକ ଏବଂ ଝିଅ ଈଶ୍ୱରୀଙ୍କୁ ମାଡ଼ ମାରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ଘରେ ଥିବା ସମସ୍ତ ସୁନା ଅଳଙ୍କାର ଏବଂ ଟଙ୍କା ଧରି ଚମ୍ପଟ ମାରିଥିଲେ। ସେପଟେ, ଲୋଧଣୀ ଗ୍ରାମର ଲୁଲୁ ସାହୁଙ୍କ ଘରେ ପଶି ମଧ୍ୟ ଦୁର୍ବୃତ୍ତମାନେ ଲୁଟପାଟ୍ କରିଛନ୍ତି। ଲୁଲୁଙ୍କ ପରିବାରଲୋକେ ଘରେ ନ ଥିବା ବେଳେ ତାଙ୍କ ଭାଇଙ୍କ ପରିବାର ଲୋକଙ୍କୁ ଦୁର୍ବୃତ୍ତମାନେ

**ସଙ୍କଟାପନ୍ନ ଅବସ୍ଥାରେ କଟକ ସ୍ଥାନାନ୍ତର**

ଘରେ ତାଲା ପକାଇ ଦେଇଥିଲେ। ପରେ ଘର କବାଟ ଓ ଆଲମାରୀ ଭାଙ୍ଗି ସବୁ କିଛି ଲୁଟି ନେଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ, ଏପର୍ଯ୍ୟନ୍ତ ଡକାୟତଙ୍କ ସମ୍ପର୍କରେ କୌଣସି ସୁରାକ ମିଳିନାହିଁ। ପରଜଙ୍ଗ ଅଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି, ହତ୍ୟା ଆଦି ଅପରାଧ ବଢ଼ି ଚାଲିଛି।

# ୧୫ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧।୩ (ସମିସ): ମାଓବାଦୀଙ୍କ ଓଡ଼ିଶା ରାଜ୍ୟ କମିଟିର ସଦସ୍ୟ ସୁଦର୍ଶନଙ୍କ ସମେତ ୧୫ଜଣ ନକ୍ସଲ ଛତିଶଗଡ଼ ମହାସମୁନ୍ଦ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସମସ୍ତେ ମହାସମୁନ୍ଦର ସରାଇପାଲିର ବାଲୋଡ଼ା ଜଙ୍ଗଲରୁ ଆସିଥିଲେ। ୧୪ଜଣ ମାଓବାଦୀ ସ୍ୱୟଂଚାଳିତ ବନ୍ଧୁକ ଏବଂ ଘରୋଇ ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିଥିଲେ। ନକ୍ସଲବାଦୀଙ୍କ ସହ ସ୍ଥାନୀୟ ସାମ୍ବାଦିକ ମଧ୍ୟସ୍ଥି ଭାବେ ରହି ସେମାନଙ୍କ ଆତ୍ମସମର୍ପଣ ପ୍ରକ୍ରିୟାକୁ ସଫଳ କରାଇଥିଲେ। ଏହି ମାଓବାଦୀମାନେ ଦୀର୍ଘ ଦିନ ଧରି ଆମୋ ସଂଗଠନରେ ରହି ଅନେକ ବଡ଼ବଡ଼ ହିଂସାକାଣ୍ଡରେ ସାମିଲ ଥିଲେ। ଆତ୍ମସମର୍ପଣ ନୀତି ଅନୁଯାୟୀ, ଏମାନଙ୍କୁ ୫୦ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ ସହ ଆଗାମୀ ଦିନରେ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତକୁ ବିରୋଧ

ଭୁବନେଶ୍ୱର,୧।୩(ସମିସ): ମହାନଦୀ ଜଳ ବିବାଦର ସମାଧାନ ନାମରେ ଟ୍ରିବ୍ୟୁନାଲର ସଦସ୍ୟମାନେ ପାରିବାରିକ ଗସ୍ତରେ ଓଡ଼ିଶା ଆସି ବିଳାସମୟ ପିକ୍‌ନିକ୍ କରୁଛନ୍ତି ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ଅଭିଯୋଗ କରିଛି। ସଂଗଠନ କହିଛି ଯେ ଏହି ଗସ୍ତରେ ଟ୍ରିବ୍ୟୁନାଲଙ୍କ ପରିବାର ସଦସ୍ୟ ଆସିଥିବା ବେଳେ ସେମାନେ ବିଭିନ୍ନ ସ୍ଥାନ ପରିଦର୍ଶନ କରୁଛନ୍ତି। ରବିବାର ମହାନଦୀ ବଞ୍ଚାଅ ଆନ୍ଦୋଳନର




ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ସଂଗଠନ ପକ୍ଷରୁ ଭୁବନେଶ୍ୱରସ୍ଥିତ ମେ' ଫେୟାର ହୋଟେଲ୍ ସାମନାରେ ପ୍ରତିବାଦ କରାଯିବା ସହ ମହାନଦୀ ପାଇଁ ଟ୍ରିବ୍ୟୁନାଲ ଏବଂ କେନ୍ଦ୍ର ସରକାରଙ୍କୁ ନିଦରୁ ଉଠାଇବା ପାଇଁ ରାଜ୍ୟର ପଲ୍ଲୀଠୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢ଼େଇ ଜୋର୍‌ଦାର୍ ହେବ ବୋଲି କୁହାଯାଇଛି।

ସଂଗଠନ କହିଛି ଯେ ମହାନଦୀ ଟ୍ରିବ୍ୟୁନାଲ ମାର୍ଚ୍ଚ ୨ ପର୍ଯ୍ୟନ୍ତ ୫ ଦିନ ଧରି ଓଡ଼ିଶା ଗସ୍ତରେ ଅଛନ୍ତି। ପୂର୍ବରୁ ୨୦୨୩ରେ ଟ୍ରିବ୍ୟୁନାଲଙ୍କ ଗସ୍ତରେ ଓଡ଼ିଶା ସରକାରଙ୍କର ୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ମହାନଦୀ ଟ୍ରିବ୍ୟୁନାଲଙ୍କ ଗସ୍ତ ପିକ୍‌ନିକ୍ ପାଇଁ ନୁହଁ; ପ୍ରଣୟର ମାଙ୍ଗଳିକ ବୋଲି ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ଉକ୍ତିକୁ ମଧ୍ୟ ମହାନଦୀ ବଞ୍ଚାଅ ଆନ୍ଦୋଳନ ନାପସନ୍ଦ କରିଛି। କାରଣ ଆସିଥିବା ଟ୍ରିବ୍ୟୁନାଲର ୧୦ଜଣ ସଦସ୍ୟଙ୍କ ଭିତରୁ ୪ଜଣ ସେମାନଙ୍କ ପରିବାର ଲୋକ ଏବଂ ସେମାନେ ବୁଲୁଥିବା ସ୍ଥାନ ଭିତରୁ ହୀରାକୁଦକୁ ଛାଡ଼ିଦେଲେ ଅନ୍ୟ ସ୍ଥାନଗୁଡ଼ିକର ମହାନଦୀ ସ୍ଥିତି ଆକଳନ ସହ କୌଣସି ସଂପର୍କ ନାହିଁ। ରାଜ୍ୟ ସରକାରଙ୍କ ବିଳାସପୂର୍ଣ୍ଣ ଅତିଥି ଭବନ ଥିବା ବେଳେ ଫାଇଭ ଷ୍ଟାର ହୋଟେଲରେ ଟ୍ରିବ୍ୟୁନାଲଙ୍କ ରହଣି କ'ଣ ପାଇଁ ବୋଲି ସଂଗଠନ ପ୍ରଶ୍ନ କରିଛି।

ଅନ୍ୟପଟରେ ଛତିଶଗଡ଼ ଆପୋଷ ସମାଧାନ ପାଇଁ ଓଡ଼ିଶାକୁ ସହଯୋଗ ଦେଉନାହିଁ। କାରଣ ଛତିଶଗଡ଼ ଏପର୍ଯ୍ୟନ୍ତ ଓଡିଶା ପରି କମିଟି ଗଠନ କରିନି। ତେଣୁ ଟ୍ରିବ୍ୟୁନାଲ ମଧ୍ୟବର୍ତ୍ତୀକାଳୀନ ଅନ୍ତରୀଣ ଆଦେଶରେ ଅଣ-ମୌସୁମୀ ସମୟରେ ମହାନଦୀର ନିତାନ୍ତ ଆବଶ୍ୟକ ପାଣି ଛାଡିବାକୁ ଛତିଶଗଡ଼କୁ ନିର୍ଦ୍ଦେଶ ଦେବାକୁ ସଂଗଠନ ଆଜି ପ୍ରତିବାଦରେ ଦାବି କରିଛି। କଲମା ବ୍ୟାରେଜରେ ନଦୀର ତଣ୍ଟି ଚିପି ପାଣି ସମ୍ପୂର୍ଣ୍ଣ ବନ୍ଦ କରିବାରୁ ନିବୃତ ରହିବାକୁ ଛତିଶଗଡ଼କୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବାହକ ସୁଦର୍ଶନ ଦାସ କହିଛନ୍ତି। ଟ୍ରିବ୍ୟୁନାଲ ଗସ୍ତରେ ପାଣି ଅଭାବରୁ ପ୍ରଭାବିତ

- 'ମହାନଦୀ ବଞ୍ଚାଅ ଆନ୍ଦୋଳନ'ର ଜୋର୍‌ଦାର୍ ପ୍ରତିବାଦ
- ଆବଶ୍ୟକ ପାଣି ଛାଡ଼ିବାକୁ ଅନ୍ତରୀଣ ଆଦେଶ ଦାବି

ଅଂଚଳ ନ ଯାଇ ହୀରାକୁଦ ଡ୍ୟାମ୍, ଡେବ୍ରିଗଡ଼ ଜଙ୍ଗଲ, ସମଲେଇ, ପୁରୀ ଜଗନ୍ନାଥ, ଲିଙ୍ଗରାଜ, ରାମଚଣ୍ଡୀରେ ବୋଟିଂ, କୋଣାର୍କ ଓ ଚିଲିକା ସି' ମାଉଥ୍ ବୁଲିବା ସହ ବୋଟିଂର କାର୍ଯ୍ୟକ୍ରମ ରହିଛି। ଏହା ପିକ୍‌ନିକ୍, ଏକ୍ସ‌କର୍ସନ ବା ବିଳାସମୟ ଭ୍ରମଣ ନୁହେଁ ତ ଆଉ କ'ଣ ବୋଲି ସଂଗଠନ ପ୍ରଶ୍ନ କରିଛି। ମେଫେୟାରଠାରେ ଆଜିର ପ୍ରତିବାଦରେ ସଂଗଠନର ସହ ଆବାହକ ବାସୁଦେବ ଭଟ୍ଟ, ମୁଖପାତ୍ର ପ୍ରସନ୍ନ ବିଶୋଇ, ଫରୱାର୍ଡ ବ୍ଲକ ନେତା ଜ୍ୟୋତି ମହାପାତ୍ର, ଏନ୍‌ଏଚ୍‌ଆର୍‌ସି କୋର୍ ମେମ୍ବର ମନୋଜ ଜେନା ପ୍ରମୁଖ ସାମିଲ ହୋଇଛନ୍ତି।

# ୫,୩୭୦ ବିଦ୍ୟାଳୟରେ ହେବ ଏଆଇ ଶ୍ରେଣୀଗୃହ

## ନିଅଣ୍ଟିଆ ଭିତ୍ତିଭୂମି ମଧ୍ୟରେ ଏପରି ଯୋଜନାକୁ ଅଭିଭାବକଙ୍କ ନାପସନ୍ଦ

ଭୁବନେଶ୍ୱର, ୧।୩ (ସମିସ): ରାଜ୍ୟରେ ଶିକ୍ଷାଦାନ ପାଇଁ ପର୍ଯ୍ୟାପ୍ତ ଶିକ୍ଷକ ନାହାନ୍ତି। ହାଇସ୍କୁଲରେ ଲାଇବ୍ରେରୀ, ଲାବରାଟୋରୀ, ସ୍ମାର୍ଟ କ୍ଲାସରୁମ୍ ପରି ଅତ୍ୟାଧୁନିକ ବ୍ୟବସ୍ଥା ହୋଇଥିଲେ ମଧ୍ୟ ତହିଁରେ ତାଲା ଝୁଲିଲାଣି। ଏହାକୁ ବ୍ୟବସ୍ଥିତ କରିବା ପୂର୍ବରୁ କୃତ୍ରିମ ବୁଦ୍ଧିମତା (ଏଆଇ) ପରିଚାଳିତ ଭର୍ଚୁଆଲ୍ ଶ୍ରେଣୀଗୃହ ଯୋଡ଼ିବାକୁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଆଇସିଟି ଏବଂ ଡିଜିଟାଲ ପଦକ୍ଷେପ ଅଧୀନରେ ରାଜ୍ୟର ୫,୩୭୦ ବିଦ୍ୟାଳୟରେ ଏହି ବ୍ୟବସ୍ଥା ଲାଗୁ କରିବାକୁ ରୂପରେଖ ପ୍ରସ୍ତୁତ ହୋଇଛି। ଇତିମଧ୍ୟରେ ଓକାକ୍ ପକ୍ଷରୁ ଟେଣ୍ଡର୍ ମଧ୍ୟ ଶେଷ ହୋଇଛି। ମାତ୍ର ରାଜ୍ୟର ନିଅଣ୍ଟିଆ ଭିତ୍ତିଭୂମି ମଧ୍ୟରେ ଶତାଧିକ କୋଟି ଟଙ୍କା ଖର୍ଚ୍ଚ କରି ଡିଜିଟାଲ ଓ ଏଆଇ ପରିଚାଳିତ ଭର୍ଚୁଆଲ ଶ୍ରେଣୀଗୃହ କିପରି ସଫଳ ହେବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।

ଏହି ପ୍ରକଳ୍ପ ଅଧୀନରେ ୪ଟି ମୁଖ୍ୟ ଷ୍ଟୁଡିଓ ସହ ୮ଟି ଜୋନାଲ ସ୍ତରୀୟ ଷ୍ଟୁଡିଓ ରହିବ। ଫାଇବର୍ ଓ ସାଟେଲାଇଟ୍ ଇଣ୍ଟରନେଟ୍ ସଂଯୋଗ ମାଧ୍ୟମରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯିବ। ଓଡ଼ିଆ ସମେତ ଇଂରାଜୀ ଭାଷାରେ ଡିଜିଟାଲ କଣ୍ଟେଣ୍ଟ, ଶିକ୍ଷକଙ୍କ ଦକ୍ଷତା ବିକାଶ, ଏଆଇ ଆଧାରିତ ଭର୍ଚୁଆଲ ଶ୍ରେଣୀଗୃହ, ଇଣ୍ଟରାକ୍ଟିଭ୍ ଫ୍ଲାଟ୍ ପ୍ୟାନେଲ୍, ଡିଜିଟାଲ୍ ମୂଲ୍ୟାୟନ ଡିଭାଇସ୍, ଛାତ୍ର ଆପ୍, କାର୍ଯ୍ୟଦକ୍ଷତା ଆନାଲିଟିକ୍ସ ଡ୍ୟାସବୋର୍ଡ ପରି ବିଭିନ୍ନ ପ୍ରକାର ଭିତ୍ତିଭୂମି ରହିବ। ଯେଉଁ ସଂସ୍ଥା ଏହାର ଦାୟିତ୍ୱ ନେବ, ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ଆସନ୍ତା ୫ବର୍ଷ ପାଇଁ ନେବ ବୋଲି ଟେଣ୍ଡର୍‌ରେ କୁହାଯାଇଛି। ଗ୍ରାମାଞ୍ଚଳ ବିଦ୍ୟାଳୟଗୁଡ଼ିକରେ ଏନେଇ ଆବଶ୍ୟକ ଭିତ୍ତିଭୂମି ସହ ଇଣ୍ଟରନେଟ୍ ଉପଲବ୍ଧ କରାଯିବ। ବ୍ରଡ୍‌କାଷ୍ଟିଂ ଷ୍ଟୁଡିଓ, ଏଆଇ ପରିଚାଳନା ଭର୍ଚୁଆଲ କ୍ଲାସରୁମ୍ ସହ ଡିଜିଟାଲ ମୂଲ୍ୟାୟନ, ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଓଡ଼ିଆ ଓ ଇଂରାଜୀ ମାଧ୍ୟମରେ ଡିଜିଟାଏ କଣ୍ଟେଣ୍ଟ ଆଦି ପ୍ରସ୍ତୁତ କରିବାକୁ ଗଣଶିକ୍ଷା ବିଭାଗ ଲକ୍ଷ୍ୟ ରଖିଛି।

ସରକାରଙ୍କ ଏହି ପଦକ୍ଷେପ ସମ୍ପର୍କରେ ଉତ୍କଳ ଅଭିଭାବକ ସଂଘ ସଭାପତି କୃଷ୍ଣଚନ୍ଦ୍ର ପତି କହିଛନ୍ତି ଯେ ରାଜ୍ୟର ନିଅଣ୍ଟିଆ ଶୈକ୍ଷିକ ଭିତ୍ତିଭୂମି ମଧ୍ୟରେ ହଜାରେରୁ ଅଧିକ କୋଟି ଟଙ୍କା ବିନିଯୋଗ କରି ଏଆଇ ଆଧାରିତ ଶିକ୍ଷା ଯୋଜନା ଆଶ୍ଚର୍ଯ୍ୟ କରୁଛି। ରାଜ୍ୟରେ ନୂତନ ସରକାର ଆସିବା ପରେ ବର୍ଷେ ହେଲା ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ କେବଳ ଘୋଷଣାରେ ଚାଲିଛି। କେଉଁଠି ମଧ୍ୟ ଭିତ୍ତିଭୂମି ବିକଶିତ ହୋଇପାରୁନି। ଏହା ସତ୍ତ୍ୱେ ଏହି ଯୋଜନା ଏକ ବାହାସ୍ଫୋଟ ବୋଲି କହିବା ସହ କୌଣସି ଏକ କମ୍ପାନିଙ୍କୁ ଅହେତୁକ ଅନୁକମ୍ପା ଦେଖାଇବାକୁ ଏହି ପ୍ରକଳ୍ପ ନକ୍ସା ପ୍ରସ୍ତୁତ କରାଯାଇଥିବା ସେ ଆଶଙ୍କାବ୍ୟକ୍ତ କରିଛନ୍ତି। ସେହିପରି ଓଡ଼ିଶା ଅଭିଭାବକ ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଶୋୟୀ କହିଛନ୍ତି ଯେ ବିଦ୍ୟାଳୟରେ ସରକାର ଶିକ୍ଷକ ନିଯୁକ୍ତ କରିପାରୁନାହାନ୍ତି। ବଜେଟ୍ ଅନୁଯାୟୀ ଖର୍ଚ୍ଚ ମଧ୍ୟ କରିପାରୁ ନାହାନ୍ତି। ଏହି ମୌଳିକ ଆବଶ୍ୟକତା ପୂରଣ କରିବା ପୂର୍ବରୁ ଏଆଇ ଆଧାରିତ ଶିକ୍ଷାଦାନ ଯୋଜନା ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଦେବ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି।








# ବେଙ୍ଗାଲୁରୁ ଫେରନ୍ତା ଯୁବତୀଙ୍କୁ ହୋଟେଲରେ ଦୁଷ୍କର୍ମ

ଭୁବନେଶ୍ୱର,୧।୩ (ସମିସ): ରାଜଧାନୀରେ ପୁଣି ଲଜ୍ଜାଜନକ ଘଟଣା ଘଟିଛି। ବାଙ୍ଗାଲୋରରୁ ଫେରିଥିବା ଯୁବତୀଙ୍କୁ ହୋଟେଲକୁ ଡାକି ଦୁଷ୍କର୍ମ କରିଛି। ରସୁଲଗଡ଼ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଯୁବତୀ ଜଣକ କନ୍ଧମାଳ ସଦର ଥାନାରେ ଏତଲା ଦେଇଛନ୍ତି। ସଦର ଥାନା ପୁଲିସ ଜିରୋ ଏଫ୍‌ଆଇଆର୍ ରୁଜୁ କରି ପଠାଇବା ପରେ ମାମଲା ରୁଜୁ କରିଛି ମଞ୍ଜେଶ୍ୱର ଥାନା ପୁଲିସ। ଘଟଣାର ଅଭିଯୁକ୍ତ ଫିରିଙ୍ଗିଆ ଥାନା ରାବିଙ୍ଗିଆର ଧର୍ମେନ୍ଦ୍ର ଦିଗାଲକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କନ୍ଧମାଳରେ ଜିରୋ ଏଫ୍‌ଆଇଆର୍ ପରେ ମଞ୍ଜେଶ୍ୱର ଥାନାରେ ମାମଲା

ପୁଲିସ ସୂଚନାନୁଯାୟୀ, କନ୍ଧମାଳ ଜିଲ୍ଲାର ଜଣେ ୨୫ ବର୍ଷୀୟା ଯୁବତୀ ସ୍ଥାନୀୟ ଏକ ଲଙ୍କା ପୋଡ଼ି ଉତ୍ସବରେ ଧର୍ମେନ୍ଦ୍ର ସଂସ୍ପର୍ଶରେ ଆସିଥିଲେ। ୨୦୧୭ ମସିହାରେ ଯୁବତୀ ଜଣକ ଭୁବନେଶ୍ୱର ଆସି ଏକ ବେସରକାରୀ ସଂସ୍ଥାରେ ଚାକିରି କରୁଥିବା ବେଳେ ଧର୍ମେନ୍ଦ୍ର ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରେମ ସମ୍ପର୍କ ରଖିଥିଲା। ୨୦୨୨ ମସିହା ବେଳକୁ ଯୁବତୀ ଜଣକ ବାଙ୍ଗାଲୋର ଯାଇ ସେଠାକାର ଏକ ଔଷଧ ଦୋକାନରେ ଚାକିରି କରିଥିଲେ। ଗତମାସ ୧୦ ତାରିଖରେ ଯୁବତୀ ଜଣକ ଭୁବନେଶ୍ୱର ଫେରି ମୈତ୍ରୀ ବିହାର ଥାନା ଅଞ୍ଚଳରେ ଥିବା ତାଙ୍କ ସାଙ୍ଗଙ୍କ ଘରେ ରହିଥିଲେ। ଏହାର ୪ ଦିନ ପରେ ଅର୍ଥାତ୍ ୧୪ ତାରିଖ ଦିନ ଧର୍ମେନ୍ଦ୍ର ସଂପୃକ୍ତ ଯୁବତୀଙ୍କୁ ରସୁଲଗଡ଼ ସ୍ଥିତ ଏକ ହୋଟେଲକୁ ଡକାଇଥିଲା। ଯୁବତୀ ଜଣକ ଆସି ପହଞ୍ଚିବା ପରେ ଉଭୟ ଗୋଟିଏ ରୁମରେ ରହିଥିଲେ। ସେଠାରେ ରହଣି ମଧ୍ୟରେ ଧର୍ମେନ୍ଦ୍ର ବିବାହର ପ୍ରତିଶ୍ରୁତି ଦେଇ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲା। ଯୁବତୀ ଜଣକ ବିବାହ କରିବାକୁ କହିବାରୁ ହାଇକୋର୍ଟ ଯାଇ ବିବାହ କରିବା ବୋଲି ଧର୍ମେନ୍ଦ୍ର ପ୍ରତିଶ୍ରୁତି ଦେଇଥିଲା। ଫେବୃୟାରୀ ୧୮ ତାରିଖ ଦିନ ପୁଣିଥରେ ବିବାହ କରିବାକୁ କହିବାରୁ କନ୍ଧମାଳ କୋର୍ଟରେ ବିବାହ କରିବ ବୋଲି ଧର୍ମେନ୍ଦ୍ର କହିଥିଲା। ଏହାପରେ ବାଇକ୍ ଯୋଗେ ଉଭୟ କନ୍ଧମାଳ ଯାଇଥିଲେ। ହେଲେ ସେଠାରେ ପହଞ୍ଚିବା ପରେ ବିବାହ କରିବା ପରିବର୍ତ୍ତେ ଧମକଚମକ ଦେଇଥିଲା। ଶାରୀରିକ ସମ୍ପର୍କ କଥା କାହାରିକୁ ଜଣାଇଲେ ଜୀବନରେ ମାରିଦେବ ବୋଲି ଧମକ ଦେଇଥିଲା। ଯୁବତୀ ଜଣକ ଅନ୍ୟ କୌଣସି ଉପାୟ ନପାଇ କନ୍ଧମାଳ ସଦର ଥାନାରେ ଏତଲା ଦେଇଥିଲେ। ସଦର ଥାନା ପୁଲିସ ଜିରୋ ଏଫ୍‌ଆଇଆର୍ ରୁଜୁ କରିଥିଲା। ହେଲେ ପ୍ରଥମ ଘଟଣାଟି ରସୁଲଗଡ଼ରେ ଘଟିଥିବାରୁ ମଞ୍ଜେଶ୍ୱର ଥାନାକୁ ପଠାଇ ଦେଇଥିଲା। ମଞ୍ଜେଶ୍ୱର ଥାନା ପୁଲିସ ୧୩୮/୨୬ ରେ ଦଫା - ୬୯/୩୫୧(୨) ବିଏନ୍‌ଏସ୍ ଲଗାଇ ମାମଲା ରୁଜୁ କରିଥିଲା। ଏଥିସହିତ ଧର୍ମେନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଗୌରାଙ୍ଗ ସେବା ଫାଉଣ୍ଡେସନ ପକ୍ଷରୁ ଫୁଲର ହୋଲି ଏବଂ ଖାଦ୍ୟ ମହୋତ୍ସବ

ଭୁବନେଶ୍ୱର,୧।୩ (ସମିସ): ଗୌରାଙ୍ଗ ସେବା ଫାଉଣ୍ଡେସନ ଏବଂ ହରେ କୃଷ୍ଣ ମୁଭମେଣ୍ଟ ପୁରୀ ପକ୍ଷରୁ ବରମୁଣ୍ଡା ପଡ଼ିଆରେ ରବିବାର ଗୌର ପୂର୍ଣ୍ଣିମା, ଫୁଲର ହୋଲି ଓ ଖାଦ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଗବାନ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଆବିର୍ଭାବ ତିଥି



ଉପଲକ୍ଷେ ଆୟୋଜିତ ଏହି ଉତ୍ସବରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ଆଧ୍ୟାତ୍ମିକ କୀର୍ତ୍ତନ ଓ ଭଜନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଚୈତନ୍ୟ ମହାପ୍ରଭୁଙ୍କ ଭକ୍ତି ଆନ୍ଦୋଳନ ଓ ଧର୍ମ ପୁନରୁଦ୍ଧାରରେ ତାଙ୍କ ଅବଦାନ ସମ୍ପର୍କରେ ପ୍ରବଚନ ଦିଆଯାଇଥିଲା। ଏହି ଅବସରରେ ଶ୍ରୀ ନିତ୍ୟାନନ୍ଦ ପ୍ରଭୁ ସହ ନିତାଇଗୌରାଙ୍ଗଙ୍କ ଶୋଭାଯାତ୍ରା ବାହାରିଥିଲା। ପାରମ୍ପରିକ ବେଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଅଭିଷେକ, ପଞ୍ଚାମୃତ ସ୍ନାନ ଓ ମହାମଙ୍ଗଳ ଆରତୀ ଆୟୋଜିତ ହୋଇଥିଲା। ଭକ୍ତମାନେ ଫୁଲର ବୃଷ୍ଟି କରି ଫୁଲର ହୋଲି ପାଳନ କରିଥିଲେ। ଏଥିପାଇଁ 'ଟେଷ୍ଟ ଅଫ୍ ଭାରତ' ଖାଦ୍ୟ ମହୋତ୍ସବରେ ୫୬ ପ୍ରକାରର ବିଭିନ୍ନ ରାଜ୍ୟର ପ୍ରସାଦ ବ୍ୟବସ୍ଥା ରହିଥିଲା। ଏହାକୁ ଭକ୍ତମାନେ ଉପଭୋଗ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ଭକ୍ତିମୟ ପରିବେଶ ମଧ୍ୟରେ ସୁସଂଗଠିତ ଭାବେ ସମାପ୍ତ ହୋଇଥିଲା।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ନାମଫଳକ ଲେଖା ଅଭିଯାନ




ଭୁବନେଶ୍ୱର, ୧।୩ (ସମିସ): ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକଠାରୁ ରାଜମହଲ ଛକ ମଧ୍ୟରେ ଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନର ମାଲିକମାନଙ୍କୁ ଭେଟି ରାଜ୍ୟ ସରକାରଙ୍କ ଆଇନ ବ୍ୟବସ୍ଥା ଅନୁଯାୟୀ ସେମାନଙ୍କ ନାମଫଳକ ଗୁଡିକରେ ସର୍ବାଗ୍ରେ ଓଡ଼ିଆ ଲିପି ବ୍ୟବହାର କରିବାକୁ ରବିବାର ସଚେତନତା ସୃଷ୍ଟି କରାଯାଇଥିଲା। ଏହା ରାଜ୍ୟ, ରାଜ୍ୟବାସୀ ଓଡ଼ିଆମାନଙ୍କ ସମ୍ମାନର ପ୍ରଶ୍ନ ଏବଂ ଖିଲାପକାରୀମାନଙ୍କ ପାଇଁ ଅର୍ଥଦଣ୍ଡର ବ୍ୟବସ୍ଥା ଥିବାରୁ ଅଧିକାଂଶ ବ୍ୟବସାୟୀ ଯଥା ଶୀଘ୍ର କରିବାକୁ ସମ୍ମତି ପ୍ରଦାନ କରିଛନ୍ତି। ଯେଉଁମାନେ ଏହାର ଖିଲାପ କରିବେ ସେମାନଙ୍କ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ନିକଟରେ ସମ୍ମିଳନୀ ଦାବି କରିବ ବୋଲି ମଧ୍ୟ ସୂଚନା ଦିଆଯାଇଛି। ଏହି ଅଭିଯାନରେ ସମ୍ମିଳନୀ ଶତାଧିକ କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ। ଏବଂ ଏହା ରାଜଧାନୀ ବାସୀଙ୍କ ଦ୍ୱାରା ଆଦୃତ ହୋଇଥିବା ମତାମତ ସଂଗ୍ରହ କରାଯାଇଥିଲା। ଆସନ୍ତା ଏକ ମାସ ପରେ ପୁଣିଥରେ ଏହି ଅଂଚଳରେ ଦୋକାନୀମାନଙ୍କ କାର୍ଯ୍ୟର ସମୀକ୍ଷା କରାଯିବା ସହ ରାଜଧାନୀର ଅନ୍ୟାନ୍ୟ ସ୍ଥାନରେ ଏହି କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ଉପସଭାପତି ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଡ. ଶ୍ରୀକାନ୍ତ ମିଶ୍ର, ପ୍ରଫେସର ସୁରେନ୍ଦ୍ର ନାଥ ମହାନ୍ତି, ସନ୍ତୋଷ କୁମାର ରାଉତ, ଡା. ବାନାମ୍ବର ପରିଡା, ବିକାଶ ବେହେରା, ରାମକୃଷ୍ଣ ତ୍ରିପାଠୀ ଓ ଅତେଶ କୁମାର ପୁଷ୍ଟି ପ୍ରମୁଖ ଯୋଗ ଦେଇଥିବା ବେଳେ ସାଧାରଣ ସଂପାଦକ ଡା. ରାଧାନାଥ ପ୍ରହରାଜ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଦର୍ଶକ ଦେଖିଲେ 'କୋଣାର୍କ ଆଖିରେ ଲୁହ'



ଭୁବନେଶ୍ୱର,୧।୩(ସମିସ): ଖଳ ପ୍ରକୃତିର ବ୍ୟକ୍ତି ମାନଙ୍କ ଦ୍ୱାରା ଏ ସମାଜ ସଂସ୍କୃତି, ପରମ୍ପରା କଳୁଷିତ ହେଇଚି। ସ୍ୱାର୍ଥପର ମନୁଷ୍ୟ, ନିଜ ଆଧିପତ୍ୟ ବିସ୍ତାର ପାଇଁ ଧରଣୀକୁ ଧରାଶାୟୀ କରିଛନ୍ତି। ପୁନଃ ଉଥାନ ପାଇଁ ଜନ୍ମିଛନ୍ତି ଅନେକ ଯୋଗଜନ୍ମା। ଅହରହ ଏମିତି ଗୋଟେ ପ୍ରବାହକୁ ପ୍ରୀତିଦାନ କରିଛି ପୃଥିବୀ। ପ୍ରବାହିତ ଅମୃତ ନଦୀରେ ସ୍ନାନ ପାଇଁ ବ୍ୟାକୁଳ ଆତ୍ମା ଗୁଡାକ ଚାତକ ପରି ଚାହିଁଥାନ୍ତି। କେହିଜଣେ ଜନ୍ମନେବ, ସେମାନଙ୍କୁ ପାପ ପଙ୍କରୁ ଉଦ୍ଧାର କରିବ। କିନ୍ତୁ ସେଇମାନେ ହିଁ, ସ୍ୱାର୍ଥର ଶୋଷରେ ସୁନା ଅଣ୍ଡାଦିଆ କୁକୁଡ଼ାର ସମାପ୍ତି ଘୋଷଣା କରନ୍ତି ଏମିତି କିଛି କାହାଣୀକୁ ନେଇ ନାଟକ 'କୋଣାର୍କ ଆଖିରେ ଲୁହ' ଆଗକୁ ଗତିଶୀଳ ହୋଇଛି। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ରବିବାର ଭଞ୍ଜ ମଣ୍ଡପରେ ନାଟ୍ୟଧାରାର ନାଟକ 'କୋଣାର୍କ ଆଖିରେ ଲୁହ' ମଞ୍ଚସ୍ଥ ହୋଇଯାଇଛି। ଓଡ଼ିଶା ସାଂସ୍କୃତିକ ସଂସଦ, ବ୍ରହ୍ମପୁର ଦ୍ୱାରା ଏହି ନାଟକ ପରିବେଷଣ କରାଯାଇଥିଲା। ନାଟକର ରଚନା ଓ ନିର୍ଦ୍ଦେଶନାରେ ଗିରିଜା ଶଙ୍କର ଦାଶ ରହିଥିବା ବେଳେ ସଙ୍ଗୀତରେ ଯତୀନ ଦାସ ଓ ଅଂଶୁମାନ ଦାଶ ରହିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ମଞ୍ଚ ନାଟକ ନିର୍ଦ୍ଦେଶକ ପ୍ରସନ୍ନ ମିଶ୍ର ଏବଂ ଓଡିଶା ନାଟ୍ୟ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଶୁଭକାନ୍ତ ପାଢ଼ୀ ଯୋଗ ଦେଇଥିଲେ। ନାଟ୍ୟ ସଙ୍ଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଅବିନାଶ ଦଣ୍ଡପାଟ ଧନ୍ୟବାଦ ଦେଇଥିଲେ।

# କ୍ରିୟା ଫାଉଣ୍ଡେସନ ପକ୍ଷରୁ 'ଡିୟର ଜିନ୍ଦେଗୀ' ଅଭିଯାନ

ଭୁବନେଶ୍ୱର,୧।୩(ସମିସ): ଓଡ଼ିଶାରେ ମହିଳା କର୍କଟ ନିରାକରଣ ଓ ସଚେତନତା ସୃଷ୍ଟି ପାଇଁ କ୍ରିୟା ଫାଉଣ୍ଡେସନ ପକ୍ଷରୁ "ଡିୟର ଜିନ୍ଦେଗୀ' ଅଭିଯାନ ଅଧୀନରେ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। "ଓଡ଼ିଶା ସେଲିବ୍ରିଟିଂ ପିଙ୍କ ଅକ୍ଟୋବର' ଅଭିଯାନର ଅଂଶ ଭାବେ ରବିବାର ଶିଖରଚଣ୍ଡୀ ଛକଠାରେ ଏକ ୭ କିମି କ୍ଷୁଦ୍ର ଗଣଦୌଡ଼ ଓ ୩ କିମି ମନୋରଞ୍ଜନ ଦୌଡ଼ ଆୟୋଜିତ ହୋଇଥିଲା। ଏହି ଦୌଡ଼ରେ ପ୍ରାୟ ୩୦୦ ଅଂଶଗ୍ରାହୀ କର୍କଟ ନିରାକରଣର ବାର୍ତ୍ତା ପ୍ରଚାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଅର୍ଜୁନ ପୁରସ୍କାର ପ୍ରାପ୍ତ ଅଲିମ୍ପିଆନ୍ ରବି କୁମାର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ ଯୋଗଦେଇ ଏହି ପ୍ରୟାସକୁ ସ୍ୱାଗତ କରିଥିଲେ। ଏମ୍ସ ଭୁବନେଶ୍ୱରର ବିକିରଣ କର୍କଟ ବିଭାଗ ସହଯୋଗରେ 'ଡିୟର ଜିନ୍ଦେଗୀ' ଯୁବ ମହୋତ୍ସବର ଅନ୍ତିମ ପର୍ଯ୍ୟାୟ ଆୟୋଜିତ ହୋଇଥିଲା। ୨୦୦ରୁ ଅଧିକ ଡାକ୍ତରୀ ଓ ନର୍ସିଂ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣରେ ପୋଷ୍ଟର ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତା ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ପ୍ରାୟ ୨.୫ ଲକ୍ଷ କିଶୋରୀଙ୍କୁ ଏଚପିଭି ଟିକାକରଣ ସୁନିଶ୍ଚିତ କରିବା ଓ ଓଡ଼ିଶାକୁ କର୍କଟମୁକ୍ତ ରାଜ୍ୟରେ ପରିଣତ କରିବା ହେଉଛି ସଂଗଠନର ଲକ୍ଷ୍ୟ ବୋଲି ଫାଉଣ୍ଡେସନର ଅଧ୍ୟକ୍ଷା ଲିଲି ଜେନାମଣି କହିଛନ୍ତି।

# ଯୁଧିଷ୍ଠିର ଥିଏଟର ପକ୍ଷରୁ ହେବ ବାର୍ଷିକ ନାଟ୍ୟୋତ୍ସବ

ଭୁବନେଶ୍ୱର,୧।୩(ସମିସ): ଯୁଧିଷ୍ଠିର ଥିଏଟର ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଦୁଇ ଦିନିଆ ବାର୍ଷିକ ନାଟ୍ୟୋତ୍ସବ ୨୦୨୬ ଅନୁଷ୍ଠିତ ହେବ। ଏହି ଅବସରରେ ଆସନ୍ତା ୪ ଓ ୫ରେ ଦୁଇଟି ନାଟକ ପରିବେଷଣ ହେବ। ପ୍ରଥମ ଦିନର ନାଟକ "ଶୁକ ଶାରୀ କଥା' ପରିବେଷଣ ହେବ। କାର୍ତ୍ତିକ ରଥ ଏହାକୁ ରଚନା କରିଥିବା ବେଳେ ଏହାର ସଙ୍ଗୀତ ଦେଇଛନ୍ତି ଆଶିଷ ପୁପି। ମଞ୍ଚ ସଜ୍ଜାରେ ତ୍ରିମୂର୍ତ୍ତି, ଆଲୋକ ସମ୍ପାଦନାରେ ଶୁଭଙ୍କର, ପରିକଳ୍ପନା ଓ ନିର୍ଦ୍ଦେଶନାରେ ଦେବାନନ୍ଦ ନାୟକ ସୋନୀ ରହିଛନ୍ତି। ନାଟକଟି ଏକ ପାରମ୍ପରିକ ବାଘ ନାଚର ସଂଘର୍ଷ ମୟ ପାରିବାରିକ କଥାବସ୍ତୁ ଉପରେ ଆଧାରିତ। ସେହିପରି ଦିପିକା ଦାସଙ୍କ ରଚିତ "ଇନ୍ଦ୍ରଜାଲ' ନାଟକ ଦ୍ୱିତୀୟ ଦିବସରେ ପ୍ରଦର୍ଶିତ ହେବ। ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଶକ୍ତି ମିଶ୍ର ଦେଇଥିବା ବେଳେ ମଞ୍ଚ ତ୍ରିମୂର୍ତ୍ତି, ପରିକଳ୍ପନା ଓ ନିର୍ଦ୍ଦେଶନାରେ ଦେବାନନ୍ଦ ନାୟକ ସୋନୀ ରହିଛନ୍ତି। ନାଟକଟି ଏକ ସମସାମୟିକ କଥାବସ୍ତୁକୁ ନେଇ ଆଧାରିତ। ଗୋପାଳପୁର ସମୁଦ୍ର ତଟରେ ଥିବା ଜଣେ ଟୁରିଷ୍ଟ ଗାଇଡର ପ୍ରେମ କାହାଣୀକୁ ନେଇ ଏହା ପ୍ରସ୍ତୁତ। ଓଡ଼ିଶାର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସଂଶ୍ଳିଷ୍ଟ କରାଇବା ସହ ଉତ୍କୃଷ୍ଟ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକମାନଙ୍କୁ ନେଇ ରାଜ୍ୟରେ ଏକ ସୁଖଦ ନାଟ୍ୟ ପରିବେଶ ସୃଷ୍ଟି କରିବା ପାଇଁ ଏହି ସଂସ୍ଥା ଲକ୍ଷ୍ୟ ରଖିଛି। ଓଡିଶା ନାଟ୍ୟ ସଂଘ ସହ ଅନୁବନ୍ଧିତ ହୋଇ ନାଟକ ଉତ୍ସୋବ, ନାଟ୍ୟ ଦିବସ, ନାଟକ ପ୍ରଶିକ୍ଷଣ ଶିବିର ଆଦି କାର୍ଯ୍ୟ କରିବା ପାଇଁ ସଂସ୍ଥା ପକ୍ଷରୁ ବାର୍ଷିକ ଯୋଜନା ମଧ୍ୟ ରହିଛି। ଉକ୍ତ ଉତ୍ସବରେ ଓଡିଶାର ଲବ୍ଧ ପ୍ରତିଷ୍ଠିତ କିଛି ନାଟ୍ୟ କର୍ମୀ ଏବଂ ନାଟ୍ୟ ସମୀକ୍ଷକ ତଥା ସମ୍ବାଦ ଦାତାଙ୍କୁ ମଧ୍ୟ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି।

■ ଅଭିଯୁକ୍ତ ସପକ୍ଷରେ ବିଜେପିର ଥାନା ଘେରଉ ମାମଲା

# ମୁଖ୍ୟ ଅଭିଯୁକ୍ତ ଫେରାର, ୨ ଜଣଙ୍କୁ ବାନ୍ଧିଲା ପୁଲିସ

ଭୁବନେଶ୍ୱର,୧।୩(ସମିସ): ସହିଦ ନଗର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଅସଦାଚରଣ, ଆକ୍ରମଣ ଏବଂ ଅସଭ୍ୟ ଭାଷାରେ ଗାଳିଗୁଲିଜ କରିବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଲକ୍ଷ୍ମୀନାରାୟଣ ବସ୍ତି ୟୁନିଟ୍-୯ ଫ୍ଲାଟ୍ ଅଞ୍ଚଳର ସୁନୀଲ କୁମାର ଖଟେଇ ଏବଂ ଗଣିଆ କାର୍ତ୍ତିକ। କିନ୍ତୁ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ମନୋଜ ପୁଲିସ ନଜରରେ ଏବେ ବି ଫେରାର ରହିଛି। ଯିଏକି ଏକ ଗ୍ୟାଙ୍ଗର ମୁଖ୍ୟ ଥିଲା। କ୍ୟାମେରା ସାମ୍ନାରେ ଅପରାଧ ଘଟାଇବା ପରେ ବି ଖୋଲାରେ ବୁଲୁଛି। ଆଇନ୍‌ର ହାତ ତାପାଖରେ ପହଞ୍ଚି ପାରୁନି। ସେପଟେ ଅଭିଯୁକ୍ତଙ୍କ ସପକ୍ଷରେ ବିଜେପି କର୍ମୀମାନେ ଶନିବାର ସହିଦନଗର ଥାନା ଘେରଉ କରିଥିଲେ। ପୁଲିସକୁ ରାଜନୈତିକ ଘେରାବନ୍ଦୀ

## ସବୁ ଅଭିଯୁକ୍ତ ଗିରଫ ନ ହେବା ପର୍ଯ୍ୟନ୍ତ ନ୍ୟାୟ ମିଳିନାହିଁ: ପୀଡ଼ିତା

ଆରମ୍ଭ ହେବାରୁ ଆଗକୁ ଆଉ ଗିରଫଦାରୀ ହେବ କି ନାହିଁ ତାହାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟମାନେ ଗିରଫ ନହେବା ପର୍ଯ୍ୟନ୍ତ ମୋତେ ନ୍ୟାୟ ମିଳିବ ନାହିଁ ବୋଲି ପୀଡ଼ିତା କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୬ ତାରିଖ ରାତି ପ୍ରାୟ ୧.୧୦ ସମୟରେ ଅଭିଯୋଗକାରିଣୀ କଟକରୁ ଏକ ଭୋଜିରେ ଯୋଗଦେଇ ଘରକୁ ଫେରିଥିଲେ। ତାଙ୍କ ଘର ଆଗରେ ଠିଆ ହୋଇ ତାଙ୍କ ଭାଇ ଏବଂ ତାଙ୍କ ବନ୍ଧୁଙ୍କ ସହିତ କଥା ହେଉଥିଲେ। ୭ରୁ ୮ ଜଣ ଯୁବକ ସେଠାରେ ପହଞ୍ଚି ଅସଭ୍ୟ ଭାଷାରେ ଗାଳିଗୁଲଜ କରି ସେଠାରୁ ପଳାଇ ଯାଇଥିଲେ। ପ୍ରାୟ ପାଞ୍ଚ ମିନିଟ୍ ପରେ ସେମାନେ ପୁଣି ଫେରି ଆସି ଅଭିଯୋଗକାରିଣୀଙ୍କ ସହିତ ଅସଦାଚରଣ କରିବା ଆରମ୍ଭ କରିଥିଲେ। ଏ ନେଇ ଅଭିଯୋଗକାରିଣୀଙ୍କ ଭାଇ ଏବଂ ତାଙ୍କ ବନ୍ଧୁ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ଧମକ ବି ଦେଇଥିଲେ। ପୁଲିସକୁ ଜଣାଇଲେ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ପୂର୍ବରୁ ମଧ୍ୟ ଯୁବତୀଙ୍କୁ ବାରମ୍ବାର ହଇରାଣ କରିବା ସହ ଧମକ ଦେଉଥିଲେ। ପୁଲିସ ପକ୍ଷରୁ ସିସିଟିଭି ଫୁଟେଜ୍ ଯାଞ୍ଚ ଓ ବିଶ୍ଳେଷଣ କରାଯାଇଥିଲା। ଯାଞ୍ଚ ପରେ ଦୁଇଜଣ ଅଭିଯୁକ୍ତଙ୍କୁ ସୁନିଲ ଏବଂ ଗଣିଆଙ୍କୁ ଗିରଫ କରାଯାଇଛି।

### ■ ନିଜ ଘର ସାମ୍ନାରେ ବି ଅସୁରକ୍ଷିତ ମହିଳା

ରାଜଧାନୀ ଏବେ ଅପରାଧୀଙ୍କ ଚରାଭୂଇଁ ପାଲଟିଲାଣି। ରାତି ହେଲେ ନିଶାଶକ୍ତ ଅବସ୍ଥାରେ ଅପରାଧୀ ବୁଲୁଛନ୍ତି। ଯାହକୁ ପାରୁଛନ୍ତି ଗାଳିଗୁଲଜ କରୁଛନ୍ତି। ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଭୁବନେଶ୍ୱର ଡିସିପି ସହରର ବିଭିନ୍ନ ସ୍ଥାନରେ ନାକା ଚେକିଂ କରୁଥିବା ଦାବି କରୁଥିଲା ବେଳେ ଡିସିପିଙ୍କ କାର୍ଯ୍ୟାଳୟ ପଛପଟ ସହିଦନଗର ଅଞ୍ଚଳରେ ୮ ଯୁବକ ରାତିରେ ଉନ୍ମତ୍ତ କାଣ୍ଡ ଭିଆଇଲେ। ଜଣେ ଯୁବତୀ କଣ ପାଇଁ ରାତିରେ ତାଙ୍କ ଘର ସାମ୍ନାରେ ଛିଡା ହେଲେ ବୋଲି କହି ତାଙ୍କ ପରିବାର ସଦସ୍ୟ ଏବଂ ବନ୍ଧୁଙ୍କୁ ଆକ୍ରମଣ କଲେ। ଯାହା ସ୍ପଷ୍ଟ ଭାବେ ପ୍ରମାଣିତ କରୁଛି ଯେ, ରାଜଧାନୀରେ ମହିଳାମାନେ ନିଜ ଘର ଆଗରେ ବି ଅସୁରକ୍ଷିତ।

### ■ ପୀଡ଼ିତାଙ୍କ ଚରିତ୍ର ସଂହାର କରିବାକୁ ଉଦ୍ୟମ

ପୀଡ଼ିତା ଏବଂ ତାଙ୍କ ପୁରୁଷ ବନ୍ଧୁଙ୍କୁ ଆକ୍ରମଣ ପରେ ଏକ ଭିଡିଓ ଭାଇରାଲ ହେଲା। ଯେଉଁଥିରେ ଦେଖାଯାଉଥିବା ବିଜେପି କର୍ମୀମାନେ ଏଭଳି କାଣ୍ଡ ଭିଆଇଛନ୍ତି। ମାମଲା ଆଗକୁ ବଢ଼ିବା ସହ ଦୁଇ ଜଣଙ୍କୁ ଅଟକ ରଖାଗଲା। ଏହାପରେ ବିଜେପି ପକ୍ଷରୁ ଥାନା ଘେରଉ କରାଯାଇଥିଲା। ଅଭିଯୁକ୍ତଙ୍କୁ ଛାଡ଼ ବୋଲି ଦାବି କରାଗଲା। ଯେତେବେଳେ କାର୍ଯ୍ୟାନୁଷ୍ଠାନ ହେଲାନାହିଁ, ପୀଡ଼ିତାଙ୍କ ଚରିତ୍ର ସଂହାର କରିବାକୁ ଉଦ୍ୟମ କରାଗଲା। ଫଳରେ ଯୁବକମାନେ ସମାଜ ନଜରରେ ସଭ୍ୟ ହୋଇଯିବେ। ଆଉ ଗିରଫଦାରୀରୁ ବର୍ତ୍ତିଯିବେ।

# ୨୦ କିଲୋ ଗଞ୍ଜେଇ ଜବତ; ୨ ଗିରଫ



ଭୁବନେଶ୍ୱର,୧।୩(ସମିସ): ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଗଞ୍ଜାମ ଜିଲ୍ଲା କୋଦଳାର ସନ୍ତୋଷ କୁମାର ଜେନା (୨୦) ଓ ଖଲ୍ଲିକୋଟ ଥାନା ବିକ୍ରମପୁରର ରାଜା ବେହେରା (୨୩)। ପୁଲିସ ସୂଚନାନୁସାରେ, ଭରତପୁର ଜିଏ କଲୋନୀ ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଖବର ପାଇଥିଲା। ଥାନାର ସ୍ୱତନ୍ତ୍ର ଟିମ୍ ମାଳିମା ମନ୍ଦିର ପଛପଟେ ଚଢ଼ଉ କରି ସନ୍ତୋଷ ଓ ରାଜାକୁ ଅଟକ ରଖିଥିଲା। ଯାଞ୍ଚ ସମୟରେ ସେମାନଙ୍କ ଠାରୁ ୨୦ କିଲୋ ୭୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଥିଲା। ସେମାନେ କନ୍ଧମାଳ ଜିଲ୍ଲାରୁ ବେଆଇନ ଗଞ୍ଜେଇ ସଂଗ୍ରହ କରି ଭୁବନେଶ୍ୱରର ସ୍ଥାନୀୟ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ଅପେକ୍ଷା କରିଥିଲେ ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏ ନେଇ ଭରତପୁର ଥାନା ପୁଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି।

'ସମୟ' କନ୍‌କ୍ଲେଭ୍ ୨୦୨୬

# ଗଛ ଲଗାଇଦେଲେ ହେବନି; ଲାଳନପାଳନ କରିବାକୁ ପଡ଼ିବ

ଭୁବନେଶ୍ୱର,୧।୩(ସମିସ): ସମଗ୍ର ବିଶ୍ୱ ପାଇଁ ଜଳବାୟୁ ପରିବର୍ତ୍ତନ ଏକ ଆହ୍ୱାନ ହୋଇ ଛିଡ଼ା ହୋଇଛି। ଯେତେବେଳେ ଜଳବାୟୁ ପରିବର୍ତ୍ତନ କଥା ଆସେ ସେତେବେଳେ ସାମାଜିକ ଦାୟିତ୍ୱବୋଧ ବଢ଼ିଯାଏ। ଗଛ ଲଗାଇଦେଲେ ହେବନି, ବରଂ ସେହି ଗଛକୁ ଲାଳନ ପାଳନ କରି ବଞ୍ଚାଇବାକୁ ପଡ଼ିବ। ତେବେ ଯାଇ ପରିବେଶ ସୁରକ୍ଷିତ ହେବ ବୋଲି ଦୈନିକ 'ସମୟ' ପକ୍ଷରୁ ଜଳବାୟୁ ପରିବର୍ତ୍ତନ ନିରାକରଣରେ ସାମାଜିକ ଦାୟତ୍ୱବୋଧ ଶୀର୍ଷକ କନକ୍ଲେଭ-୨୦୨୬ରେ ଅତିଥିମାନେ ଏହି ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କରିଥିଲେ, କଳକାରଖାନାଗୁଡିକ ଯେଉଁ ହାରରେ ବଢୁଛି ତାହାର ପ୍ରଭାବ ଜଳବାୟୁ ପରିବର୍ତ୍ତନରେ ପଡୁଛି। ଏହାର ନିରାକରଣ ଆବଶ୍ୟକ। ବିକାଶ ଆସିଲେ ବିନାଶ ଯୋଡି ହେବ। ଶିଳ୍ପାୟନ ଓ ରାସ୍ତା ନିର୍ମାଣ ପାଇଁ ଗଛକଟା ହେବ। ତେଣୁ ଏହାର ସଠିକ ମୁକାବିଲା ପାଇଁ ସମଗ୍ର ବିଶ୍ୱରେ ଯୁବ ପୀଢିଙ୍କ ଭବିଷ୍ୟତ ପାଇଁ କିଛି ଛାଡିକି ଯିବାକୁ ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ଆମେ ଦୈନନ୍ଦିନ ବ୍ୟବହାରରେ ପରିବର୍ତ୍ତନ କରିବା। ପରିବେଶକୁ ବଞ୍ଚାଇବା ଲାଗି ସରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଲୋକମାନେ କିପରି ତୃଣମୂଳ ସ୍ତରରେ କାର୍ଯ୍ୟ କରି ସରକାରଙ୍କ ସହିତ ସହଭାଗିତାରେ ପରିବେଶ ସୁରକ୍ଷା କରିବେ ସେ ଦିଗରେ ସଚେତନ ହେବା ଉଚିତ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଗୁରୁତ୍ୱାରୋପ କରିଛନ୍ତି।



ଅନ୍ୟତମ ଅତିଥି ସମ୍ ଅଲଫିମେଟର ବରିଷ୍ଠ ଡାକ୍ତର ତଥା ମେଡିସିନର ବିଭାଗର ମୁଖ୍ୟ ଡା. ଶ୍ରୀକାନ୍ତ କୁମାର ଧର ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରୋପଣ କରିବା ନିହାତି ଆବଶ୍ୟକ ବୋଲି ମତ ଦେବା ସହ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଜିନ୍ଦଲ ଷ୍ଟିଲ ଲିଃ.ର ସିଏସ୍‌ଆର୍, ଏଜ୍ୟୁକେସନ୍ ସଭାପତି ତଥା ଗ୍ରୁପ ହେଡ୍ ପ୍ରଶାନ୍ତ ହୋତା ଜଳବାୟୁ ପରିବର୍ତ୍ତନ ସହ ମୃତ୍ତିକା ପ୍ରଦୂଷଣ କଥା ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ।

'ସମୟ'ର ପରିଚାଳନା ସମ୍ପାଦକ ରଞ୍ଜୀବ ବିଶ୍ୱାଳ କହିଛନ୍ତି, ଓଡ଼ିଶାରେ ବିଗତ ୨୦ ବର୍ଷରେ ସରକାର ଓ କର୍ପୋରେଟର ସଂସ୍ଥା ଗଛ ଲଗାଉଛନ୍ତି। ପ୍ରତିବର୍ଷ ଯେତିକି ଗଛ ଲଗାଯାଉଛି, ତାହା ଯଦି ବଞ୍ଚିଥାନ୍ତା ଭାରତ ବର୍ଷରେ ଏକ ଜଙ୍ଗଲ ସୃଷ୍ଟି ହୋଇସାରିଥାନ୍ତା। ସମ୍ବଲପୁରର ଏକ ଘରୋଇ ସଂସ୍ଥା ୪୦ କୋଟି ଗଛ ଲଗାଇଛି ବୋଲି କହୁଛି। କେତେକ ଗଛ ବଞ୍ଚିଛି ଓ କେତେ ଗଛ ମଲାଣି ଏହାର ତଦନ୍ତ କରାଯିବା ଦରକାର। ଭୁବନେଶ୍ୱରରେ ବାୟୁର ଏକ୍ୟୁଆଇ ମାନ ୩ ଶହ ଟପିଗଲାଣି ବୋଲି ଶ୍ରୀ ବିଶ୍ୱାଳ ଚିନ୍ତା ପ୍ରକଟ କରିବା ସହ ଆଗକୁ କ'ଣ ନିଶ୍ୱାସ ନେବା ପାଇଁ ଆମକୁ ଲଢିବାକୁ ପଡିବ କି ବୋଲି ପ୍ରଶ୍ନ କରିଛନ୍ତି। ଦିଲ୍ଲୀରେ ଗୋଟିଏ ଗଛ କାଟିବାକୁ ହେଲେ ତିନୋଟି କ୍ଲିୟରାନ୍ସ ଆଣିବାକୁ ପଡେ। ଜଳବାୟୁ ପରିବର୍ତ୍ତନ ନିରାକରଣ କେବଳ ସରକାରଙ୍କ ନୁହେଁ, ଆମେ ସମସ୍ତେ ମିଳିମିଶି ଦାୟିତ୍ୱ ନେବା ଆବଶ୍ୟକ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। 'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିବା ବେଳେ 'ସମୟ'ର ପ୍ରକାଶକ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଡ଼. ମାୟା ନନ୍ଦ
ଆବିର୍ଭାବ : ୧୩.୦୭.୧୯୫୦
ତିରୋଧାନ : ୨୦.୦୨.୨୦୨୬
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ସିଦ୍ଧାର୍ଥ ଏବଂ ଅର୍ଚ୍ଚନା , ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମୀ , ବରୁଣ, ଶ୍ରେୟାସ୍, କେତଭ୍, ଶିବାନୀ, ଅନୁଷ୍କା, ଓମ୍ ଏବଂ
ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।

# କଟକ ସିଟି







## ହୋଲି ପାଇଁ କଡ଼ା ସୁରକ୍ଷା

# ସହରରେ ମୁତୟନ ହେବେ ୧୫ ପ୍ଲାଟୁନ୍ ଫୋର୍ସ

**କଟକ, ୧।୩(ସମିସ)**

ଆଗାମୀ ରଙ୍ଗର ପର୍ବ ହୋଲି ଅବସରରେ କୌଣସି ଅଘଟଣକୁ ରୋକିବା ପାଇଁ କଟକ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କାଠଯୋଡ଼ି ଓ ମହାନଦୀର ବିଭିନ୍ନ ପ୍ରମୁଖ ଘାଟ କାଳିଆବୁଦା, ଯୋବ୍ରା, ବାଲିଯାତ୍ରା ପଡ଼ିଆ, ଚହଟା, ଧବଳେଶ୍ୱର ଗଡ଼ା ଓ ନରାଜ ଭଳି ସ୍ଥାନରେ ସ୍ୱତନ୍ତ୍ର ରେସ୍କ୍ୟୁ ଟିମ୍ ମୁତୟନ ହେବେ। ନିଶା କିମ୍ବା ମାଦକ ଦ୍ରବ୍ୟ ସେବନ କରି ନଦୀ ମଧ୍ୟକୁ ପ୍ରବେଶ କରିବା ଉପରେ କଡ଼ା କଟକଣା ଜାରି କରାଯାଇଛି। ବକ୍ସିବଜାର, ବିଡ଼ାନାସୀ ଓ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରରୁ ଗୋଟିଏ ଲେଖାଏଁ ସ୍ପେଶାଲ ୟୁନିଟ୍ ଏହି ଦିନ କାର୍ଯ୍ୟକ୍ଷମ ରହିବେ। ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରାଙ୍କ ସୂଚନା ଅନୁଯାୟୀ, ହୋଲି ଭଳି ଖୁସିର ପର୍ବରେ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଉଛି। ଆଇନଶୃଙ୍ଖଳା ରକ୍ଷା ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ସାରା ସହରରେ ୧୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବ। ସମଗ୍ର ସହରକୁ ୬ଟି ସେକ୍ଟରରେ ବିଭକ୍ତ କରାଯାଇଛି ଏବଂ ଜୋନ୍-ୱାରୀ ଏସିପିମାନେ ସୁରକ୍ଷା ଦାୟିତ୍ୱ ତଦାରଖ କରିବେ। ସହରର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳ ମଙ୍ଗଳାବାଗ, ରାଣୀହାଟ, ବାଦାମବାଡ଼ି ଓ ଚଣ୍ଡିଛକ ଆଦି ସ୍ଥାନରେ ୨୨ଟି ପିସିଆର୍ ଭ୍ୟାନ୍ ଏବଂ ୪୦ଟି ବାଇକ୍ ପିସିଆର୍ ପ୍ୟାଟ୍ରୋଲିଂ କରିବେ। ଏଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି ଯେ, ଶାନ୍ତିଶୃଙ୍ଖଳାର ସହ ପର୍ବ ପାଳନ ପାଇଁ ସହରବାସୀଙ୍କୁ ନିବେଦନ କରାଯାଇଛି ଏବଂ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜନସାଧାରଣଙ୍କ ସୁବିଧା ପାଇଁ ପୁଲିସର 'ସ୍ମାର୍ଟ କଣ୍ଟ୍ରୋଲ୍ ରୁମ୍' ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିବ। ଅଭିଯୋଗ ପାଇବାର ୧୫ ମିନିଟ୍ ମଧ୍ୟରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାକୁ ଲକ୍ଷ୍ୟ ରଖାଯାଇଛି। ଯଦି କୌଣସି ସ୍ଥାନରେ ଗଣ୍ଡଗୋଳ କିମ୍ବା ଅପରାଧିକ କାର୍ଯ୍ୟକଳାପ ଘଟେ, ତେବେ ଜନସାଧାରଣ ଟୋଲ୍-ଫ୍ରି ନମ୍ବର ୧୧୨ କିମ୍ବା ଷ୍ଟ୍ରିଟ୍ କ୍ରାଇମ୍ ପ୍ରିଭେନସନ୍ ୟୁନିଟ୍‌ର ନମ୍ବର ୭୯୭୮୮୯୪୪୦୫ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ସହରରେ ଦୋଳ ବିମାନ ପରିକ୍ରମା ଓ ସଂକୀର୍ତ୍ତନରେ ଉତ୍ସବର ମାହୋଲ ଥିବା ବେଳେ ପ୍ରଶାସନର ଏହି ସତର୍କତାକୁ ସ୍ୱାଗତ କରାଯାଇଛି।

> ନଦୀ ଘାଟରେ ରେସ୍କ୍ୟୁ ଟିମ୍
>
> ମଦ୍ୟପାନ କରି ନଦୀକୁ ବାରଣ
>
> ସ୍ମାର୍ଟ କଣ୍ଟ୍ରୋଲ୍ ରୁମ୍ ଓ ଷ୍ଟ୍ରିଟ୍ କ୍ରାଇମ୍ ୟୁନିଟ୍ ରହିବ ସଜାଗ

# ସାଲେପୁରରେ ଆଇନ ସଚେତନତା ଶିବିର



**ସାଲେପୁର, ୧।୩(ସମିସ):** ଓଡ଼ିଶା ଲିଗାଲ ଏଡ କାଉନସିଲ ପକ୍ଷରୁ ସାଲେପୁର ଅନ୍ତର୍ଗତ ତରିତୋ ପଞ୍ଚାୟତର ଗୋଠମୀରା ଗ୍ରାମରେ ଏକ ଆଇନ ସଚେତନତା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଦସ୍ୟା ରାଜଲକ୍ଷ୍ମୀ ଦାଶଙ୍କ ଆହ୍ୱାନକ୍ରମେ ଆୟୋଜିତ ଏହି ଶିବିରରେ ରାଜ୍ୟ ସଚିବ ଆଡଭୋକେଟ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ସାଧାରଣ ଜନତାଙ୍କୁ ବିଭିନ୍ନ ଆଇନଗତ ଦିଗ ସମ୍ପର୍କରେ ଅବଗତ କରାଇଥିଲେ। ବିଶେଷ କରି ଘରୋଇ ହିଂସା, ଶିଶୁ ଶ୍ରମିକ ନିଷେଧ, ପୋକ୍ସୋ ଆଇନ ଏବଂ ପାରିବାରିକ ଆଇନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତରିତୋ ସରପଞ୍ଚ ରାଜୀବ କୁମାର ସେଠୀ ମୁଖ୍ୟଅତିଥି ଏବଂ ନାଏବ ସରପଞ୍ଚ ଗଗନ ବିହାରୀ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପଞ୍ଚାୟତସ୍ତରରେ ଏଭଳି ସଚେତନତାର ଆବଶ୍ୟକତା ରହିଛି ବୋଲି ମତପୋଷଣ କରିଥିଲେ। ଢେଙ୍କାନାଳ ଜିଲ୍ଲା ସଭାପତି ଦିଲ୍ଲୀପ କୁମାର ରାୟଚୌଧୁରୀ ଏବଂ ଚାନ୍ଦିନୀ ବିଶ୍ୱାଳ ମଧ୍ୟ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ମାନସ ରଞ୍ଜନ ପତି ଧନ୍ୟବାଦ ଦେଇଥିଲେ।

# କଥାକାର କିଶୋରୀ ଚରଣଙ୍କ ୧୦୨ତମ ଜୟନ୍ତୀ

**କଟକ, ୧।୩(ସମିସ):** ବିଶିଷ୍ଟ କଥାଶିଳ୍ପୀ କିଶୋରୀ ଚରଣ ଦାସଙ୍କ ୧୦୨ତମ ଜୟନ୍ତୀ ଅବସରରେ 'କିଶୋରୀ ଚରଣ ସ୍ମୃତି ସଂସଦ' ପକ୍ଷରୁ ଶ୍ରୀରାମ ଚନ୍ଦ୍ର ଭବନଠାରେ ଏକ ଗରିମାମୟ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଯୋଜନା ଓ ସମନ୍ୱୟ ବିଭାଗର ଅତିରିକ୍ତ ଶାସନ ସଚିବ

> ଗାଳ୍ପିକ ଗିରିଜା ଶଙ୍କର ମିଶ୍ରଙ୍କୁ 'କିଶୋରୀ ଚରଣ ପୁରସ୍କାର' ପ୍ରଦାନ



ଶୁଭଶ୍ରୀ ନନ୍ଦ କହିଛନ୍ତି ଯେ, କିଶୋରୀ ଚରଣଙ୍କ ସାହିତ୍ୟ ସମୟର ଏକ ବାସ୍ତବ ଚିତ୍ର ଉପସ୍ଥାପନ କରିବା ସହ ସମାଜରେ ପରିବର୍ତ୍ତନ ଆଣିବାର ଏକ ଯଥାର୍ଥ ମାଧ୍ୟମ ସାଜିଛି। ସମ୍ମାନିତ ଅତିଥି ଭାବେ ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ ମଧ୍ୟବିତ୍ତ ପରିବାରର ଜୀବନ ଯନ୍ତ୍ରଣାକୁ କିଶୋରୀ ଚରଣ ଯେଭଳି ନିଖୁଣ ଭାବେ ବର୍ଣ୍ଣନା କରିଛନ୍ତି, ତାହା ପାଠକୀୟ ମହଲରେ ଅତୁଳନୀୟ ବୋଲି ମତ ଦେଇଥିଲେ। ଏହି ଅବସରରେ ଯୁବ ଗାଳ୍ପିକ ଗିରିଜା ଶଙ୍କର ମିଶ୍ରଙ୍କୁ ଚଳିତ ବର୍ଷର 'କିଶୋରୀ ଚରଣ ପୁରସ୍କାର' ପ୍ରଦାନ କରାଯାଇଛି। ସ୍ମୃତି ସଂସଦର ସଭାପତି ନ୍ୟାୟମୂର୍ତ୍ତି ବିମଳ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ପ୍ରଫେସର ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, କିଶୋରୀ ଚରଣ ଥିଲେ ବାସ୍ତବବାଦୀ ଏବଂ ମଣିଷ ଜୀବନର ଅକୁହା କଥାର ଜଣେ ଦକ୍ଷ ରୂପକାର। ପ୍ରକାଶକ ଶିବାଶିଷ କର ମାନପତ୍ର ପାଠ କରିଥିବା ବେଳେ ଗବେଷକ ଶଙ୍ଖଚୂଳ ଦାସ ଓ ଡ. ଅନୁପ ମାର୍ଥା କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ସମାଜସେବୀ ସୁକାନ୍ତ ପ୍ରସାଦ ନନ୍ଦଙ୍କ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ଶତାଧିକ ସାହିତ୍ୟାନୁରାଗୀ ଯୋଗଦେଇ କାଳଜୟୀ କଥାକାରଙ୍କ ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ।

# ହିନ୍ଦୀ ସଂସ୍ଥାନର ବାର୍ଷିକ ଉତ୍ସବ 'ମହ୍ଲାର-୨୦୨୬'

**କଟକ, ୧।୩(ସମିସ):** କଟକ ହିନ୍ଦୀ ଶିକ୍ଷାର ପ୍ରଶିକ୍ଷଣ ସଂସ୍ଥାନର ବାର୍ଷିକ ଉତ୍ସବ ମହ୍ଲାର-୨୦୨୬ ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଉତ୍ସବର ଶୁଭାରମ୍ଭ କରିଥିଲେ। ବାରବାଟୀ-କଟକର ବିଧାୟିକା ସୋଫିଆ ଫିର୍ଦ୍ଦୋସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ନବନିର୍ମିତ 'କବିବର ପୁରୁଷ ଛାତ୍ରବାସ' ଓ ନୂତନ ଶ୍ରେଣୀକକ୍ଷର ଉଦ୍‌ଘାଟନ କରାଯାଇଥିଲା। ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ନବେଦିତା ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। ଡ. ପ୍ରଶାନ୍ତ କୁମାର ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଡ଼ଃ ହେମନ୍ତ କୁମାର



ମଲ୍ଲିକ ମାନପତ୍ର ପାଠ କରିଥିଲେ। ଡ. ପ୍ରାଚୀ ପଟ୍ଟନାୟକ କୃତି ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରିଥିଲେ। ଏହାସହିତ ବାର୍ଷିକ ପତ୍ରିକା 'ସୃଷ୍ଟି'ର ଉନ୍ମୋଚନ ମଧ୍ୟ ହୋଇଥିଲା। ମୁଖ୍ୟବକ୍ତା ପ୍ରଫେସର କବିର ସେଠୀ ହିନ୍ଦୀ ଭାଷାର ସାହିତ୍ୟିକ ସୌନ୍ଦର୍ଯ୍ୟ ଓ ତାହାର ବହୁମୁଖୀ ପ୍ରତିଭା ବିଷୟରେ ଆଲୋଚନା କରିଥିଲେ। ଉତ୍ସବରେ ବରିଷ୍ଠ ଅତିଥିଙ୍କୁ ସମ୍ମାନିତ କରାଯାଇଥିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। 'ପଣ୍ଡିତ ଅନୁସୟା ପ୍ରସାଦ ପାଠକ' ଓ 'ବିନୀତ ପ୍ରସାଦ ପାଠକ' ସ୍ମୃତି ସମ୍ମାନକ୍ରମେ ବିକାଶ ଭୋଇ ଓ ରଶ୍ମିରଞ୍ଜନ ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ଛାତ୍ର ସଂସଦ ସଭାପତି ଜୟମନ୍ତ ପ୍ରଧାନ ସଂଗଠନର ଅଭିମତ ପ୍ରକାଶ କରିଥିଲେ। ସାଂସ୍କୃତିକ ବିଭାଗର ଅଧିକାରୀ ଡ. ପ୍ରିୟଙ୍କା ସ୍ୱାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ। ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥ, ତେଜସ୍ୱିନୀ ଆଚାର୍ଯ୍ୟ, ଡ. ପ୍ରୀତିପ୍ରଜ୍ଞା, ଡ. ଅର୍ଜୁନ ନାୟକ, ଡ. ସୁନିତା ଆଚାର୍ଯ୍ୟ, ରାଜୀବ ଲୋଚନ ସାହୁ, ରଶ୍ମିରଞ୍ଜନ ଦାସ, ଡ. ନିରଞ୍ଜନ ବେହେରା, ଅମନ କୁମାର, ସ୍ୱଦେଶ କ୍ୟୁରୀଙ୍କ ସହିତ ଶିକ୍ଷଣ ଓ ଅନୁଶିକ୍ଷଣ କର୍ମଚାରୀ ସହଯୋଗ କରିଥିଲେ।

# ଇରାନ ଉପରେ ଆକ୍ରମଣକୁ ଏସ୍‌ୟୁସିଆଇ(ସି)ର ବିରୋଧ

**କଟକ, ୧।୩(ସମିସ):** ସାମ୍ରାଜ୍ୟବାଦୀ ଆମେରିକା ଓ ଇସ୍ରାଏଲ ଦ୍ୱାରା ଇରାନ ଉପରେ ହୋଇଥିବା ସାମରିକ ଆକ୍ରମଣ ବିରୋଧରେ 'ଏସୟୁସିଆଇ(ସି)' ପକ୍ଷରୁ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପାର୍ଟିର କଟକ ଜିଲ୍ଲା ସମ୍ପାଦକ ଖଗେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବକ୍ତାମାନେ ଇରାନର ସାର୍ବଭୌମତ୍ୱ ଉପରେ ଏହି ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି। ଆମେରିକାର ପ୍ରୋତ୍ସାହନରେ ଇସ୍ରାଏଲ ଯେଉଁଭଳି ଭାବେ ଇରାନର ଶିକ୍ଷାନୁଷ୍ଠାନ ଓ ବୈଜ୍ଞାନିକ ପ୍ରତିଷ୍ଠାନ ଉପରେ ବୋମାମାଡ଼ କରି ଜନଜୀବନ ବିପର୍ଯ୍ୟସ୍ତ କରିଛି, ତାହା ଆନ୍ତର୍ଜାତିକ ନିୟମର ଉଲ୍ଲଂଘନ ବୋଲି ବୈଠକରେ ମତପ୍ରକାଶ ପାଇଛି। ଏହି ବିକ୍ଷୋଭ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସ୍ରାଏଲ ନୀତିକୁ ମଧ୍ୟ ସମାଲୋଚନା କରାଯାଇଛି। ଏହି ଆକ୍ରମଣ ଫଳରେ ବିଶ୍ୱ ଅର୍ଥନୀତି ଓ ତୈଳ ଦର ପ୍ରଭାବିତ ହେବା ସହ ଶାନ୍ତି ଭଙ୍ଗ ହେବାର ଆଶଙ୍କା ଦେଖାଦେଇଛି। ଏହି ସଭାରେ ବସନ୍ତ ନାୟକ, ବବି ବଳବନ୍ତରାୟ, ସିଦ୍ଧାର୍ଥ ରଥ, ଭଗ୍ୟରବି ଦାସ, ସୌଭାଗ୍ୟ ସାମଲ, ବିନୋଦ ସେଠୀ, ଦୀପକ ଦାସ, ତରୁଣସେନ ନାୟକ, ଇଶା ଧର, ଅକ୍ଷୟ ରାଉଳ, ଶିବନୀ ସାହୁ, ସ୍ୱାଧୀନ ବେହେରା, ଆଇନଜୀବୀ ପ୍ରତାପ ଚନ୍ଦ୍ର ମିଶ୍ର, ଶୁଭସ୍ମିତା ସାହୁ, ଜୋତ୍ସ୍ନାରାଣୀ ଦାସ, ସଚ୍ଚିରଞ୍ଜନ ବେହେରା, ସୁଜାତା ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ପଦ୍ମନାଭ ସାମଲଙ୍କ ପରଲୋକରେ ଶୋକସଭା

**କଟକ, ୧।୩(ସମିସ):** ରାମକୃଷ୍ଣ କୁଟୀରର ସଭାପତି ତଥା ଅବସରପ୍ରାପ୍ତ ଆଇଏଏସ୍ ପଦ୍ମନାଭ ସାମଲଙ୍କ ଗତ କାଲି ରାତିରେ ରାଉସାପାଟଣାସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି। ରାମକୃଷ୍ଣ କୁଟୀରରେ ଛାତ୍ର ଭାବେ ରହି ଅଧ୍ୟୟନ କରିଥିବା ସ୍ୱର୍ଗତ ସାମଲଙ୍କ ମରଶରୀରକୁ କୁଟୀରକୁ ଅଣାଯାଇଥିଲା। ତାଙ୍କ ଆତ୍ମାର ସଦଗତି ନିମନ୍ତେ ରାମକୃଷ୍ଣ କୁଟୀରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି।



ଏହି ସଭାରେ ଡା. ଜ୍ଞାନେନ୍ଦ୍ରନାଥ ମହାନ୍ତି, ଡା. ସୁଦର୍ଶନ ପଟ୍ଟନାୟକ, ଗୋକୁଳାନନ୍ଦ ପଟ୍ଟନାୟକ, ସୁଭାଷ ଚନ୍ଦ୍ର ସାହୁ, ଭୁବନାନନ୍ଦ ମହାନ୍ତି, ପ୍ରଶାନ୍ତ ଜେନା, ପ୍ରିୟରଞ୍ଜନ ମହାପାତ୍ର, ଡ଼ଃ ଓଁକାର ରାଉତ, ଚିତ୍ତରଞ୍ଜନ ଦାଶ, ସୁବ୍ରତ ମହାନ୍ତି, ରାକେଶ ଶତପଥୀ, ବିଦ୍ୟୁତ କୁମାରୀ ଲାଲା, ବନମାଳି ଶୁକ୍ଳ ଓ ଅନ୍ତେବାସୀ ଯୋଗ ଦେଇଥିଲେ। ସ୍ୱର୍ଗତ ସାମଲଙ୍କ ପୈତୃକ ଗ୍ରାମ କେନ୍ଦ୍ରାପଡ଼ା ଜିଲ୍ଲାର ଦଶିପୁରଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ପୁତ୍ର ରବିଶଙ୍କର ସାମଲ ମୁଖାଗ୍ନି ଦେଇଥିଲେ।

# ଶ୍ରୀ ଜଗନ୍ନାଥ ସାହିତ୍ୟ ସମାଜର କବିତା ପାଠୋତ୍ସବ

**କଟକ, ୧।୩(ସମିସ):** ପ୍ରସନ୍ନ କୁମାର ଜେନାଙ୍କ ସଭାପତିତ୍ୱରେ ଶ୍ରୀଜଗନ୍ନାଥ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ସାହିତ୍ୟ ସଭାରେ ବିଶିଷ୍ଟ ପ୍ରଫେସର ଡାକ୍ତର ସୁଦର୍ଶନ ପଟ୍ଟନାୟକଙ୍କ କାବ୍ୟ ସୃଷ୍ଟି ଉପରେ ବିସ୍ତୃତ ଆଲୋଚନା କରାଯାଇଛି। କବି ମୀନତି ମହାପାତ୍ରଙ୍କ ସ୍ୱାଗତ ଭାଷଣରୁ ଆରମ୍ଭ ହୋଇଥିବା ଏହି ସଭାରେ ଡାକ୍ତର ପଟ୍ଟନାୟକଙ୍କ 'କଂସପୁରୀ ଯାତ୍ରା', 'ଦ୍ୱାରିକା ଯାତ୍ରା' ଓ 'ବେଣୀ ସଂହାର' ଭଳି କାବ୍ୟ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବେ ଡକ୍ଟର ସୁନାମଣି ରାଉତ ଡାକ୍ତର ପଟ୍ଟନାୟକଙ୍କ ଲେଖନୀ ପ୍ରାଚୀନ ଓଡ଼ିଆ ସାହିତ୍ୟର ପରମ୍ପରାକୁ ଆଧୁନିକ ଯୁଗରେ ଜୀବନ୍ତ ରଖିଥିବା କହିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରମୋଦ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୃହତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ କବି ଓ କବୟିତ୍ରୀ ଯୋଗଦେଇ ନିଜର ସ୍ୱରଚିତ କବିତା ପାଠ କରିଥିଲେ। ଡକ୍ଟର ରଶ୍ମି କର, ସୁକାନ୍ତି ମହାନ୍ତି ଓ ସରୋଜିନୀ ରାଉତରାୟ କବିତା ପାଠୋତ୍ସବକୁ ସଂଯୋଜନା କରିଥିବା ବେଳେ ମୈତ୍ରୀ ଭୂଷଣ ଖୁଣ୍ଟିଆ, ଚିନ୍ମୟୀ ମିଶ୍ର ଓ ଅନ୍ୟମାନେ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦିକା ନିର୍ମଳା ସ୍ୱାଇଁ ଅନୁଷ୍ଠାନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଉତ୍କଳ ରଞ୍ଜନ ଦାସ ସାମନ୍ତରାୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଡ. ଅକ୍ଷୟ କୁମାର ସ୍ୱାଇଁ ଓ ବିବେକାନନ୍ଦ ସାହୁ ସାହିତ୍ୟରେ ମାନବବାଦର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ରଖିଥିଲେ।

## ଦହିବରା ଆଳୁଦମ ଦିବସ

# ଜମିଲା କଟକିଆ ସ୍ୱାଦର ଆସର



ରୌପ୍ୟ ନଗରୀର ସେହି ଚଟପଟି ସ୍ୱାଦ, ସାଙ୍ଗକୁ ଦହିପାଣିର ତୃପ୍ତି ଆଜି ପୁଣି ଥରେ ବାଲିଯାତ୍ରା ପଡ଼ିଆରେ ଜମିଛି କଟକିଆ ସ୍ୱାଦର ଭବ୍ୟ ଆସର। କଟକର ଭାଇଚାରା ପରି ବିଶ୍ୱବିଦିତ 'ଦହିବରା ଆଳୁଦମ'କୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ଆଜି ମାର୍ଚ୍ଚ ୧ ତାରିଖକୁ ଜିଲ୍ଲା ପ୍ରଶାସନ ପକ୍ଷରୁ 'କଟକ ଦହିବରା ଆଳୁଦମ ଦିବସ' ଭାବେ ବେଶ୍ ଧୁମଧାମରେ ପାଳନ କରାଯାଇଛି। ବାଲିଯାତ୍ରା ତଳ ପଡ଼ିଆସ୍ଥିତ 'କଟକ ଇନ୍ କଟକ' ପରିସରରେ ଆୟୋଜିତ ଏହି ଉତ୍ସବରେ ସହରର କୋଣ ଅନୁକୋଣରୁ ଶହ ଶହ କଟକିଆଙ୍କ ଭିଡ଼ ଜମିଥିବା ବେଳେ, ଦହିବରା-ଆଳୁଦମର ଚମତ୍କାର ଯୁଗଳବନ୍ଦୀରେ ପୁଣି ଥରେ ରଙ୍ଗୀନ ହୋଇଛି ଦିବସ। କେବଳ ଖାଦ୍ୟ ନୁହେଁ, ବରଂ କଟକର ଐତିହ୍ୟ ଓ ପରମ୍ପରାକୁ ଦେଶ-ବିଦେଶରେ ପହଞ୍ଚାଇବା ପାଇଁ ପ୍ରଶାସନର ଏହି ନିଆରା ପ୍ରୟାସ ଏବେ ପ୍ରତିଟି କଟକିଆଙ୍କ ହୃଦୟକୁ ଛୁଇଁପାରିଛି।





ବାଲିଯାତ୍ରା ପଡ଼ିଆ ଷ୍ଟଲରେ ଭିଡ଼ ଜମାଇଲେ ସହରବାସୀ

**କଟକ, ୧।୩(ସମିସ)**

କଟକର ଭାଇଚାରା ପରମ୍ପରା ପରି ଏଠାକାର 'ଦହିବରା ଆଳୁଦମ' ମଧ୍ୟ ବିଶ୍ୱବିଦିତ। ଏହି ନିଆରା ସ୍ୱାଦର ପ୍ରଚାର ପ୍ରସାର କରିବା ସହ ଏହାକୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ଉଦ୍ଦେଶ୍ୟରେ ଆଜି ମାର୍ଚ୍ଚ ୧ ତାରିଖକୁ 'କଟକ ଦହିବରା ଆଳୁଦମ ଦିବସ' ଭାବେ ପାଳନ କରାଯାଇଛି। କଟକ ଜିଲ୍ଲା ପ୍ରଶାସନ, କଟକ ମହାନଗର ନିଗମ (ସିଏମସି), କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଏବଂ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ବାଲିଯାତ୍ରା ତଳ ପଡ଼ିଆ ସ୍ଥିତ 'କଟକ ଇନ୍ କଟକ' ପରିସରରେ ଏହି ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗତବର୍ଷ ଠାରୁ ଆରମ୍ଭ ହୋଇଥିବା ଏହି ନୂତନ ପରମ୍ପରା ଚଳିତ ବର୍ଷ ମଧ୍ୟ ବେଶ୍ ଉତ୍ସାହର ସହ ପାଳିତ ହୋଇଛି।

ଏହି ଅବସରରେ କଟକ ମେୟର ସୁବାସଚନ୍ଦ୍ର ସିଂହ ଦହିବରା ଆଳୁଦମକୁ କଟକିଆଙ୍କ ହୃଦୟର ଖାଦ୍ୟ ଭାବେ ଅଭିହିତ କରିଥିଲେ। ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋସ ଏହି ସ୍ୱତନ୍ତ୍ର ଖାଦ୍ୟକୁ ଦେଶ ବିଦେଶରେ ଲୋକପ୍ରିୟ କରାଇବାରେ ସ୍ଥାନୀୟ ବ୍ୟବସାୟୀଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିଜ ବକ୍ତବ୍ୟରେ କହିଥିଲେ ଯେ ଦହିବରା ଆଳୁଦମ କଟକର ବାଣିଜ୍ୟ ଓ ପରମ୍ପରା ସହ ଜଡ଼ିତ। କାର୍ଯ୍ୟକ୍ରମରେ ବରିଷ୍ଠ ଅଭିନେତା ଶ୍ରୀତମ ଦାସ ଓ ଅରିନ୍ଦମ ରାୟଙ୍କ ଉପସ୍ଥିତି ଉତ୍ସବକୁ ଅଧିକ ରୋମାଞ୍ଚକର କରିଥିଲା। ଏହି ଅବସରରେ ଦହିବରା ବ୍ୟବସାୟୀ ଓ ଫୁଡ୍ ବ୍ଲଗରମାନଙ୍କୁ ସେମାନଙ୍କର ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ପରିସରରେ ସହରର ବିଭିନ୍ନ ନାମୀଦାମୀ ଦହିବରା ବ୍ୟବସାୟୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ନିଜ ନିଜର ଷ୍ଟଲ୍ ଖୋଲିଥିଲେ। ଲୋକମାନେ ଧାଡ଼ି ବାନ୍ଧି ନିଜ ପ୍ରିୟ ଖାଦ୍ୟର ମଜା ନେଉଥିବା ଦେଖିବାକୁ ମିଳିଥିଲା। ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ।



# ମହାନଦୀ ବିହାରରେ ଦହିବରା ଦିବସ ଓ ଦୋଳ ଉତ୍ସବ




**କଟକ, ୧।୩(ସମିସ):** ପବିତ୍ର ଫଗୁଦଶମୀ ଅବସରରେ ମହାନଦୀବିହାରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର, ଆଖଣ୍ଡଳମଣୀ ମନ୍ଦିରର ଯୁଗଳ ଦେବତା ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ଦୋଳପର୍ବ ଭକ୍ତି ଓ ଆନନ୍ଦମୟ ପରିବେଶରେ ପାଳିତ ହୋଇଯାଇଛି। ଫଗୁ ଦଶମୀରୁ ଆରମ୍ଭ ହୋଇ ତ୍ରୟୋଦଶୀ ପର୍ଯ୍ୟନ୍ତ ଭୋଗ ଦୋଳ ଯାତ୍ରା ଅନ୍ତର୍ଗତ ରାଧାକୃଷ୍ଣ ସୁସଜ୍ଜିତ ଦୋଳ ବିମାନରେ ମନ୍ଦିରରୁ ବିଜେ କରି ଘରେ ଘରେ ପରିକ୍ରମଣ କରୁଥିଲେ। ଆଜି ଦୋଳ ବିଜେକ୍ରମେ ସେକ୍ଟର ୩ ନଂ ନିବାସୀ ତଥା ମହାନଦୀବିହାର ଡିଭେଲପମେଣ୍ଟ ଆସୋସିଏସନ (ଏମଡିଏ)ର ସଭାପତି ସଞ୍ଜୟ ଜେନାଙ୍କ ବାସଭବନରେ ପହଞ୍ଚି ଭୋଗ ଗ୍ରହଣ କରିଥିଲେ। ଘଣ୍ଟ, ଝାଞ୍ଜ ଓ ମୃଦଙ୍ଗର ମଙ୍ଗଳ ଧ୍ୱନି ମଧ୍ୟରେ ବିଧିବିଧାନ ସହ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା ଏବଂ ପରେ ଅଞ୍ଚଳବାସୀଙ୍କ ଘରକୁ ଘର ପରିକ୍ରମଣ କରାଯାଇଥିଲା। ଏହି ଅବସରରେ ଦହିବରା ଦିବସ ମଧ୍ୟ ଉତ୍ସାହର ସହ ପାଳିତ ହୋଇଥିଲା। ଏମଡିଏ ସଭାପତି ଶ୍ରୀ ଜେନା ତାଙ୍କ ବାସଭବନରେ ଭକ୍ତବୃନ୍ଦ ଓ ଅଞ୍ଚଳବାସୀଙ୍କ ପାଇଁ ଦହିବରାର ବିଶାଳ ପସରା ମେଲାଇ ଆତିଥ୍ୟ ପ୍ରଦାନ କରିଥିଲେ। ରିଦ୍ଧି ସିଦ୍ଧି ଫୁଡ୍ ବେଭ୍ରଜ ପକ୍ଷରୁ ଦହିବରା ଓ ଚାଇ କଳିଂ ପକ୍ଷରୁ ଦହିଲସୀ ପରିବେଷଣ କରାଯାଇଥିଲା। କର୍ପୋରେଟର ଇଂ ସୁବ୍ରତ ଘଡାଇ, ଏମଡିଏ ଉପସଭାପତି ସରୋଜ ପ୍ରସାଦ ସ୍ୱାଇଁ, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ପ୍ରଭାକର ରଣା, ଜ୍ଞାନରଞ୍ଜନ ଦାସ, ମୁରବୀ ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ରବୀନ୍ଦ୍ରନାଥ ମହାନ୍ତି, ରବି ଶତପଥୀ, ଇଂ ସୁବୋଧ ରାଉତରାୟ, ଇଂ ସଂଗ୍ରାମ ଜେନା, ପ୍ରଶାନ୍ତ ପ୍ରଧାନ, ସୁଜିତ ମିଶ୍ର, ଚର୍ତ୍ତୁଭୁଜ ମହାପାତ୍ର, ତାପସ ସାମନ୍ତ, ରବିନାରାୟଣ ଦାସ, ଇଂ ସଂଗ୍ରାମ ଜେନା, ଭାଗିରଥୀ ସାମଲ, ଗାୟତ୍ରୀ ପ୍ରଧାନ, ଦୀପକ ରାଉତରାୟ, ବରଦା ନାୟକ, ପ୍ରହ୍ଲାଦ ମହାନ୍ତି, ବିଚିତ୍ରାନନ୍ଦ ପଣ୍ଡା, ଶରତ ଚନ୍ଦ୍ର କୁଣ୍ଡୁ, ଅଭୟ ପରିଜା, ବିଷ୍ଣୁ କର, ରାଧାକାନ୍ତ ଶତପଥୀ, ସୁଶାନ୍ତ ଘୋଷ, ରାକେଶ ତ୍ରିପାଠୀ, ମାନବେଶ ରାୟ, ଦୀପକ ମହାନ୍ତି, ରିତେଶ ଜେନା, ସାଇ ସୌରଭ ଜେନାଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ବାର୍ଦ୍ଧକ୍ୟରେ ଜୀବନର କେତେବର୍ଷ କାଟିଲେ ତାହାର ଗଣନା ଅପେକ୍ଷା ବାକି ଥିବା ବର୍ଷଗୁଡ଼ିକରେ ଜୀବନ କେମିତି କାଟିବେ ସେହି ଚିନ୍ତା ଅଧିକ ମହତ୍ତ୍ୱ ରଖେ।
-ଆବ୍ରାହାମ୍ ଲିଙ୍କନ୍

ସକାଳ
THE SAKALA

## ଯୁଦ୍ଧ ବିଶ୍ୱବ୍ୟାପୀ ନ ହେଉ

ଆଶଙ୍କା ଅନୁରୂପ ଆମେରିକା ସହଯୋଗରେ ଇସ୍ରାଏଲ୍ ଇରାନ୍ ଉପରେ ଆକ୍ରମଣ କରିବା ସହିତ ବିଧିବଦ୍ଧ ଭାବେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହୋଇଛି। ଇସ୍ରାଏଲ୍‌ର କ୍ଷେପଣାସ୍ତ୍ର ମାଡ଼ରେ ଇରାନ୍ ରାଜଧାନୀ ତେହେରାନ୍‌ର ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଜୀବନହାନି ସମ୍ପର୍କିତ ନିର୍ଦ୍ଦିଷ୍ଟ ସୂଚନା ମିଳିପାରିନାହିଁ। ଅପରପକ୍ଷରେ ଇରାନ୍‌ର କ୍ଷେପଣାସ୍ତ୍ରମାନ କାତାର, ବାହାରିନ୍, କୁଏତ୍ ଓ ୟୁଏଇର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଭେଦ କରିଛି। ଯୁଦ୍ଧର ସଦ୍ୟତମ ଅଗ୍ରଗତି ସୂଚନା ଆଧାରରେ ପ୍ରାରମ୍ଭିକ ଫଳାଫଳ ଆମେରିକା-ଇସ୍ରାଏଲ୍ ସପକ୍ଷରେ ଯାଇଛି। ଇରାନ୍‌ର ସର୍ବମାନ୍ୟ ନେତା ଇମାମ୍ ଆୟାତୋଲ୍ଲା ଅଲି ଖେମିନି ଓ ତାଙ୍କ ଉତ୍ତରାଧିକାରୀ ପୁତ୍ରକୁ ହତ୍ୟା କରିବା ପାଇଁ ଆମେରିକା-ଇସ୍ରାଏଲ୍‌ର ପ୍ରାରମ୍ଭିକ ଲକ୍ଷ୍ୟ ପ୍ରାୟତଃ ପୂରଣ ହୋଇଛି। ରିପୋର୍ଟ ମୁତାବକ ଇସ୍ରାଏଲ୍‌ର ଲକ୍ଷ୍ୟଭେଦୀ ବିମାନ ଆକ୍ରମଣରେ ଖେମିନିଙ୍କ ସମେତ ତାଙ୍କର ସବୁଠାରୁ ବିଶ୍ୱସ୍ତ ଓ ଶକ୍ତିଶାଳୀ ଇସ୍‌ଲାମିକ୍ ରିପବ୍ଲିକ୍ ଗାର୍ଡ କପ୍ସ୍(ଆଇଆରଜିସି) ର ମୁଖ୍ୟ ମେଜର ଜେନେରାଲ୍ ମହମ୍ମଦ ପାକ୍‌ପୌର, ପ୍ରତିରକ୍ଷା ପରିଷଦ ସଚିବ ଅଲି ଶାମ୍‌ଖାରି, ଶତାଧିକ ସାମରିକ ଓ ପ୍ରଶାସନିକ ଅଧିକାରୀ, ପରମାଣୁ ବୈଜ୍ଞାନିକ ନିହତ ହୋଇଛନ୍ତି। ଇରାନ୍‌ର ଶାସନ କ୍ଷମତା ଅକ୍ତିଆର କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍ ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି।

ଅପରପକ୍ଷରେ ଇରାନ୍ ଏବେ ଏକପ୍ରକାର ମୁରବିବିହୀନ ହୋଇଯାଇଛି। ତେଣୁ ଇରାନ୍ ଆତ୍ମସମର୍ପଣ କରିବ କିମ୍ବା ପ୍ରତିଆକ୍ରମଣ ଜୋରଦାର କରିବ ଏବଂ ନୀତିଗତ ନିଷ୍ପତ୍ତି କିଏ ନେବ ତାହା ଉପରେ ଯୁଦ୍ଧର ଭବିଷ୍ୟତ ଓ ଫଳାଫଳ ନିର୍ଭର କରୁଛି। ଏହାପୂର୍ବରୁ ଗତ ବର୍ଷ ଜୁନ୍ ମାସରେ ବାରଦିନିଆ ଯୁଦ୍ଧରେ ଇରାନ୍‌ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ରମାନ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବାୟୁପ୍ରତିରକ୍ଷା ପ୍ରଣାଳୀ ଭାବେ ମାନ୍ୟତାପ୍ରାପ୍ତ ଇସ୍ରାଏଲ୍‌ର 'ଆଇରନ୍ ଡ୍ରୋମ୍'କୁ ଅନାୟାସରେ ଭେଦ କରିପାରିଥିଲା। ଯଦି ଇରାନ୍ ଉପରେ ଆକ୍ରମଣ ହୁଏ ତେବେ ଇସ୍ରାଏଲ୍ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ ବୋଲି ଖେମିନି ଏହାପୂର୍ବରୁ ଧମକ ଦେଇଥିଲେ। ଏହାଛଡ଼ା କାତାରରେ ଆମେରିକାର ସର୍ବବୃହତ୍ ବୈଦେଶିକ ଆଣବିକ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବାରୁ ସ୍ୱାଭାବିକ ଭାବେ କାତାର ଇରାନ୍ ଆକ୍ରୋଶର ଶିକାର ହେବ। ତେଣୁ ଇରାନ୍‌ର ପ୍ରତିଆକ୍ରମଣ ଯେତେ ଭୟଙ୍କର ହେବ ଯୁଦ୍ଧର ବିଭୀଷିକା ସେତେ ଉଗ୍ର ହେବ।

ଏହି ଯୁଦ୍ଧ କେତେଦିନ ପର୍ଯ୍ୟନ୍ତ ଚାଲିବ, ତାହା ଅନିଶ୍ଚିତ। ଏହା କିନ୍ତୁ ନିଶ୍ଚିତ ଯେ ଏହି ଅଞ୍ଚଳର ଯୁଦ୍ଧରେ ମଧ୍ୟପ୍ରାଚ୍ୟ ଏବଂ ସେଠାକାର ନାଗରିକ ହିଁ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ। ଯଦି ଯୁଦ୍ଧ ଜାରି ରହେ ତେବେ ତାହାର ନିଆଁ ସାରା ବିଶ୍ୱକୁ ବ୍ୟାପିପାରେ। ଏହାର ତତ୍କାଳ ଓ ପ୍ରତ୍ୟକ୍ଷ ପ୍ରଭାବରେ ସାମୁଦ୍ରିକ ବାଣିଜ୍ୟର ସୁଗମ ପଥ ହର୍ମୁଜ୍ ପ୍ରଣାଳୀକୁ ଇରାନ୍ ବନ୍ଦ କରିଦେଲେ ୟୁରୋପ ସମେତ କେତେକ ମଧ୍ୟଏସୀୟ ଓ ୟୁରେସୀୟ ରାଷ୍ଟ୍ରରେ ତୈଳସଙ୍କଟ ସୃଷ୍ଟି ହେବ। ଏଥିସହିତ ବହିଃବାଣିଜ୍ୟରେ ବ୍ୟାଘାତ ସୃଷ୍ଟି ହେଲେ ଦରଦାମ ଆହୁରି ବଢ଼ିବ, ଖାଦ୍ୟ ଓ ସ୍ୱାସ୍ଥ୍ୟ ସେବାରେ ସଙ୍କଟ ସୃଷ୍ଟି ହେବ। ତେଣୁ ଏହି ଯୁଦ୍ଧର ପରୋକ୍ଷ ପ୍ରଭାବରେ ଅବଶିଷ୍ଟ ବିଶ୍ୱ ମଧ୍ୟ କ୍ଷତିଗ୍ରସ୍ତ ହେବ। ଏବେ ଇସ୍ରାଏଲ୍‌କୁ ଆମେରିକା ପ୍ରତ୍ୟକ୍ଷ ସମର୍ଥନ ଦେଇଆସୁଛି। ଏହି ଦୃଷ୍ଟିରୁ ଯଦି ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଆହୁରି ଅଧିକ ଉଗ୍ର ହୁଏ ତେବେ ପୃଥିବୀର ମହାଶକ୍ତିମାନେ ଦୁଇଭାଗରେ ବିଭକ୍ତ ହୋଇଯିବାର ଆଶଙ୍କାକୁ ଏଡ଼ାଇ ଦେଉ ହେଉ ନାହିଁ। କାରଣ ଇରାନ୍‌କୁ ପରୋକ୍ଷ ସମର୍ଥନ ଦେଇ ଆସୁଥିବା ଚୀନ୍, ରୁଷ୍, ଉତ୍ତର କୋରିଆ ଓ ତୁର୍କୀ ଭଳି ଆମେରିକା-ବିରୋଧୀ ରାଷ୍ଟ୍ରମାନେ ଇସ୍ରାଏଲ୍ ବିରୋଧରେ ଇରାନ୍‌କୁ ପ୍ରତ୍ୟକ୍ଷ ସହାୟତା ଦେଇପାରନ୍ତି, ଯାହା ପୁଣି ଏକ ବିଶ୍ୱଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି।

ଏ ପୃଷ୍ଠଭୂମିରେ ଭାରତର ବାଣିଜ୍ୟ-ଅର୍ଥନୀତି ମଧ୍ୟ ସୁରକ୍ଷିତ ରହିପାରିବ ନାହିଁ। ଭାରତର ତୈଳ ଚାହିଦାର ୮୮ ପ୍ରତିଶତ ଆମଦାନୀ ଉପରେ ନିର୍ଭର କରୁଥିବା ବେଳେ ହର୍ମୁଜ୍ ପ୍ରଣାଳୀ ଦେଇ ଏହାର ୪୦% ଆସୁଛି। ତେଣୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତିରେ ବିଶ୍ୱ ବଜାରରେ ଯଦି ଅଶୋଧିତ ତୈଳ ଦର ବ୍ୟାରେଲ୍ ପିଛା ୧ ଡଲାର ମଧ୍ୟ ବୃଦ୍ଧି ଘଟେ ତାହାର ବୋଝ ଭାରତ ପାଇଁ ବହୁଗୁଣିତ ହେବ। ସାମ୍ପ୍ରତିକ ସ୍ଥିତିରେ ଭାରତ ପାଇଁ ସବୁଠାରୁ ଉଦ୍‌ବେଗ ହେଉଛି ମଧ୍ୟପ୍ରାଚ୍ୟରେ ପ୍ରବାସୀ ଭାରତୀୟଙ୍କ ସୁରକ୍ଷା। ସେହି ଅଞ୍ଚଳରେ ପ୍ରାୟ ୯୦ ଲକ୍ଷ ପ୍ରବାସୀ ଭାରତୀୟ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ହଜାର ଇସ୍ରାଏଲ୍‌ରେ ଏବଂ ୧୦ ହଜାର ଇରାନ୍‌ରେ ବିଭିନ୍ନ କାମଧନ୍ଦାରେ ନିୟୋଜିତ ଅଛନ୍ତି। ତେଣୁ ଯୁଦ୍ଧ ଆରମ୍ଭ ହେଲେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କାର୍ଯ୍ୟ ଭାରତ ପାଇଁ ଆହ୍ୱାନ ହେବ। ସେମାନେ ଭାରତ ଫେରିଆସିଲେ ଅର୍ଥର ବହିଃସ୍ରୋତ ଗୁରୁତର ବାଧାପ୍ରାପ୍ତ ହୋଇପାରେ। ଏକପକ୍ଷରେ ଇନ୍ଧନମୂଲ୍ୟ ବୃଦ୍ଧି ଜନିତ ମୁଦ୍ରାସ୍ଫୀତି, ଅନ୍ୟପକ୍ଷରେ ଅର୍ଥାଭାବ ଦେଶର ଅଭିବୃଦ୍ଧିକୁ ବ୍ୟାହତ କରିପାରେ। ସର୍ବୋପରି ଯଦି ଯୁଦ୍ଧରେ ଚାବାହାର ବନ୍ଦର କ୍ଷତିଗ୍ରସ୍ତ ହୁଏ ତେବେ ସେଥିରେ ବିପୁଳ ନିବେଶ କରିଥିବା ଭାରତ ହିଁ ସର୍ବାଧିକ କ୍ଷତି ସହିବ।

ଯୁଦ୍ଧର ଫଳାଫଳ ଓ ଅଗ୍ରଗତି ଅପେକ୍ଷା ଏବେ ଏହି ଯୁଦ୍ଧର ପୃଷ୍ଠଭୂମି ଓ କାରଣ ସମ୍ପର୍କରେ ଏକ ସିଂହାବଲୋକନ କରାଯାଉ। ଇରାନ୍‌କୁ ସମ୍ପୂର୍ଣ୍ଣ ରୂପେ ଆଣବିକନିରସ୍ତ୍ର କରିବା ଏହି ଯୁଦ୍ଧର ଏକମାତ୍ର କାରଣ ବୋଲି ଆମେରିକା-ଇସ୍ରାଏଲ୍ ଘୋଷଣା କରିଥିବା ବେଳେ ବାସ୍ତବତା କିନ୍ତୁ ଭିନ୍ନ। କାରଣ ଆନ୍ତର୍ଜାତିକ ଶକ୍ତି ସଂସ୍ଥାର ବିଶେଷଜ୍ଞମାନେ ବହୁବାର ଇରାନ୍‌ରେ ତଦାରଖ କରି ଆଣବିକ ଅସ୍ତ୍ର ନିର୍ମାଣର ଭିତ୍ତିଭୂମି ସେଠାରେ ନଥିବା ରିପୋର୍ଟ ଦେଇଛନ୍ତି। ଏହାଛଡ଼ା ଆଣବିକ ଶକ୍ତିକୁ କେବଳ ଶାନ୍ତିପୂର୍ଣ୍ଣ ଉପଯୋଗ କରାଯାଉଛି ବୋଲି ଇରାନ୍ ମଧ୍ୟ ବାରମ୍ବାର ଦୋହରାଇଆସୁଛି। ତଥାପି ଇସ୍ରାଏଲ୍‌ର ପ୍ରରୋଚନାରେ ଆମେରିକା ଇରାନ୍ ବିପକ୍ଷରେ ଯୁଦ୍ଧ ପାଇଁ ଏକପ୍ରକାର ବାଧ୍ୟ ହୋଇଛି କହିଲେ ଚଳେ। କେତେକ ବିଶେଷଜ୍ଞଙ୍କ ମତରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମ୍ପର୍କରେ କିଛି ଗୁପ୍ତତଥ୍ୟ ଇସ୍ରାଏଲ୍‌ର ଗୁଇନ୍ଦା ସଂସ୍ଥା ମୋସାଦ୍ ପାଖରେ ରହିଛି। ତେଣୁ ତାହାକୁ ନେଇ ଇସ୍ରାଏଲ୍ ଟ୍ରମ୍ପଙ୍କୁ ଏକପ୍ରକାର ବ୍ଲାକ୍‌ମେଲ୍ କରୁଥାଇପାରେ। ଇରାକ୍ ଘାତକ ଅସ୍ତ୍ର ପ୍ରସ୍ତୁତ କରୁଥିବା ନେଇ ଇସ୍ରାଏଲ୍‌ର ଗୁଇନ୍ଦା ତଥ୍ୟ ଆଧାରରେ ୨୦୦୩ରେ ମଧ୍ୟ ଆମେରିକା ଇରାକ୍ ଉପରେ ଆକ୍ରମଣ କରିଥିଲା। କିନ୍ତୁ ଯୁଦ୍ଧରେ ସଦ୍ଦାମ ହୁସେନ୍‌ଙ୍କ ପରାଜୟ ପରେ ବ୍ୟାପକ ଖୋଳତାଡ଼ ସତ୍ତ୍ୱେ ରିପୋର୍ଟ ମୁତାବକ ସେଭଳି କୌଣସି ଘାତକ ଅସ୍ତ୍ର ମିଳିଲା ନାହିଁ। ତେଣୁ ଇସ୍ରାଏଲ୍ କଥାରେ ଆମେରିକାର ଇରାନ୍ ଆକ୍ରମଣ କେତେଦୂର ଗ୍ରହଣୀୟ ତାହା ବିଚାରଯୋଗ୍ୟ। ବରଂ ଏହି ଯୁଦ୍ଧ ଶୀଘ୍ର ବନ୍ଦ ହେଲେ ବିଶ୍ୱ ପାଇଁ ମଙ୍ଗଳମୟ ହେବ।

# ନିରଙ୍କୁଶ ଜନାଦେଶ ବନାମ ନିରଙ୍କୁଶ କ୍ଷମତା

**ଗୌରୀପ୍ରସାଦ ମହାପାତ୍ର**

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ଜନପ୍ରତିନିଧି ସଭାରେ ମୋଟ ଆସନ ସଂଖ୍ୟାର ଦୁଇ-ତୃତୀୟାଂଶ କିମ୍ବା ତା'ଠାରୁ ଅଧିକ ଭୋଟ ମିଳିଲେ ତାହାକୁ 'ନିରଙ୍କୁଶ ଜନାଦେଶ' କୁହାଯାଏ। ଭାରତ ପରି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏବଂ ବହୁଦଳୀୟ ସଂସଦୀୟ ବ୍ୟବସ୍ଥାରେ ନିରଙ୍କୁଶ ଜନାଦେଶ ଚିରସ୍ଥାୟୀ ବିକାଶ ପାଇଁ ଶୁଭଙ୍କର। ସଂସ୍କାରମୂଳକ ପଦକ୍ଷେପ, ଦୀର୍ଘମିଆଦୀ ଯୋଜନା, ପରୀକ୍ଷାନିରୀକ୍ଷା ଆଦି କେବଳ ସଂଖ୍ୟାଗରିଷ୍ଠ ସରକାରରେ ହିଁ ସମ୍ଭବ। ଅପରପକ୍ଷରେ ସଂଖ୍ୟାଲଘୁ ସରକାର ପ୍ରାୟତଃ ଗୋଷ୍ଠୀତନ୍ତ୍ର ଦ୍ୱାରା ପରିଚାଳିତ ହେଉଥିବାରୁ ସଂସ୍କାରଗତ ଦୃଢ଼ ନିଷ୍ପତ୍ତି ନେବାର ଅଧିକାରରୁ ବଞ୍ଚିତ ରହିବା ସ୍ୱାଭାବିକ। ତେଣୁ ସଂଖ୍ୟାଲଘୁ ସରକାର ଉଭୟ ଅର୍ଥନୈତିକ ଓ ସାମାଜିକ ବିକାଶର ପରିପନ୍ଥୀ ବୋଲି କୁହାଯାଏ। କିନ୍ତୁ ନିରଙ୍କୁଶ ଜନାଦେଶ ପାଇଥିବା ରାଜନୈତିକ ଦଳ ଭିତରେ ଯେତେବେଳେ ନିରଙ୍କୁଶ କ୍ଷମତା ବଳୟ ସୃଷ୍ଟି ହୁଏ, ତାହା ଉଭୟ ଦଳୀୟ ଓ ରାଷ୍ଟ୍ରୀୟ ଗଣତନ୍ତ୍ରର ଭବିଷ୍ୟତ ପ୍ରତି ବିପଦ ସୃଷ୍ଟି କରେ। ନିରଙ୍କୁଶ କ୍ଷମତା ମଧ୍ୟ ଅନେକ ସମୟରେ ଭୁଲ୍ ଓ ଦେଶଅହିତ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ପ୍ରୋତ୍ସାହିତ କରେ। ସ୍ୱାଧୀନୋତ୍ତର ଭାରତରେ ବିଗତ ଶତାବ୍ଦୀର ପଚାଶ ଦଶକର ଅପରିଣାମଦର୍ଶୀ ବୈଦେଶିକ ନୀତି, ସତୁରୀ ଦଶକର ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା ଏବଂ ଚଳିତ ଶତାବ୍ଦୀର ଦ୍ୱିତୀୟ ଦଶକରେ ବିମୁଦ୍ରାକରଣ ନିଷ୍ପତ୍ତି, ତୃତୀୟ ଦଶକରେ ନୂଆ କୃଷି ଆଇନ(ପ୍ରତ୍ୟାହୃତ) ଆଦି ଏହାର ଅଳ୍ପ କେତୋଟି ଉଦାହରଣ।

ବିନମ୍ରତାର ସହିତ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମ ସମ୍ବିଧାନ କେବଳ ନିର୍ବାଚନରେ ବହୁମତ ପାଇଥିବା ରାଜନୈତିକ ଦଳକୁ କ୍ଷମତା ଅର୍ପଣ କରିଛି, ମାତ୍ର ଦଳଗୁଡ଼ିକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ନିରବ ରହିଛି। ନିର୍ବାଚନରେ ହାରିଯାଇଥିବା ରାଜନୈତିକ ଦଳର ସଦସ୍ୟମାନେ ଯେତେ ଜ୍ଞାନୀ, ଗୁଣୀ, ଦୂରଦ୍ରଷ୍ଟା ଓ ପ୍ରତିଭାବାନ ହୁଅନ୍ତୁ ନା କାହିଁକି ଅତିକମ୍‌ରେ ପରବର୍ତ୍ତୀ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଶାସନ, ପ୍ରଶାସନ ଓ ନୀତି ନିର୍ଦ୍ଧାରଣରେ ସେମାନଙ୍କ ମତ, ପ୍ରସ୍ତାବ ଓ ବିଚାରର କୌଣସି ଗୁରୁତ୍ୱ ନଥାଏ। ଶାସନତନ୍ତ୍ର ଗତାନୁଗତିକ ରୀତିରେ ବିରୋଧୀଙ୍କ ମତକୁ ଉଦ୍ଦେଶ୍ୟମୂଳକ ଭାବେ ହେୟଜ୍ଞାନ ଓ ଅଗ୍ରାହ୍ୟ କରିଚାଲିଥାଏ। ଯଦି ଆମ ସମ୍ବିଧାନ ବ୍ରିଟିଶ୍ ଢାଞ୍ଚା ବଦଳରେ ଆମେରିକୀୟ ଢାଞ୍ଚାରେ ପ୍ରସ୍ତୁତ ହୋଇଥା'ନ୍ତା, ତେବେ ନିର୍ବାଚିତ ରାଜନୈତିକ ଦଳ ଏବଂ ଏହାର ମୁଖ୍ୟଙ୍କୁ ଏକଚାଟିଆ ନିରଙ୍କୁଶ କ୍ଷମତା କାର୍ଯ୍ୟକାରୀ କରିବାର ଅଧିକାରରୁ ବଞ୍ଚିତ କରିଥା'ନ୍ତା। ଆମେରିକୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜ୍ୟମାନେ କେନ୍ଦ୍ର ପାଖରେ ନୁହେଁ, ବରଂ ସେମାନଙ୍କ ଭୋଟରଙ୍କ ପାଖରେ ଉତ୍ତରଦାୟୀ। ରାଜ୍ୟମାନେ ସ୍ୱାଧୀନ ଭାବରେ ସେମାନଙ୍କର ନିଜସ୍ୱ ନିର୍ବାଚନ ପ୍ରକ୍ରିୟା ଅନୁପାଳନ କରିବାକୁ ଅଧିକାରପ୍ରାପ୍ତ। ସେଠାରେ ଶାସନର ସର୍ବୋଚ୍ଚ ଶାସନକର୍ତ୍ତା ରାଷ୍ଟ୍ରପତି ମଧ୍ୟ ନିରଙ୍କୁଶ କ୍ଷମତାସମ୍ପନ୍ନ ନୁହନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ସଂସ୍ଥା ରାଷ୍ଟ୍ରପତି ଓ କଂଗ୍ରେସ ଅଧୀନରେ ବିଭକ୍ତ ହୋଇ ପରିଚାଳିତ ହୁଏ। ଏହାଦ୍ୱାରା ନିର୍ବାଚନରେ ବହୁମତ ପାଇ ନ ଥିବା ଦଳର ନେତାମାନଙ୍କର ସ୍ୱର ଓ ମତକୁ ମଧ୍ୟ ବିଭାଜିତ ଶାସନ ପ୍ରକ୍ରିୟା, ପ୍ରଶାସନ ଓ ନୀତି ନିର୍ଦ୍ଧାରଣରେ ଯଥାଯଥ ସମ୍ମାନ ମିଳେ।

ଆମ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁସାରେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଓ ରାଜ୍ୟରେ ମୁଖ୍ୟମନ୍ତ୍ରୀମାନେ ଶାସନର ସର୍ବେସର୍ବା ହୋଇଥିବାରୁ ସେମାନଙ୍କ ନିଷ୍ପତ୍ତି ହିଁ ଚୂଡ଼ାନ୍ତ ଏବଂ ଶାସନ-ପ୍ରଶାସନ ତାହାକୁ କାର୍ଯ୍ୟକାରୀ କରିବାକୁ ବାଧ୍ୟ। ଏହି ସାମ୍ବିଧାନିକ ବ୍ୟବସ୍ଥାର ସୁଯୋଗ ନେଇ ନିରଙ୍କୁଶ ଶାସନ କ୍ଷମତାରେ ଥିବା ଦଳୀୟ ଓ ସଂସଦୀୟ ମୁଖ୍ୟମାନେ ଦେଶ ଓ ଲୋକହିତ ପାଇଁ ଅନୁପଯୁକ୍ତ ହେଉ ପଛକେ ନିଜ ଦଳକୁ ସୁହାଇବା ପରି ନୀତିନିୟମ ମାନ ପ୍ରଣୟନ କରିଚାଲନ୍ତି ଏବଂ ଆଇନ କାନୁନକୁ ନିଜ ଇଚ୍ଛା ମତେ ମୋଡ଼ି ମକଚି ଦିଅନ୍ତି। ବିରୋଧୀ ଓ ବିପକ୍ଷଙ୍କ ଉପରେ ପ୍ରତିଶୋଧପରାୟଣ ହୋଇ କିମ୍ବା ସେମାନଙ୍କୁ ହଇରାଣ ହରକତ କରିବା ବା ବିପଦରେ ପକାଇବା ଭଳି ଆଇନ ପ୍ରଣୟନ କରନ୍ତି ଏବଂ ସରକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରନ୍ତି। କ୍ଷମତାସୀନ ସରକାର ଦ୍ୱାରା ସିବିଆଇ, ଇଡି, ଆଇଟି ପରି କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ବିରୋଧୀଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଅପବ୍ୟବହାରର ଅଭିଯୋଗ ମଧ୍ୟ ଅମୂଳକ ନୁହେଁ। ସିବିଆଇ ଓ ଇଡିର ଦୁରୁପଯୋଗ ହେଉଥିବା ବା ଉଦ୍ଦେଶ୍ୟମୂଳକ ଭାବେ ବ୍ୟବହାର କରାଯାଉଥିବା ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଅନେକ ଥର ଟିପ୍ପଣୀ ଦେବା ସହିତ ଉଦ୍‌ବେଗ ପ୍ରକାଶ କରିଛନ୍ତି। କ୍ଷମତା ରାଜନୀତିରେ ଉପରୋକ୍ତ ସଂସ୍ଥାଗୁଡ଼ିକର ଦୁରୁପଯୋଗ ଅଭିଯୋଗ ଯେ ନିରାଧାର ନୁହେଁ, ତାହାର ସଦ୍ୟତମ ଉଦାହରଣ ରୂପେ 'ଆମ୍ ଆଦ୍‌ମି ପାର୍ଟି' ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍‌ଙ୍କୁ ସିବିଆଇ ଅଦାଲତ ନିର୍ଦ୍ଦୋଷ ଘୋଷଣା କରିବା ପ୍ରସଙ୍ଗକୁ ନିଆଯାଇପାରିବ। ଅଧିକନ୍ତୁ ନିରଙ୍କୁଶ କ୍ଷମତାର ଆଧିପତ୍ୟ ହିଁ ଆମ ଦେଶର ସ୍ୱାଧୀନୋତ୍ତର ସମୟର ସବୁଠାରୁ ବଡ଼ ବିଡ଼ମ୍ବନା ବୋଲି କୁହାଯାଇପାରେ।

ଭାରତରେ କିନ୍ତୁ ଯେତେବେଳେ ଦୁର୍ନୀତି ଓ ଯୁଦ୍ଧ ଭଳି ପ୍ରସଙ୍ଗ ଉଠିଛି, ତାହା ସଂଖ୍ୟାଗରିଷ୍ଠ କିମ୍ବା ସଂଖ୍ୟାଲଘୁ ସରକାରର ବାଛବିଚାର କରି ନାହିଁ। 'ନିରଙ୍କୁଶ କ୍ଷମତା ହିଁ ଚରମ ଦୁର୍ନୀତିର ପୃଷ୍ଠପୋଷକ' - ଇଂଲଣ୍ଡର ବିଖ୍ୟାତ ଐତିହାସିକ, ରାଜନୀତିଜ୍ଞ, ଲେଖକ ଲର୍ଡ ଆକ୍ଟନଙ୍କ ଉପରୋକ୍ତ ଉକ୍ତି ଭାରତର ଦୁର୍ନୀତି କ୍ଷେତ୍ରରେ ଭୁଲ୍ ସାବ୍ୟସ୍ତ ହୋଇଛି। କାରଣ ବୋଫର୍ସ ଦୁର୍ନୀତି, ଗୋଖାଦ୍ୟ ଦୁର୍ନୀତି, ନିରବ ମୋଦୀ ଓ ମେହୁଲ୍ ଚୋକ୍ସି ବ୍ୟାଙ୍କ ଦୁର୍ନୀତି ଆଦି ସଂଖ୍ୟାଗରିଷ୍ଠ ସରକାର ଅମଳରେ ହୋଇଥିବା ବେଳେ କୋଲଗେଟ୍, ଟୁ-ଜି, କମନ୍‌ୱେଲ୍‌ଥ ଗେମ୍ ଆଦି ଦୁର୍ନୀତି ଭାରତର ଏକ ମେଣ୍ଟ ସରକାର ଅମଳରେ ସଂଘଟିତ ହୋଇଥିଲା। ସେହିପରି ସଂଖ୍ୟାଗରିଷ୍ଠ ସରକାର ଅମଳରେ ୧୯୬୨ରେ ଭାରତ ଚୀନ୍‌ଠାରୁ ପରାଜୟ ଲଭିଥିବା ବେଳେ ୧୯୬୫ ଓ ୧୯୭୧ରେ ନିରଙ୍କୁଶ ଶାସନ କ୍ଷମତା ଅଧୀନରେ ଥିବା ଭାରତଠାରୁ ପାକିସ୍ତାନ ପରାଭବ ପାଇଥିଲା। ଅପରପକ୍ଷରେ ଭାରତର କାରଗିଲ୍ ଯୁଦ୍ଧ ବିଜୟର ସଫଳତା ଏକ କାମଚଳା ସରକାର ଅମଳରେ ହିଁ ମିଳିଥିଲା।

ରାଜତନ୍ତ୍ର ହେଉ କି ଗଣତନ୍ତ୍ର, ନିରଙ୍କୁଶ କ୍ଷମତାର ସବୁଠାରୁ ବଡ଼ ନକାରାତ୍ମକ ଦିଗଟି ହେଲା ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଥିବା ବ୍ୟକ୍ତିମାନଙ୍କ ମନରେ ଏକ ଧାରଣା ସୃଷ୍ଟି ହୁଏ ଯେ ମୁଁ ଯାହା ଜାଣିଛି ଏବଂ କରୁଛି ତାହା ହିଁ ଠିକ୍, ଅନ୍ୟମାନେ ଭୁଲ୍। ନିରଙ୍କୁଶ କ୍ଷମତାର ରକ୍ଷଣଶୀଳ ବଳୟ ଭିତରେ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରାୟତଃ ନିଷ୍ପ୍ରଭ ହୋଇସାରିଥାଏ ଏବଂ ଏହାର କେନ୍ଦ୍ରରେ ଥିବା ବ୍ୟକ୍ତିବିଶେଷ ନୂତନ ପ୍ରତିଭାସମ୍ପନ୍ନ ଓ କରିତ୍‌କର୍ମା ନେତୃତ୍ୱ କିମ୍ବା ବ୍ୟକ୍ତିତ୍ୱଙ୍କ ଉତ୍ଥାନକୁ ବରଦାସ୍ତ କରିପାରନ୍ତି ନାହିଁ। ସଚ୍ଚୋଟ, ନୀତିନିଷ୍ଠ ବ୍ୟକ୍ତିମାନେ ଏବଂ ସାଧୁ ରାଜନେତାମାନେ ନିରଙ୍କୁଶ କ୍ଷମତା ବଳୟ ଭିତରେ ଅଣନିଃଶ୍ୱାସୀ ହୋଇ ଦଳ ତ୍ୟାଗ କରନ୍ତି କିମ୍ବା ଅନ୍ୟାୟ, ବ୍ୟଭିଚାର ଓ ଦୁର୍ନୀତିକୁ ପ୍ରଶ୍ରୟ ଦେବାକୁ ବାଧ୍ୟ ହୁଅନ୍ତି।

ନିରଙ୍କୁଶ ଜନାଦେଶ ପାଇଥିବା ଶାସକ ଦଳର ନିରଙ୍କୁଶ ଶାସନ କ୍ଷମତା ନୈତିକତା ଆଧାରିତ ଦୃଷ୍ଟିକୋଣ ଓ ସଂସ୍କାରମୂଳକ କାର୍ଯ୍ୟକ୍ରମ ପ୍ରତି ଅଧିକ ସମର୍ପିତ ହେଲେ ତାହା ପ୍ରଗତିର ଦୀର୍ଘମିଆଦୀ ଭିତ୍ତି ସୃଷ୍ଟି କରିବ। ବର୍ତ୍ତମାନ କିନ୍ତୁ ନିରଙ୍କୁଶ କ୍ଷମତା ଭୋଗ କରୁଥିବା ଶାସକ ଦଳର ମୁଖ୍ୟମାନେ ଏହି ଆଭିମୁଖ୍ୟରୁ ଦୂରେଇ ଯାଇ ସ୍ୱାର୍ଥସନ୍ଧ ହେଉଥିବା ଦେଖାଯାଉଛି। ଏହା ଦୀର୍ଘମିଆଦୀ ଦୃଷ୍ଟିରୁ ସମ୍ପୃକ୍ତ ରାଜନୈତିକ ଦଳ ପାଇଁ ଅନୁକୂଳ ନୁହେଁ, ଯାହାର ଉଦାହରଣ ଏବେ ଦେଶର ସର୍ବପୁରାତନ ରାଜନୈତିକ ଦଳର ସ୍ଥିତି ଆମକୁ ସୂଚାଇ ଦେଉଛି। ସେହିପରି ନିରଙ୍କୁଶ କ୍ଷମତା ବଳୟ ଭିତରେ ଗୃହୀତ ନିଷ୍ପତ୍ତି ଓ ପଦକ୍ଷେପ ଯେ ଦେଶର ସାମୂହିକ ଜନସ୍ୱାର୍ଥର ପରିପନ୍ଥୀ ତାହାର ପ୍ରତିଫଳନ ଭାରତର ସାମାଜିକ-ଆର୍ଥିକ ବୈଷମ୍ୟ ରୂପରେ ଆମ ସମ୍ମୁଖରେ ସମ୍ପ୍ରତି ପ୍ରତିଭାତ। ଅପରପକ୍ଷରେ ନିରଙ୍କୁଶ ଜନାଦେଶର ନିରଙ୍କୁଶ ଶାସନ କ୍ଷମତା ମଧ୍ୟ ଯେ ଓଡ଼ିଶା ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ-ଚିର ଅବହେଳିତ-ଅନାହାର ଓ ଦାରିଦ୍ର୍ୟର ଅପବାଦ ଜର୍ଜରିତ ଏକ ରାଜ୍ୟକୁ ଦୀର୍ଘ ଦୁଇଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଧରି ସ୍ଥିର ଶାସନ ଓ ଦୃଢ଼ ନେତୃତ୍ୱ ବଳରେ ଈର୍ଷଣୀୟ, ଅନୁକରଣୀୟ ଓ ଉଦାହରଣୀୟ ଦ୍ରୁତ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିପାରେ, ତାହା ଏବେ ବିଶ୍ୱ ସମୁଦାୟ ସସମ୍ମାନେ ସ୍ୱୀକାର କରି ନେଇଛି।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ଶିକ୍ଷାର ଗୁଣାତ୍ମକ ମାନ

**ସତ୍ୟନାରାୟଣ ପାଢ଼ୀ**

ମାନବସମ୍ବଳର ବିକାଶ ବିନା ଏକ ଦେଶର ସାମଗ୍ରିକ ବିକାଶ ସମ୍ଭବ ନୁହେଁ। ନାଗରିକକୁ ମାନବସମ୍ବଳରେ ପରିଣତ କରିପାରିଲେ ସେ ଜାତୀୟ ଆର୍ଥିକ ଅଭିବୃଦ୍ଧିର ଦୁର୍ଲଭ ବାହକ ହୁଏ। ଅପରପକ୍ଷରେ ଏହାର ବିପରୀତ ଘଟିଲେ ଉକ୍ତ ନାଗରିକ ହିଁ ରାଷ୍ଟ୍ର ପାଇଁ ବୋଝ ହୋଇଯାଏ। ଏ ରୂପାନ୍ତରଣ ପ୍ରକ୍ରିୟାରେ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ୍ ମାନବସମ୍ବଳ ସୃଷ୍ଟି କରିବା କରିବା ପାଇଁ ଶିକ୍ଷା ପ୍ରଥମ ଆବଶ୍ୟକତା ହେଉଥିବାରୁ ଶିକ୍ଷାର ବିକାଶ ଦିଗକୁ ସରକାର ଅଗ୍ରାଧିକାର ଦେବା ଆବଶ୍ୟକ।

ଶିକ୍ଷାର ବିକାଶ ପାଇଁ ଆମ ଦେଶରେ ଅନେକ ପଦକ୍ଷେପ ନିଆଯାଉଛି। ବିଭିନ୍ନ ଯୋଜନା ପ୍ରଣୟନ ସହିତ ନୂତନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା, ଭିତ୍ତିଭୂମିର ବିକାଶ, ଅନୁଷ୍ଠାନଗୁଡ଼ିକୁ ସରକାରୀ ଅନୁଦାନ ପ୍ରଦାନ ଆଦି ଏହି ପଦକ୍ଷେପ ମଧ୍ୟରେ ଅନ୍ତର୍ଭୁକ୍ତ। ଏହା କିନ୍ତୁ ଶିକ୍ଷାର ସାମଗ୍ରିକ ବିକାଶ ପରିଭାଷା ନୁହେଁ। ଅନ୍ୟଅର୍ଥରେ କହିବାକୁ ଗଲେ ଶିକ୍ଷାର ଉନ୍ନତି କଳ୍ପେ ସରକାରୀ ସ୍ତରରେ କିଛି ପଦକ୍ଷେପ ନେଇ ଶିକ୍ଷାର ଉନ୍ନତି ପାଇଁ କାର୍ଯ୍ୟ କରାଯାଉଛି ବୋଲି ଆତ୍ମତୃପ୍ତି ଲାଭ କରିବାର କୌଣସି ଅବକାଶ ନାହିଁ। କାରଣ ଶିକ୍ଷାର ପ୍ରକୃତ ବିକାଶ ହେଉଛି ଶିକ୍ଷାର ଗୁଣାତ୍ମକ ମାନ ଅଭିବୃଦ୍ଧି। ଏ ପରିପ୍ରେକ୍ଷୀରେ ବାସ୍ତବ ସ୍ଥିତିର ଏକ ଆକଳନ କଲେ ଜାଣିପାରିବା ଯେ ଭିତ୍ତିଭୂମି ଆଧାରରେ ଆମ ରାଜ୍ୟରେ ହୁଏତ ବିଗତ କିଛିବର୍ଷରେ ଶିକ୍ଷାର ପ୍ରସାର ଘଟିଥାଇପାରେ, ମାତ୍ର ଶିକ୍ଷାର ଗୁଣାତ୍ମକ ମାନର ସ୍ଥିତିରେ ଆଶାନୁରୂପ ଉନ୍ନତି ଘଟିପାରିନାହିଁ।

ଆଜିର ଦିନରେ ତୃଣମୂଳ ସ୍ତରର ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ସର୍ବୋଚ୍ଚ ସ୍ତରର ବିଶ୍ୱବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ସର୍ବତ୍ର ଶିକ୍ଷାର ଗୁଣାତ୍ମକ ମାନର ବ୍ୟାପକ ମାତ୍ରାରେ ଅବକ୍ଷୟ ଘଟୁଥିବାର ଅଭିଯୋଗ ଓ ଦୃଷ୍ଟିଗୋଚର ହେଉଛି। ପଞ୍ଚମ ଶ୍ରେଣୀରେ ପାଠ ପଢ଼ୁଥିବା ଅଧିକାଂଶ ପିଲା ନିର୍ଭୁଲ ଭାବେ ଯୁକ୍ତାକ୍ଷର ଯୁକ୍ତ ଓଡ଼ିଆ ଶବ୍ଦ ଲେଖିପାରୁନାହାନ୍ତି କି ସାଧାରଣ ଗଣିତ ପ୍ରଶ୍ନଗୁଡ଼ିକର ସମାଧାନ କରିପାରୁନାହାନ୍ତି। ଇଂରାଜୀ କଥା ତ ନକହିବା ଭଲ। ବିଜ୍ଞାନ ବିଷୟରେ ପିଲାମାନଙ୍କ ଆଗ୍ରହ ସୃଷ୍ଟି କରିବା ଦିଗରେ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ପର୍ଯ୍ୟାପ୍ତ କି - ଏହା ତ ଲକ୍ଷେକୋଟିର ପ୍ରଶ୍ନ। ଗ୍ରାମାଞ୍ଚଳରେ ଶିକ୍ଷାର ପରିବେଶ ଏତେ ଖରାପ ଯେ ପିଲାଙ୍କ ପାଇଁ ଗୁଣାତ୍ମକ ମାନର ଶିକ୍ଷା ସାତସପନ ପରି ମନେହୁଏ। ଏପଟେ ବଡ଼ ବଡ଼ ନାମୀଦାମୀ ବିଶ୍ୱବିଦ୍ୟାଳୟଗୁଡ଼ିକରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଆସୁଥିବା ଅନେକ ପିଲାଙ୍କ ବୌଦ୍ଧିକ ଦକ୍ଷତା ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ।

କହିବା ଅନାବଶ୍ୟକ ଯେ ସର୍ବଭାରତୀୟ ସ୍ତରରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଆଗରୁ ଓଡ଼ିଶାର ପିଲାମାନେ ଭଲ ପ୍ରଦର୍ଶନ କରୁଥିବାର ଦୃଷ୍ଟାନ୍ତ ରହିଛି। ୟୁପିଏସସି ଦ୍ୱାରା ପରିଚାଳିତ ସର୍ବଭାରତୀୟ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଓଡ଼ିଶାର ପ୍ରତିଯୋଗୀମାନେ ଏକାଧିକ ଥର ପ୍ରଥମ ସ୍ଥାନ ଅଧିକାର କରିବାର ମଧ୍ୟ ରେକର୍ଡ ରହିଛି। ମାତ୍ର ଗତ କିଛିବର୍ଷ ହେଲା ସର୍ବଭାରତୀୟସ୍ତରର ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକରେ ଓଡ଼ିଶା ପିଲାଙ୍କ ପ୍ରଦର୍ଶନ ସନ୍ତୋଷଜନକ ନୁହେଁ। ତା'ପଛରେ ଏବେକାର ଓଡ଼ିଶା ପିଲାଙ୍କ ବୌଦ୍ଧିକ ଦକ୍ଷତାରେ ଘଟିଥିବା ହ୍ରାସ ମଧ୍ୟ ଅନ୍ୟତମ କାରଣ।

ଏଠାରେ ଉଲ୍ଲେଖନୀୟ ଯେ ଶିକ୍ଷାର ବ୍ୟାପକ ଘରୋଇକରଣ ଓ ବ୍ୟବସାୟୀକରଣ ସତ୍ତ୍ୱେ ଆଜି ମଧ୍ୟ ରାଜ୍ୟର ଅଧିକାଂଶ ପିଲା ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ପଢ଼ୁଛନ୍ତି। ଏହି ପ୍ରସଙ୍ଗର ଆଲୋଚନାକ୍ରମେ ସରକାରୀ ଶିକ୍ଷାନୁଷ୍ଠାନକୁ ମାପକାଠି ହିସାବରେ ନିଆଯାଇପାରେ। ତେବେ ଇତିମଧ୍ୟରେ ଅନ୍ୟ ଏକ ଚିତ୍ର ମଧ୍ୟ ସାମନାକୁ ଆସୁଛି। ପୂର୍ବରୁ ଏକ ଧାରଣା ରହିଥିଲା ଯେ ସରକାରୀ ଶିକ୍ଷାନୁଷ୍ଠାନ ଶିକ୍ଷାଦାନର ମାନ ଅତ୍ୟନ୍ତ ନିମ୍ନମାନର। ଆଉ ସେଥିପାଇଁ ଗୁଣାତ୍ମକ ଶିକ୍ଷା ସରକାରଙ୍କ ଦ୍ୱାରା ପରିଚାଳିତ ଅନୁଷ୍ଠାନରୁ ଆଶା କରାଯାଇ ନ ପାରେ। ମାତ୍ର ଏ ଧାରଣା ମଧ୍ୟ ଭ୍ରାନ୍ତ ବୋଲି ଇତିମଧ୍ୟରେ ପ୍ରମାଣିତ ହୋଇସାରିଛି। ଏବେ ଧୂଆମୂଳା ଅଧୁଆମୂଳା ସମସ୍ତେ ସମାନ। ଅର୍ଥାତ୍ ଏବେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ମର୍ମସ୍ପର୍ଶୀ ବିଜ୍ଞାପନ ଯାହା କହେ ବାସ୍ତବ ଚିତ୍ର ସେଇଆ ନୁହେଁ। ଆହୁରି ସ୍ପଷ୍ଟ ଭାବରେ କହିବାକୁ ଗଲେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ଏଭଳି ନାମୀଦାମୀ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ପାଠ ପଢ଼ୁଥିବା ପିଲାଙ୍କ ମଧ୍ୟରେ ହାତଗଣତି କେତେ ଜଣକୁ ଛାଡ଼ିଦେଲେ ଅନ୍ୟମାନଙ୍କ ବୌଦ୍ଧିକ ଦକ୍ଷତା ସନ୍ତୋଷଜନକ ନୁହେଁ ବୋଲି ମନେହୁଏ।

ଅତଏବ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆମର ସାମ୍ପ୍ରତିକ ସ୍ଥିତି ନିଶ୍ଚିତ ଭାବରେ ଉଦ୍‌ବେଗଜନକ। ଏକେ ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଲାଗିରହିଛି ବିବିଧ ସମସ୍ୟା। ଶିକ୍ଷାର ବ୍ୟାପକ ବ୍ୟବସାୟୀକରଣ ସାଙ୍ଗକୁ ଆକାଶଛୁଆଁ ଦର ଗରିବ, ନିମ୍ନ-ମଧ୍ୟବିତ୍ତ, ଏପରିକି ମଧ୍ୟବିତ୍ତଙ୍କ ପାଇଁ ଏକ ଅଦିନ ବଜ୍ରପାତ ଭଳି ସମସ୍ୟା ସୃଷ୍ଟି କରୁଛି। ତା'ସାଙ୍ଗକୁ ଶିକ୍ଷାର ଗୁଣାତ୍ମକ ମାନର ହ୍ରାସ ସମସ୍ୟା ଜର୍ଜରିତ ଶିକ୍ଷାବ୍ୟବସ୍ଥାକୁ ଆହୁରି ଜଟିଳ କରୁଛି। ଘରୋଇ କ୍ଷେତ୍ରର ବଡ଼ବଡ଼ ଉଦ୍ୟୋଗଗୁଡ଼ିକ କହୁଛନ୍ତି ଯେ ସେମାନଙ୍କ ପାଖରେ ନିଯୁକ୍ତିର ଅଭାବ ନାହିଁ। ମାତ୍ର ନିଯୁକ୍ତି ଦେବା ପାଇଁ ଉପଯୁକ୍ତ ପ୍ରାର୍ଥୀ ମିଳୁନାହାନ୍ତି। ଏ କଥା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼ିଥାଏ। ତା'ଛଡ଼ା ଏହା ଚିନ୍ତାର କାରଣ ମଧ୍ୟ ଅଟେ। କାରଣ ଏହା ଆମ ଶିକ୍ଷାନୁଷ୍ଠାନଗୁଡ଼ିକ ଦ୍ୱାରା ପ୍ରଦତ୍ତ ଶିକ୍ଷାଦାନର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏପଟେ ପୁଣି ରହିଛି ବୈଶ୍ୱିକ ପ୍ରତିଯୋଗିତା। ଯଦି ଘରୋଇସ୍ତରରେ ଆମ ପିଲା ଉପଯୁକ୍ତ ହୋଇପାରୁନାହାନ୍ତି ବୈଶ୍ୱିକ ପ୍ରତିଯୋଗିତାର ଦୌଡ଼ରେ ସେମାନେ ତିଷ୍ଠି ରହିବେ କିପରି?

ଉପସଂହାରରେ ଏତିକି କହିବା ଯେ ଯେଉଁମାନେ କେବଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅଥବା ଘରୋଇ ଉଦ୍ୟୋଗଗୁଡ଼ିକରେ ଚାକିରି କରିବେ ସେମାନଙ୍କୁ ଗୁଣାତ୍ମକ ମାନର ଶିକ୍ଷା ଦରକାର। ଅନ୍ୟମାନେ କେବଳ ସାର୍ଟିଫିକେଟ୍‌ଧାରୀ ହେଲେ ଚଳିବ ସେକଥା ନୁହେଁ। ଉତ୍ତମ ଶିକ୍ଷା ସମସ୍ତଙ୍କ ସକାଶେ ଅତ୍ୟାବଶ୍ୟକ। କାରଣ ଉତ୍ତମ ଗୁଣାତ୍ମକମାନର ଶିକ୍ଷା ହିଁ ବ୍ୟକ୍ତିବିଶେଷର ବ୍ୟକ୍ତିଗତ ଉନ୍ନତିଠାରୁ ଆରମ୍ଭ କରି ଜାତୀୟ ପ୍ରଗତିକୁ ସୁନିଶ୍ଚିତ କରିଥାଏ।

ବରଗଡ଼, ମୋ: ୯୧୭୮୪୦୮୫୨୪

## ଆମ ବୃକ୍ଷଲତା ଆମ ଜୀବନ

### ପସାରୁଣି
Shunk Vine- Paederia foetida
ପ୍ରକୃତି-ପରିବେଶ

**ସୌଭାଗ୍ୟସୁନ୍ଦର**

ପସାରୁଣି ବା ପ୍ରସାରୁଣି ଭାରତ ସମେତ ବାଂଲାଦେଶ, ଭୁଟାନ କାମ୍ବୋଡ଼ିଆ, ତାଇୱାନ ଓ ଚୀନ ଭଳି ସମଶୀତୋଷ୍ଣ ଓ ଉଷ୍ଣମଣ୍ଡଳୀୟ ଏସୀୟ ଦେଶଗୁଡ଼ିକର ମୂଳଜାତ ଉଦ୍ଭିଦ। ପରେ ପରେ ଏହାକୁ ଆଫ୍ରିକା, ଉତ୍ତର ଆମେରିକା ଓ ଅନ୍ୟାନ୍ୟ ଅଞ୍ଚଳରେ ପ୍ରବେଶ କରାଯାଇଥିଲା। ଏହା ବେଳେବେଳେ ଝରଣା ଓ ଜଙ୍ଗଲ ସୀମାବର୍ତ୍ତୀ ମିଶ୍ରିତ ଜଙ୍ଗଲରେ ଦେଖାଯାଏ। ସମୁଦ୍ର ପତ୍ତନଠାରୁ ୩, ୦୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିଭିନ୍ନ ଜଙ୍ଗଲ, ପର୍ବତ, ସମତଳ, ବାଲିଆ କିମ୍ବା ପଥୁରିଆ ସମୁଦ୍ର ଉପକୂଳ ଅଞ୍ଚଳରେ ପସାରୁଣୀ ଦେଖିବାକୁ ମିଳିଥାଏ। ଉପକାରୀ ଔଷଧୀୟ ଗୁଣ ପାଇଁ ଗ୍ରାମାଞ୍ଚଳରେ ବାଡ଼ିବଗିଚାରେ ମଧ୍ୟ ଏହାକୁ ଲଗା ଯାଇଥାଏ।

ପସାରୁଣି ଏକ ପର୍ଣ୍ଣମୋଚୀ ଆରୋହୀ ଉଦ୍ଭିଦ, ଯାହା ପ୍ରାୟ ୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର କାଣ୍ଡଟି କଠିନ, ଶୁଷ୍କ ଓ ଧୂସରରୁ ମାଟିଆ ରଙ୍ଗର। ପତ୍ରଗୁଡ଼ିକ ଡେମ୍ଫଯୁକ୍ତ, ସରଳ, ବିପରୀତ, ଡିମ୍ବାକାର କିମ୍ବା ଆୟତାକାର। ଫନେଲ ବା କାହାଳୀ ଆକାରର ଫୁଲଗୁଡ଼ିକ ଫିକାବାଇଗଣୀ, କିମ୍ବା ଧୂସର ଗୋଲାପୀ କିମ୍ବା ଧୂସର ଧଳା, ଘନ କେଶଯୁକ୍ତ, ୫ ଟି ବିସ୍ତାରିତ ପାଖୁଡ଼ା ସହିତ ଦଳମଣ୍ଡଳ। ଚକଚକିଆ ମାଟିଆ ଫଳ ଏକ ଗୋଲାକାର କ୍ୟାପସୁଲ୍ ଯାହା ୨ ଟି କଳା ଗୋଲାକାର ବିହନ ଧାରଣ କରିଥାଏ। ଫୁଲ ଓ ଫଳଗୁଡ଼ିକ ମୁଖ୍ୟତଃ ଗ୍ରୀଷ୍ମ ଓ ଶରତ ଋତୁରେ ହୋଇଥାଏ।

ପସାରୁଣୀ ଆୟୁର୍ବେଦ ଓ ଅନ୍ୟାନ୍ୟ ପାରମ୍ପରିକ ଔଷଧ ଭାବରେ ବହୁକାଳରୁ ବ୍ୟବହୃତ। ଏହାର ପତ୍ର କିମ୍ବା କାଣ୍ଡକୁ କାଟି ଚୂର୍ଣ୍ଣ କଲେ, ହାତରେ ଚକଟି ଦଳିଲେ କିମ୍ବା ରୋଷେଇ କଲେ ଦୁର୍ଗନ୍ଧ ସହିତ ତିକ୍ତ ସ୍ୱାଦ ବାରି ହୁଏ। କାରଣ ଏଥିରେ ମୁଖ୍ୟତଃ ଡାଇମିଥାଇଲ୍ ଡାଇସଲଫାଇଡ୍ ସମେତ ସଲଫର ଯୌଗିକ ଜୈବ ରସାୟନ ଭରପୂର ଥାଏ। ଏହି ଉଦ୍ଭିଦର ନାମ ଲାଟିନ୍ ଭାଷା 'ଫୋଏଟିଡା'ରୁ ଉଦ୍ଧୃତ, ଯାହାର ଅର୍ଥ ହେଉଛି 'ଦୁର୍ଗନ୍ଧଯୁକ୍ତ'। ଏହା ଯକୃତ ରୋଗ, ଆମବାତ, ଗଣ୍ଠିବାତ, ମଧୁମେହ, କୋଷ୍ଠକାଠିନ୍ୟ, କାଶ, ନାଳଝାଡ଼ା, ତରଳଝାଡ଼ା, ଦାନ୍ତବିନ୍ଧା, ହାଡ଼ଭଙ୍ଗା, ପେଟବ୍ୟଥା, ଭେସିକାଲ୍ କାଲକୁଲି, ପ୍ରଦାହ, ଆସ୍ଥମା, ଅର୍ଶରୋଗ, ପୁରୁଷ ଶୁକ୍ରାଣୁ ଦୁର୍ବଳତା, କ୍ଷତ ଉପଚାର, ଶାନ୍ତକାରୀ ଏବଂ ଅନ୍ୟାନ୍ୟ ବିଭିନ୍ନ ରୋଗର ଚିକିତ୍ସାରେ ଉପଯୋଗୀ ଅଟେ। ଆନାଲ୍‌ଜେସିକ୍, ଆଣ୍ଟି-ଇନ୍‌ଫ୍ଲେମାଟୋରୀ, ଆଣ୍ଟି-ଆଥ୍ରାଇଟିକ୍, ଆଣ୍ଟିମାଇକ୍ରୋବାୟଲ୍, ହେପାଟୋପ୍ରୋଟେକ୍ଟିଭ୍, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିହାଇପର୍‌ୟୁରିସେମିକ୍, ଆଣ୍ଟେଲମିଣ୍ଟିକ୍, ସାଇଟୋଟକ୍ସିକ୍, ରେନୋପ୍ରୋଟେକ୍ଟିଭ୍, କାର୍ଡିଓଟୋନିକ୍, ଆନ୍‌ସିଓଲାଇଟିକ୍, ଆଣ୍ଟିକନ୍‌ଭଲସାଣ୍ଟ ଭାବରେ ଏହାର ବହୁଳ ଅବଦାନ ରହିଛି। ପତ୍ର ରସ ଆଷ୍ଟ୍ରିଞ୍ଜେଣ୍ଟ ଓ ଡାଇରିଆର ଚିକିତ୍ସା ପାଇଁ ପିଲାମାନଙ୍କୁ ଦିଆଯାଏ। ହର୍ପିସ୍‌ରେ ପେଟ ଫୁଲିବା ଓ ପରିସ୍ରା ଧରି ରଖିବା ହେତୁ ଫୁଲା ଦୂର କରିବା ପାଇଁ ପତ୍ରର ପଲ୍ଟିସ୍ ବ୍ୟବହାର କରାଯାଏ। ପତ୍ରର କାଢ଼ା ଭେସିକାଲ୍ କାଲକୁଲିକୁ ଦ୍ରବୀଭୂତ କରେ ଏବଂ ମୂତ୍ରବର୍ଦ୍ଧକ ଭାବରେ କାର୍ଯ୍ୟ କରେ। ଫଳ ଦାନ୍ତ ବିନ୍ଧା ଉପଶମ କାରକ। ଉତ୍ତର-ପୂର୍ବ ଏବଂ ପୂର୍ବ-ଭାରତରେ କିଛି ପାରମ୍ପରିକ ରୋଷେଇରେ ଏହାର ସମୃଦ୍ଧ ପୁଷ୍ଟିକର ମୂଲ୍ୟ ଏବଂ ରାନ୍ଧଣା ମସଲା ହେତୁ ପନିପରିବା ଭାବରେ ମଧ୍ୟ ବ୍ୟବହୃତ କରାଯାଏ। ଚୀନର ହାଇନାନ ବାସିନ୍ଦା ପତ୍ରଗୁଡ଼ିକୁ ଗୁଣ୍ଡ କରି ମଇଦାରେ ମିଶାଇ ନୁଡୁଲ୍ ତିଆରି କରି ଖାଆନ୍ତି। ଏହି ଉଦ୍ଭିଦରେ ଇରିଡଏଡ୍ ଗ୍ଲାଇକୋସାଇଡ୍, ଆନ୍ଥ୍ରାକୁଇନୋନ୍, ଫେନୋଲିକ୍ ଡେରିଭେଟିଭ୍ସ, ଟେର୍ପେନୋଇଡ୍ସ, ଫାଇଟୋଷ୍ଟେରୋଲ୍ସ, ଆସ୍ପେରୁଲୋସାଇଡ୍, ପାଏଡେରୋସିଡିକ୍ ଏସିଡ୍, ଫେନୋଲିକ୍ ଯୌଗିକ, ଆଲକାଲଏଡ୍ସ, ଟାନିନ୍ ଏବଂ ଅନ୍ୟାନ୍ୟ ବିବିଧ ସକ୍ରିୟ ଜୈବିକ ରସାୟନ ଗଚ୍ଛିତ ଥାଏ। ପତ୍ରଗୁଡ଼ିକ କ୍ୟାରୋଟିନ୍ ଓ ଭିଟାମିନ୍ ସି ରେ ଭରପୂର। ଏଥିରେ କେତୋ ଆଲକୋହଲ୍, କେତୋ ଯୌଗିକ ଓ ଆଲକାଲଏଡ୍ ମଧ୍ୟ ଅଧିକ ପରିମାଣରେ ଥାଏ।

ବିହନ ଓ ଅଙ୍ଗରୁ ଏହାର ବଂଶବିସ୍ତାର ହୁଏ। ତାଜା ବିହନର ଅଙ୍କୁର ବୃଦ୍ଧି ହାର ଅଧିକ ଥାଏ। ଏହା ଭଲ ଜଳ ନିଷ୍କାସନକାରୀ ମାଟିରେ ବଢ଼ିଥାଏ, ଯାହା ଜୈବିକ ପଦାର୍ଥରେ ଭରପୂର ଥାଏ। ପରୋକ୍ଷ ସୂର୍ଯ୍ୟକିରଣ ସହିତ ଏକ ଉଷ୍ମ, ଖରା ସ୍ଥାନରେ ପାତ୍ର ବା କୁଣ୍ଡଗୁଡ଼ିକୁ ରଖାଯାଏ। ମାଟିକୁ ସ୍ଥିର ଭାବରେ ଓଦା ରଖିବା ଉଚିତ; କିନ୍ତୁ ପାଣି ଜମି ରହିବ ନାହିଁ। ମାଟିର ଉପର ସ୍ତର ଶୁଖିଲା ଅନୁଭବ ହେଲେ ଗଛଗୁଡ଼ିକୁ ପାଣି ଦିଆଯାଏ।

ଭୁବନେଶ୍ୱର, ମୋ: ୯୪୩୭୨୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ମହାନଦୀ ଟ୍ରିବ୍ୟୁନାଲ ଟିମ୍

## ଟ୍ରିବ୍ୟୁନାଲର କ୍ଷେତ୍ର ପରିଦର୍ଶନ ଜଳ ବିବାଦ ସମାଧାନରେ ସହାୟକ ହେବ: ପୀତାମ୍ବର



ପୁରୀ,୧।୩(ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ମହାନଦୀ ଟ୍ରିବ୍ୟୁନାଲ୍ ଟିମ୍। ରବିବାର ମଧ୍ୟାହ୍ନରେ ଟିମ୍ ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍. ତ୍ରିବେଦୀ, ଜଷ୍ଟିସ ଡ. ରବି ରଞ୍ଜନ, ସଦସ୍ୟ ଜଷ୍ଟିସ ଇନ୍ଦରମିତ୍ କୌର କୋଚର୍ ସପରିବାର ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଶ୍ରୀମନ୍ଦିର ନିକଟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ସେବାୟତ ଟିମ୍ ସଦସ୍ୟଙ୍କୁ ସ୍ୱାଗତ କରି ମନ୍ଦିର ଭିତରକୁ ପାଛୋଟି ନେଇଥିଲେ।

ଦର୍ଶନ ପରେ ସ୍ଥାନୀୟ ଏକ ହୋଟେଲରେ ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଟିମ୍ ସହିତ ଥିବା ଏଜି ଶ୍ରୀ ଆଚାର୍ଯ୍ୟ କହିଥିଲେ, ଟ୍ରିବ୍ୟୁନାଲ୍‌ର ୫ଦିନିଆ ଓଡ଼ିଶା ଗସ୍ତର ରବିବାର ଥିଲା ଚତୁର୍ଥ ଦିବସ। ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଏ ଗସ୍ତ ଗୁରୁତ୍ୱ ବହନ କରୁଛି। ଟେକ୍ନିକାଲ୍ ଟିମ୍ ସେମାନଙ୍କୁ ପାୱାର ପ୍ରେଜେଣ୍ଟେସନ୍ ମାଧ୍ୟମରେ ସମ୍ପୂର୍ଣ୍ଣ ପ୍ରସଙ୍ଗ ଜଣାଇଥିଲେ। ନ୍ୟାୟିକ ବ୍ୟବସ୍ଥାରେ ବାସ୍ତବ ସ୍ଥିତିକୁ ସ୍ୱଚକ୍ଷୁରେ ଦେଖିଲେ ହିଁ ମୂଳ ପ୍ରସଙ୍ଗକୁ ବୁଝି ହେବ। ତେଣୁ, ଉଭୟ ରାଜ୍ୟର ଭୌଗୋଳିକ ସ୍ଥିତିକୁ ବୁଝିବା ଟିମ୍ ଗସ୍ତର ଉଦ୍ଦେଶ୍ୟ ରହିଥିଲା। ଜଳଭଣ୍ଡାର, ୩ଟି ରାମସାର୍ ସାଇଟ୍, ସାତକୋଶିଆ ଗଣ୍ଡ, ହୀରାକୁଦ ପରିଦର୍ଶନ କରିବା ପରେ ସୋମବାର ଚିଲିକା ପରିଦର୍ଶନ କରିବ ଟିମ୍। ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ଅନୁରୋଧ ରହିଥିଲା। ବେଲା ତ୍ରିବେଦୀ ମଧ୍ୟ ତାଙ୍କ କାର୍ଯ୍ୟକାଳରେ ପ୍ରଥମଥର ଓଡ଼ିଶା ଆସି ସ୍ଥିତି ସମୀକ୍ଷା କରିଛନ୍ତି। ୪ ଦିନ ରହଣୀ କାଳରେ ସେ ହୀରାକୁଦ ବନ୍ଧ, ବୁର୍ଲା ପାୱାର ହାଉସ୍, ହୀରାକୁଦ ଡ୍ୟାମ୍ ପ୍ରତ୍ୟକ୍ଷ ନିରୀକ୍ଷଣ କରିଛନ୍ତି। ବୁର୍ଲାରୁ ସମ୍ବଲପୁର ମଧ୍ୟରେ ମହାନଦୀର ସମ୍ପୂର୍ଣ୍ଣ ଡେଲ୍‌ଟା ଏରିଆ ଆକାଶମାର୍ଗରୁ ଦେଖିଛନ୍ତି। ମହାନଦୀ ଯାଇଥିବା ସମ୍ବଲପୁର, ବରଗଡ଼, ସୋନପୁରକୁ ଆକାଶମାର୍ଗରୁ ନିରୀକ୍ଷଣ କରିଛନ୍ତି। ଆଗାମୀ ଦିନରେ ଏହାର ସୁଫଳ ମିଳିବ। ଦେଶରେ ଅଧିକାଂଶ ଜଳବିବାଦ ଅମୀମାଂସିତ ରହିଥିବା ବେଳେ ଏହି ଜଳ ବିବାଦରେ ସମାଧାନ ବାଟ ଦେଖାଯାଉଛି ବୋଲି କହିଛନ୍ତି ଏଜି ଶ୍ରୀ ଆଚାର୍ଯ୍ୟ।

# କଂଗ୍ରେସ ବିଧାୟକଙ୍କ ଉପରେ ଏଆଇସିସିର ତୀକ୍ଷ୍ଣ ନଜର

■ ଆଜି ବିଧାୟକ ଦଳ ନେତାଙ୍କ ବାସଭବନରେ ବୈଠକ
■ ଦତ୍ତେଶ୍ୱରଙ୍କ ସପକ୍ଷରେ ଯିବ ସିପିଆଇ(ଏମ୍)!

ଭୁବନେଶ୍ୱର,୧।୩(ସମିସ): ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡି ଚତୁର୍ଥ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ସାମ୍ନାକୁ ଆଣିଛି। ଯଦିଓ ଏହା ପୂର୍ବରୁ କଂଗ୍ରେସ ସହିତ ମଧ୍ୟ ଆଲୋଚନା ହୋଇଥିବା ନେଇ ପିସିସି ସଭାପତି କହିଛନ୍ତି, କଂଗ୍ରେସର ଅନ୍ୟ ବିଧାୟକମାନେ ମଧ୍ୟ ଦତ୍ତେଶ୍ୱରଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଛନ୍ତି। ରବିବାର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, କଂଗ୍ରେସ ଦଳ ଏଆଇସିସି ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ମାନିବ। ପୂର୍ବରୁ ପିସିସି ସଭାପତି କହିଛନ୍ତି, ଏଆଇସିସି ଯାହାକୁ କହିବ, ଆମେ ସମର୍ଥନ ହେବୁ। ଏଥିପାଇଁ ସୋମବାର ବିଧାୟକ ଦଳ ନେତାଙ୍କ ସରକାରୀ ବାସଭବନରେ ଏକ ବୈଠକ ଡକାଯାଇଛି। ଏହି ବୈଠକରେ କଂଗ୍ରେସ ବିଧାୟକମାନଙ୍କ ସହ ପିସିସି ସଭାପତି ଯୋଗ ଦେବେ ବୋଲି ଜଣାପଡ଼ିଛି। ସେ ଆହୁରି କହିଛନ୍ତି, ପୂର୍ବରୁ ମଧ୍ୟ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ଦଳର ୧୪ ବିଧାୟକ ଓ ସିପିଆଇ(ଏମ୍)ର ଜଣେ ବିଧାୟକ ଏକ୍ ଅଛନ୍ତି। କଂଗ୍ରେସର ସମର୍ଥିତ ପ୍ରାର୍ଥୀଙ୍କୁ ସମସ୍ତେ ଭୋଟ୍ ଦେବେ ବୋଲି ନିଷ୍ପତ୍ତି ହୋଇଛି। ଏଆଇସିସି ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛି। ବିଧାୟକମାନେ ମଧ୍ୟ ଏହି ନିଷ୍ପତ୍ତି ଆଧାରରେ କାର୍ଯ୍ୟ କରିବେ ବୋଲି ଶ୍ରୀ କାଡାମ କହିଛନ୍ତି।

ଏହାବ୍ୟତୀତ ଶନିବାର ସିପିଆଇ(ଏମ୍) ମଧ୍ୟ ନିଜର ପ୍ରେସବିବୃତ୍ତି ମାଧ୍ୟମରେ ଏକ ପ୍ରକାର ଦତ୍ତେଶ୍ୱରଙ୍କ ପ୍ରାର୍ଥିତ୍ୱ ସପକ୍ଷରେ ସକରାତ୍ମକ ମତ ଦେଇଛି। ଦଳ ପକ୍ଷରୁ କୁହାଯାଇଛି, ସମ୍ପ୍ରତି ଓଡ଼ିଶାର ରାଜ୍ୟସଭା ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଚତୁର୍ଥ ଆସନ ପାଇଁ ସମ୍ବିଧାନ, ଗଣତନ୍ତ୍ର ଏବଂ ଧର୍ମନିରପେକ୍ଷତା ପ୍ରତି ଅଙ୍ଗୀକାରବଦ୍ଧ ଥିବା ଜଣେ ଖ୍ୟାତନାମା ସ୍ୱାଧୀନ ପ୍ରାର୍ଥୀଙ୍କୁ ଚୟନ କରିବା ଏବଂ ସମର୍ଥନ ଦେବା ପାଇଁ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ଆହ୍ୱାନ ଦେଇଛି। ଏଥିପାଇଁ ବିଜେପି ବିରୋଧରେ ସିପିଆଇ(ଏମ୍), କଂଗ୍ରେସ ଓ ବିଜେଡି ସମର୍ଥନରେ ସହମତିପୂର୍ଣ୍ଣ ଉପଯୁକ୍ତ ସ୍ୱାଧୀନ ପ୍ରାର୍ଥୀ ଚୟନ ପାଇଁ ଦଳ ଯଥାର୍ଥ ଭୂମିକା ପାଳନ କରିବ ବୋଲି କୁହାଯାଇଛି। କଂଗ୍ରେସ ଏବଂ ବିଜେଡି ଏହି ଲକ୍ଷ୍ୟରେ ଆଗେଇ ଆସିବା ଦଳ କହିଥିବା ବେଳେ କୌଣସି ପରିସ୍ଥିତିରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ବିଜେପିର ସମର୍ଥନ ରହିଥିବା ପ୍ରାର୍ଥୀଙ୍କୁ ସିପିଆଇ(ଏମ୍) ସମର୍ଥନ କରିବ ନାହିଁ ବୋଲି ଦଳ କହିଛି।

**AFFIDAVIT**
I SINDIRI JAGANNATH, S/o - SINDIRI SAMBHA MURTY, resident of At- Nodiya Beda Street, 2nd Lane, PO / PS - Jeypore, Dist - Koraput, 764001, Odisha, declare by this Affidavit No. 603. Dated - 13/02/2026, that now onwards I shall be known as **SINDIRI RAMA JAGANNADHA RAO** for all future purpose.

**AFFIDAVIT**
I K LOKESH, S/o - K Iswar Rao, resident of At - Pailu Sarbeswar Marg, PO / PS - Borigumma, Dt - Koraput - 764056, Odisha declare by this Affidavit No. 585, Dated - 26/02/2026, that now onwards I shall be known as **KANDAREPU LOKESH** for all future purpose.

**AFFIDAVIT**
By virtue of an affidavit sworn before the Executive Magistrate, Tangi, Khordha Affidavit No. 208, dated 02/02/2026, I **PRAVAKAR SAHOO** S/o Laxmidhar Sahoo resident of Village At- Radhamohanpur, Po - Jaripada, Ps- Tangi, Dist- Khordha, Odisha, Pin- 752022 declare that I have changed my daughter name from **RAJASHREE SAHOO** (Old Name) to **LIZA SAHOO** (New Name). Henceforth, she shall be known as **LIZA SAHOO** for all future purposes.
**Sd- PRAVAKAR SAHOO**

ଦଶମ ଶ୍ରେଣୀ ପ୍ରଶ୍ନପତ୍ରରେ ତ୍ରୁଟି

# ଗୋଟିଏ ପ୍ରଶ୍ନରେ ଦୁଇଟି ସମାନ ଅପ୍‌ସନ୍


■ ଗ୍ରେସ୍ ମାର୍କ ଦାବି କଲେ ଛାତ୍ରଛାତ୍ରୀ ଓ ଶିକ୍ଷକ
■ ଆସନ୍ତାକାଲି ମନ୍ତବ୍ୟ ଦେବି: ବୋର୍ଡ ସଭାପତି

ଭୁବନେଶ୍ୱର, ୧।୩ (ସମିସ): ଦଶମ ଶ୍ରେଣୀ ପରୀକ୍ଷା ପ୍ରଶ୍ନପତ୍ରରେ ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇଛି। ଗତ ୨୮ ତାରିଖରେ ଅନୁଷ୍ଠିତ ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ରରେ ଗୋଟିଏ ପ୍ରଶ୍ନର ୪ଟି ଅପସନ୍ ମଧ୍ୟରୁ ୨ଟି ଅପସନ୍ ସମାନ ରହିଛି। ଫଳରେ କିଛି ଛାତ୍ରଛାତ୍ରୀ ଗୋଟିଏ ଉତ୍ତର ବାଛିଥିବା ବେଳେ ଆଉ କିଛି ଉଭୟ ଅପସନ୍‌କୁ ଉତ୍ତର ଦେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ସୂଚନା ଅନୁଯାୟୀ, ସାମାଜିକ ବିଜ୍ଞାନ ପରୀକ୍ଷା ସେଟ୍-ବି' ର ୧୦ ନମ୍ବର ପ୍ରଶ୍ନରେ 'ଭାରତରେ କେଉଁ ମସିହାରେ ରାଜ୍ୟ ପୁନର୍ଗଠନ ଆୟୋଗ ଗଠିତ ହୋଇଥିଲା' ବୋଲି ପଚରାଯାଇଛି। ତାହାର ଅପସନ୍ ସି' ଓ ଡି'ରେ ୧୯୫୬ ରହିଛି। ଏହାର ପ୍ରକୃତ ଉତ୍ତର ମଧ୍ୟ ୧୯୫୬ ହେଉଥିବାରୁ କେଉଁ ଅପସନ୍‌କୁ ଛାତ୍ରଛାତ୍ରୀମାନେ ଉତ୍ତର ଦେବେ, ସେନେଇ ଦ୍ୱନ୍ଦ୍ୱରେ ପଡ଼ିଥିଲେ। କିଛି ପିଲା ଅପସନ୍ ସି'କୁ ଗୋଲ୍ ବୁଲାଇଥିବା ବେଳେ ଆଉ କିଛି ଅପସନ୍ ଡି'ରେ ଗୋଲ ବୁଲାଇଛନ୍ତି। ଆଉ କିଛି ଛାତ୍ରଛାତ୍ରୀ ଉଭୟ ସି' ଓ ଡି'ରେ ଗୋଲ ବୁଲାଇଛନ୍ତି। ତେବେ କେଉଁ ଅପସନ୍‌କୁ ଠିକ୍ ଦର୍ଶାଇ ବୋର୍ଡ ମାର୍କିଂ କରିବ, ସେନେଇ ପରୀକ୍ଷାର୍ଥୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏଣୁ, ଏହାକୁ ବିଚାର କରି ଗ୍ରେସ୍ ମାର୍କ ଦେବାକୁ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଦାବି କରିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି ଯେ ଆଜି ଛୁଟି ଥିବାରୁ ଏ ସମ୍ପର୍କରେ କିଛି କହିବେ ନାହିଁ। ଆସନ୍ତାକାଲି ଏ ସମ୍ପର୍କରେ ମତ ରଖିବେ। ମାତ୍ର ପ୍ରଶ୍ନପତ୍ରରେ ତ୍ରୁଟି ହୋଇଥିବା ବା ପିଲାଙ୍କୁ ଗ୍ରେସ୍ ମାର୍କ ପ୍ରଦାନ କରାଯିବା ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇ ନାହାନ୍ତି।

# ଡ୍ୟୁଟି ବେଳେ ଚାଲିଗଲା ଫାର୍ମାସିଷ୍ଟଙ୍କ ଜୀବନ

## କ୍ଷତିପୂରଣ ସହ ସ୍ତ୍ରୀଙ୍କୁ ଚାକିରି ଦାବିରେ ପରିବାରର ବିକ୍ଷୋଭ



କେନ୍ଦୁଝର, ୧।୩ (ସମିସ): କେନ୍ଦୁଝର ଜିଲ୍ଲା ପଦ୍ମପୁର ଅଞ୍ଚଳର ସୁଶୀଲ କୁମାର ସାହୁ କେନ୍ଦୁଝରରେ ଡିଏମ୍‌ଏଫ୍ ଦ୍ୱାରା ପରିଚାଳିତ ଆମ୍ବୁଲାନ୍ସରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ସେ କାର୍ଯ୍ୟରତ ଥିବା ସମୟରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ପରିବାରଲୋକଙ୍କ ଅଭିଯୋଗ ଅନୁସାରେ, ଶନିବାର ଅପରାହ୍ଣରେ ସୁଶୀଲ ପାଟଣାରେ ଜଣେ ରୋଗୀଙ୍କୁ ଛାଡ଼ି ଫେରୁଥିବା ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁଶୀଲଙ୍କ ଗୋଟିଏ ଝିଅ ଥିବା ବେଳେ ସେ ୯ମ ଶ୍ରେଣୀରେ ପଢ଼ୁଛି। ସୁଶୀଲ ତାଙ୍କ ପରିବାରର ଏକମାତ୍ର ରୋଗଜାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ପରିବାରଲୋକେ ଉପଯୁକ୍ତ କ୍ଷତିପୂରଣ ସହ ତାଙ୍କ ସ୍ତ୍ରୀଙ୍କୁ ଚାକିରି ଦାବିରେ ଅଡ଼ି ବସିଥିଲେ। ଲିଖିତ ପ୍ରତିଶ୍ରୁତି ନ ପାଇବା ପର୍ଯ୍ୟନ୍ତ ମୃତଦେହ ଉଠାଉନଥିଲେ। ଏନେଇ କେନ୍ଦୁଝର ଧରଣୀଧର ମେଡିକାଲ କଲେଜର ମ୍ୟାନେଜର ପରିବାରଲୋକଙ୍କ ସହିତ ଆଲୋଚନା କରିଥିଲେ। ପରେ ପଦ୍ମପୁରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଯୁଦ୍ଧ ଘନଘଟା: ମଧ୍ୟପ୍ରାଚ୍ୟରେ ଫସିଛନ୍ତି ଓଡ଼ିଆ

**କେନ୍ଦ୍ର ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା**

ଭୁବନେଶ୍ୱର,୧।୩(ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟା ଭିତରେ ଓଡ଼ିଆମାନଙ୍କ ସୁରକ୍ଷା ପ୍ରତି ଚିନ୍ତା ବଢ଼ିଛି। ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶରେ ଲକ୍ଷାଧିକ ଓଡ଼ିଆ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଦୁବାଇ, ୟୁଏଇ ଆଦିରେ ରହୁଥିବା ଇରାନରେ ମଧ୍ୟ ବହୁ ଓଡ଼ିଆ ରହୁଛନ୍ତି। ତେବେ ସେଠାରେ ଯୁଦ୍ଧ ସ୍ଥିତି ଯୋଗୁଁ ସେମାନଙ୍କ ଜୀବନ ଏବେ ବିପଦରେ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପଟେ ଦୁବାଇରେ ଏକାଧିକ ମିସାଇଲ୍ ପଡୁଥିବା ବେଳେ ଅନେକ ଓଡ଼ିଆ ସୋସିଆଲ୍ ମିଡିଆ ମାଧ୍ୟମରେ ପୋଷ୍ଟ କରି ନିଜର ସମସ୍ୟା ସମ୍ପର୍କରେ ସୂଚନା ଦେଉଛନ୍ତି। ଏବେ ଅଧିକାଂଶ ବିମାନ ସେବା ମଧ୍ୟପ୍ରାଚ୍ୟକୁ ବନ୍ଦ ହୋଇଯାଇଥିବା ବେଳେ ଇଣ୍ଟରନେଟ ସେବା ମଧ୍ୟ ପ୍ରଭାବିତ ହେଉଥିବା ଓଡ଼ିଆମାନେ ସୂଚନା ଦେଉଛନ୍ତି।

ତେବେ ସେଠାରେ ଯେଉଁ ଓଡ଼ିଆମାନେ ରହିଛନ୍ତି, ସେମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ଉପରେ ସରକାର ଗୁରୁତ୍ୱ ଦେଉଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ଭାରତୀୟମାନଙ୍କ ମୁକାବିଲା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଉଦ୍ୟମ ଆରମ୍ଭ କରିଦେଇଛି। ଯେମିତି କୌଣସି ଭାରତୀୟ ଅସୁବିଧାରେ ନ ପଡ଼ିବେ, ସେଥିପାଇଁ ଗୁରୁତ୍ୱ ଦିଆଯାଉଛି। ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ସେଠାରେ ଯେଉଁ ଓଡ଼ିଆ ଲୋକମାନେ ଫସିଛନ୍ତି, ସେମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ କେନ୍ଦ୍ର ସହିତ ଆଲୋଚନା କରି ବିଦେଶରେ ରହିଯାଇଥିବା ଓଡ଼ିଆମାନଙ୍କର ଯେପରି କୌଣସି ସମସ୍ୟା ନ ହେବ, ତାକୁ ଦୃଷ୍ଟି ଦିଆଯାଉଛି। ପୂର୍ବରୁ ମଧ୍ୟ ବିପର୍ଯ୍ୟୟ ସମୟରେ ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଅଣାଯାଇଥିଲା। ଏବେ ମଧ୍ୟ ସେପରି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଥିବା ମନ୍ତ୍ରୀ କହିଛନ୍ତି।

**AFFIDAVIT**
By virtue of an affidavit sworn before Notary Public, Puri, dated 13.02.2026 I, Rasmita Khamari address Khandanayagarh, PS: Ranpur, PO: Khandanayagarh, Dist: Nayagarh Pin code: 752024 declare that I have changed the name of my son from Snehasu Khamari to Shreyanshu Khamari. Henceforth, he shall be known as **Shreyanshu Khamari** for all purposes.
**Rasmita Khamari**

**AFFIDAVIT**
By virtue of an Affidavit No. 603, dated - 01/03/2026 sworn before the Notary Public, Jeypore, I ALAKANANDA MOHANTY, At - Quarter of Civil Judge, Civil Courts Campus, PO / PS - Jeypore - 764001, Dist - Koraput, Odisha, declare that I have changed my daughter's name from ADYA SHARMA to ADWITA SHARMA. Henceforth, she shall be known as **ADWITA SHARMA** for all purpose.
**Sd/-ALAKANANDA MOHANTY**

# ଦନ୍ତା ଆକ୍ରମଣରେ ଜଣେ ମୃତ

ନାରଦପୁର,୧।୩(ସମିସ): ଚମ୍ପୁଆ ରେଞ୍ଜ ଅଧୀନ ବାଲିବନ୍ଧ ସେକ୍ସନ୍ ହୀରାପୁର ଗ୍ରାମରେ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ, ବାହାଦୁଲା ଓରାମ (୫୬)। ତାଙ୍କ ଘର ମନୋହରପୁର ଗ୍ରାମରେ। ଗତ ରାତିରେ ଦନ୍ତାଟି ଜଙ୍ଗଲରୁ ବାହାରି ହୀରାପୁର ଗାଁ ଦେଇ ଯାଉଥିଲା। ଏହି ସମୟରେ ବାହାଦୁଲା ତା' ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ବନ ବିଭାଗ କର୍ମଚାରୀ ତାଙ୍କୁ ପ୍ରଥମେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ଓ ସେଠାରୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବିଜେଡିର ବରିଷ୍ଠ ନେତା ଗୋଲକ ନାୟକଙ୍କ ବିୟୋଗରେ ନବୀନଙ୍କ ଶୋକ

ଭୁବନେଶ୍ୱର, ୧।୩(ସମିସ): ବିଜୁ ଜନତା ଦଳର ବରିଷ୍ଠ ନେତା ଗୋଲକ ବିହାରୀ ନାୟକଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସମାଜବାଦୀ ଆଦର୍ଶରେ ବିଶ୍ୱାସୀ ସ୍ୱର୍ଗତ ନାୟକ ଚାଷୀ ଓ ଶ୍ରମିକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସର୍ବଦା କାର୍ଯ୍ୟରତ ଥିଲେ। ତାଙ୍କ ବିୟୋଗରେ ବିଜୁ ଜନତା ଦଳ ଜଣେ ସମର୍ପିତ ଜନ ସେବକଙ୍କୁ ହରାଇଲା। ଶ୍ରୀ ପଟ୍ଟନାୟକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମାର ସଦଗତି କାମନା କରିଛନ୍ତି।

**AFFIDAVIT**
By virtue of an affidavit sworn before Notary Public, Puri, dated 13.02.2026 I, Banita Polei, Address Mangalpur PO: Kakatpur Pin code: 752108 declare that I have changed my name Prbhati Polai to Banita Polei. Henceforth, I shall be known as Banita Polei for all purposes.
**Banita Polei**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରକ୍ତମୁଖା ଇରାନ...

ଓମାନ ଉପରେ ଜବରଦସ୍ତ ଆକ୍ରମଣ ଚଳାଇଛି ଇରାନ। ଅନ୍ୟପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ପାଲଟା ଧମକ ଦେଇ କହିଛନ୍ତି, ଇରାନ ଯଦି ପ୍ରତି ଆକ୍ରମଣ କରେ ତେବେ ସ୍ୱପ୍ନରେ ଭାବି ନ ଥିବା ଭଳି ସ୍ଥିତି ସୃଷ୍ଟି କରିବୁ। ଏହାସତ୍ତ୍ୱେ ଆକ୍ରମଣ ଥମି ନାହିଁ। ରବିବାର ମଧ୍ୟ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ଇରାନରେ ୧୨୦୦ ବୋମା ମାଡ଼ ହୋଇଥିବା ବେଳେ ଇସ୍ରାଏଲ ଏବଂ ମଧ୍ୟପ୍ରାଚ୍ୟରେ ଇରାନ କ୍ଷେପଣାସ୍ତ୍ର ବର୍ଷା କରି ଧ୍ୱଂସଲୀଳା ଚଳାଇଛି। ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ହରମୁଜରେ ବିଦେଶୀ ଜାହାଜ ଉପରେ ମଧ୍ୟ ଇରାନ ଆକ୍ରମଣ କରିଥିବା ଖବର ମିଳିଛି।

ଇରାନର ଏହି ନିଆଁ ଆଖପାଖର ଦେଶକୁ ବ୍ୟାପି ସମ୍ପୂର୍ଣ୍ଣ ଅଞ୍ଚଳକୁ କବଳିତ କରିବାରେ ଲାଗିଛି। ଦୁଇ ଦେଶର ମିଳିତ ଆକ୍ରମଣରେ ବିଚଳିତ ହୋଇଯାଇଥିବା ଇରାନ ରାଗରେ ରକ୍ତ ଚାଉଳ ଚୋବାଉଛି। ସବୁଠାରୁ ଭୟଙ୍କର ଅଭିଯାନ ଆରମ୍ଭ କରିବାକୁ ଯାଉଛି ଇରାନ ପକ୍ଷରୁ କୁହାଯାଇଛି। ମଧ୍ୟପ୍ରାଚ୍ୟର ଅନେକ ଦେଶ ଉପରେ ଇରାନ ଆକ୍ରମଣ କରିଛି। ସାଉଦି ଆରବ, ୟୁଏଇ,କାତାର, କୁଏତ, ବାହାରିନରେ ଆଦି ଦେଶରେ ଥିବା ଆମେରିକା ଘାଟୀରେ ରବିବାର ପୁଣି ଆକ୍ରମଣ କରିଛି। ଦୁବାଇ ବିମାନବନ୍ଦର ଉପରେ ମଧ୍ୟରେ କ୍ଷେପଣାସ୍ତ୍ର ମାଡ଼ କରି ଦୁବାଇକୁ ପଙ୍ଗୁ କରିବାକୁ ଚେଷ୍ଟା କରିଛି ଇରାନ। ଇସ୍ରାଏଲ ବିଭିନ୍ନ ସହରକୁ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ବେତ ସମେସ ସହର ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଇସ୍ରାଏଲରେ ୧୦ ଜଣ ପ୍ରାଣ ହରାଇଛନ୍ତି। ଇରାନ ଦାବି କରିଛି ଯେ ଏହାର ଆକ୍ରମଣରେ ଶହ ଶହ ଲୋକ ପ୍ରାଣ ହରାଇଛନ୍ତି ଏବଂ ଆମେରିକା ଓ ଇସ୍ରାଏଲର ବ୍ୟାପକ କ୍ଷତି ହୋଇଛି। ଆମେରିକା ମଧ୍ୟ ପ୍ରଥମ ଥର ସ୍ୱୀକାର କରିଛି ଯେ ଇରାନ ଆକ୍ରମଣରେ ଏହାର କେତେକ ସୈନିକ ନିହତ ହୋଇଛନ୍ତି। ସେହିଭଳି ଆମେରିକାର ଯୁଦ୍ଧ ଜାହାଜ ଆବ୍ରାହମ ଲିଙ୍କନ ଉପରେ ମଧ୍ୟ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଥିବା କହିଛି। ଆକ୍ରମଣରେ ଜାହାଜ କ୍ଷତିଗ୍ରସ୍ତ ହୋଇଥିବା କୁହାଯାଇଛି।

ଅନ୍ୟପଟେ ଇରାନରେ ମୃତ୍ୟୁସଂଖ୍ୟା ୨୦୦ ପାର କରିଛି। ୭୪୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ସ୍କୁଲରେ ହୋଇଥିବା କ୍ଷେପଣାସ୍ତ୍ର ମାଡ଼ ଜନିତ ମୃତ୍ୟୁସଂଖ୍ୟା ୧୪୮କୁ ବୃଦ୍ଧି ପାଇଥିବାବେଳେ ୪୫ ଜଣ ଆହତ ହୋଇଛନ୍ତି। ସେଠାରେ ସ୍କୁଲ ଥିବା ଜାଣି ନ ଥିଲୁ ବୋଲି ଇସ୍ରାଏଲ ପକ୍ଷରୁ କୁହାଯାଇଛି। ଏହା ମଧ୍ୟରେ ପୋପ ଲିଓ୍ୱ ସ୍ଥିତି ଉପରେ ଚିନ୍ତା ପ୍ରକଟ କରି ଶାନ୍ତି ନିବେଦନ କରିଛନ୍ତି। ଇତିମଧ୍ୟରେ ଆମେରିକା ଓ ଇସ୍ରାଏଲର ଏଭଳି ଆକ୍ରମଣକୁ ବିରୋଧ କରିଛନ୍ତି ରୁଷ, ଚୀନ ଏବଂ ଉତ୍ତର କୋରିଆ। ଖାମନେଇଙ୍କ ହତ୍ୟାକୁ ସେମାନେ ନିନ୍ଦା କରି କହିଛନ୍ତି ଯେ ଏହା ଆନ୍ତର୍ଜାତିକ ଆଇନର ଖୋଲାଖୋଲି ଉଲ୍ଲଂଘନ। କୌଣସି ଦେଶର ସାର୍ବଭୌମତ୍ୱକୁ କ୍ଷତି ପହଞ୍ଚାଇଲା ଭଳି ପଦକ୍ଷେପ ଗ୍ରହଣୀୟ ନୁହେଁ। କୌଣସି ରାଷ୍ଟ୍ରର ଅଧ୍ୟକ୍ଷଙ୍କ ଉପରେ ଆକ୍ରମଣ ନକରିବା ଲାଗି ଜାତିସଂଘ ଚାର୍ଟରରେ ଉଲ୍ଲେଖ ଥିଲେ ମଧ୍ୟ ଆମେରିକା ଏବଂ ଇସ୍ରାଏଲ ଏହାର ଉଲ୍ଲଂଘନ କରିଛନ୍ତି। ଅନ୍ତର୍ଜାତିକ ସଂପର୍କକୁ ଆମେରିକା ନଷ୍ଟ କରିଥିବା ଚୀନ ରାଷ୍ଟ୍ରପତି କହିଛନ୍ତି। ଇରାନ ଉପରେ ଆକ୍ରମଣକୁ ତୁରନ୍ତ ବନ୍ଦ କରିବା ଲାଗି ସେମାନେ ଆହ୍ୱାନ ଜଣାଇଛନ୍ତି। ଖାମନେଇଙ୍କ ହତ୍ୟାକୁ ଅନେକ ୟୁରୋପୀୟ ଦେଶ ସ୍ୱାଗତ କରିଥିଲେ ମଧ୍ୟ ଫ୍ରାନ୍ସ ଓ ଇଟାଲୀ ଇରାନ ଉପରେ ଆକ୍ରମଣକୁ ବିରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତକାଲି ଖାମନେଇଙ୍କ ଅଫିସରେ ଆମେରିକା ଓ ଇସ୍ରାଏଲ ପକ୍ଷରୁ ୩୦ଟି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଆକ୍ରମଣ ସମୟରେ କମାଣ୍ଡର୍ସଙ୍କ ସହ ଖାମନେଇ ବୈଠକ କରୁଥିଲେ। ଶନିବାର ବିଳମ୍ବିତ ରାତିରେ ଖାମନେଇ ପ୍ରାଣ ହରାଇଥିବା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଦାବି କରିଥିଲେ। ଏହାର କିଛି ସମୟରେ ରାଷ୍ଟ୍ରପତି ଟ୍ରମ୍ପ ମଧ୍ୟ ସମାନ ସୂଚନା ଦେଇଥିଲେ। ମାତ୍ର ରବିବାର ସକାଳେ ଇରାନ ସରକାରୀ ଗଣମାଧ୍ୟମ ଖାମନେଇଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଥିଲା। ଖାମନେଇଙ୍କ ମୃତ୍ୟୁକୁ ନେଇ ଇରାନରେ ୪୦ ଦିନିଆ ରାଷ୍ଟ୍ରୀୟଶୋକ ଏବଂ ୭ ଦିନ ଛୁଟି ଘୋଷଣା କରାଯାଇଛି। ଦେଶ ଜଣେ ମହାନ ନେତାଙ୍କୁ ହରାଇଲା ବୋଲି ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କ୍ରପ୍ସ (ଆଇଆରଜିସି) କହିଛି। ଖାମନେଇଙ୍କ ମୃତ୍ୟୁ ପରେ ଦେଶର ଶାସନ ଭାର ଅସ୍ଥାୟୀ ଭାବେ ତିନିଜଣିଆ କମିଟି ମୁଖ୍ୟ ଆୟତୁଲ୍ଲା ଅମିରେଜା ଅରାଫିଙ୍କ ହାତରେ ନ୍ୟସ୍ତ କରାଯାଇଛି।

ଖାମନେଇଙ୍କ ହତ୍ୟା ଖବର ମିଳିବା ପରେ ଇରାକ ଓ ପାକିସ୍ତାନ ସମେତ ବିଭିନ୍ନ ଦେଶରେ ଆମେରିକା ଓ ଇସ୍ରାଏଲ ବିରୋଧରେ ଉଗ୍ର ବିକ୍ଷୋଭ ପ୍ରଦର୍ଶନ ହୋଇଥିବାର ଖବର ମିଳିଛି। ଏହି କାରଣରୁ ପାକିସ୍ତାନରେ ବ୍ୟାପକ ହିଂସାରେ ୨୮ ଜଣ ପ୍ରାଣ ହରାଇଛନ୍ତି। ମଧ୍ୟପ୍ରାଚ୍ୟରେ ଅଶାନ୍ତ ପରିସ୍ଥିତି ପରିପ୍ରେକ୍ଷୀରେ ଆଜି ରାତିରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ନିରାପତ୍ତା ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ବୈଠକ ହୋଇଯାଇଛି। ଏଥିରେ ପରିସ୍ଥିତି ସମୀକ୍ଷା କରାଯାଇଥିଲା। ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ବୈଦେଶିକ ମନ୍ତ୍ରୀ ଓ ଅର୍ଥ ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପ୍ରଧାନମନ୍ତ୍ରୀ ୟୁଏଇ ରାଷ୍ଟ୍ରପତିଙ୍କୁ ଫୋନ କରି ସମବେଦନା ଜଣାଇଛନ୍ତି। ୟୁଏଇ ଉପରେ ଇରାନ ଆକ୍ରମଣକୁ ନିନ୍ଦା କରିଛନ୍ତି।

### ୧୨ ଟଙ୍କା ମହଙ୍ଗା...

ଦେଶରେ ପେଟ୍ରୋଲ-ଡିଜେଲ ମୂଲ୍ୟ ହୁ ହୁ ହୋଇ ବଢ଼ିଯିବ। ଜାର ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଏହାର ପ୍ରଭାବରେ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ୧୨ ଟଙ୍କା ମହଙ୍ଗା ହେବ। ଆହୁରିମଧ୍ୟ ଯୁଦ୍ଧ ବଢ଼ିଲେ ଭାରତରେ ରନ୍ଧନ ଗ୍ୟାସ୍‌କୁ ନେଇ ବଡ଼ ସମସ୍ୟା ଦେଖାଦେଇପାରେ। କାରଣ ଇରାନର ପଡ଼ୋଶୀ କତାର ହେଉଛି ଭାରତର ସର୍ବବୃହତ ଗ୍ୟାସ୍ ଯୋଗାଣକାରୀ। ଭାରତର ୪୦% ଗ୍ୟାସ୍ କତାରରୁ ଆସିଥାଏ। କାତାରର ସମସ୍ତ ଗ୍ୟାସ୍ ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରେ, ଯାହାକୁ ଇରାନ ଅବରୋଧ କରିଛି। ଏଭଳି ସ୍ଥିତିରେ ଭାରତକୁ ଗ୍ୟାସ୍ ଯୋଗାଣ ପ୍ରଭାବିତ ହେବା ସୁନିଶ୍ଚିତ।

ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମିନେଇଙ୍କ ମୃତ୍ୟୁ ପରେ ଇରାନ ସାମରିକ ବାହିନୀ ପ୍ରତିଶୋଧ ପାଇଁ ଅନେକ ବିକଳ୍ପ ବିଚାର କରୁଛି। ଏଥିରେ ଆମେରିକୀୟ ସାମରିକ ଘାଟିକୁ ଟାର୍ଗେଟ କରିବା ଏବଂ ଇସ୍ରାଏଲୀ ଅଞ୍ଚଳ ଉପରେ ଆକ୍ରମଣ କରିବା ଅନ୍ତର୍ଭୁକ୍ତ। ତଥାପି, ଇରାନର ସର୍ବବୃହତ ଭୂ-ରାଜନୈତିକ ଅସ୍ତ୍ର ହେଉଛି ହରମୁଜ୍ ପ୍ରଣାଳୀ ବନ୍ଦ କରିବା। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଇରାନ ଏହି ମାର୍ଗକୁ ଅବରୋଧ କରେ, ତେବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଯୋଗାଣ ହ୍ରାସ ପାଇବ ଏବଂ ମୂଲ୍ୟ ପ୍ରତି ବ୍ୟାରେଲ ୧୨୦ ଡଲାରରେ ପହଞ୍ଚିପାରେ। ବର୍ତ୍ତମାନ, ବ୍ରେଣ୍ଟ ଅଶୋଧିତ ତୈଳ ବ୍ୟାରେଲ ପିଛା ୭୧ ଡଲାର ଉପରେ ରହିଛି। ଯୁଦ୍ଧ ପ୍ରଭାବରେ କେବଳ ଆଜି ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପାଖାପାଖି ୩ ଡଲାର ବୃଦ୍ଧି ପାଇଛି।

ଭାରତ ମଧ୍ୟ ଏହି ସ୍ଥିତିରେ ଅନ୍ୟ ଦେଶଗୁଡ଼ିକରୁ ତୈଳ ଆମଦାନୀବୃଦ୍ଧି ଉପରେ ବିଚାର କରୁଛି। ଭାରତ ସରକାରେ ସମ୍ପ୍ରତି ଏହି ସମ୍ଭାବ୍ୟ ସଙ୍କଟର ମୁକାବିଲା କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସୂତ୍ର ଅନୁଯାୟୀ, ଭାରତ ଉପସାଗରୀୟ ଦେଶଗୁଡ଼ିକ ବାହାରେ ଯୋଗାଣକାରୀଙ୍କଠାରୁ ତୈଳ କ୍ରୟ ବୃଦ୍ଧି କରୁଛି। ଏହା ବ୍ୟତୀତ, ଆବଶ୍ୟକ ହେଲେ, ଭାରତ ଏହାର ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ (ଏସ୍‌ପିଆର୍) ରୁ ମଧ୍ୟ ତେଲ ଆଣିପାରିବ।

ଏହାବାଦ୍ ଇରାନ ସଙ୍କଟ ଭାରତ, ଚୀନ୍, ପାକିସ୍ତାନ, କୋରିଆ ଏବଂ ତାଇୱାନ ସମେତ ଅନେକ ଦେଶ ପାଇଁ ଗ୍ୟାସ୍ ସଙ୍କଟ ସୃଷ୍ଟି କରିବାର ସମ୍ଭାବନା ରହିଛି। ବିଶ୍ୱର ୨୦% ଏଲଏନଜି ଯୋଗାଣ ଉପସାଗର ଦେଇ ଆସେ। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ବିଶେଷଜ୍ଞମାନେ କହିଛନ୍ତି ଯେ ଉପସାଗରରେ ଯେକୌଣସି କାର୍ଯ୍ୟକଳାପ ଗ୍ୟାସ୍ ଯୋଗାଣକୁ ବାଧା ଦେଇପାରେ। ଚାରି ବର୍ଷ ପୂର୍ବେ, ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରେ ଅନ୍ତର୍ଜାତୀୟ ଗ୍ୟାସ୍ ବାଣିଜ୍ୟ ଗୁରୁତର ଭାବରେ ବାଧାପ୍ରାପ୍ତ ହୋଇଥିଲା। ରୁଷ ହେଉଛି ବିଶ୍ୱର ସର୍ବବୃହତ ଗ୍ୟାସ୍ ଯୋଗାଣକାରୀ। ସେହି ସମୟରେ, ୟୁରୋପରେ ଗ୍ୟାସ୍ ମୂଲ୍ୟ ଆକାଶଛୁଆଁ ହୋଇଥିଲା, କାରଣ ଏହା ରୁଷର ସର୍ବବୃହତ ରପ୍ତାନି ବଜାର ଥିଲା। ହେଲେ ବର୍ତ୍ତମାନ ସମୟରେ ଏସୀୟ ଦେଶଗୁଡ଼ିକ ସବୁଠାରୁ ଅଧିକ ବିପଦରେ ଅଛନ୍ତି। ଗତ ବର୍ଷ, ଏସୀୟ ଦେଶଗୁଡ଼ିକ କତାରର ପ୍ରାୟ ୨୦% ଗ୍ୟାସ୍ ବିକ୍ରି କରିଥିଲେ। ହରମୁଜ୍ ପ୍ରଣାଳୀ ବନ୍ଦ କରିବା ଦ୍ୱାରା ଇରାନ୍‌କୁ ମଧ୍ୟ ବିଶ୍ୱ ଅର୍ଥନୀତି ଉପରେ ଚାପ ପକାଇବାରେ ସାହାଯ୍ୟ କରିବ। ତଥାପି, ହରମୁଜ୍ ପ୍ରଣାଳୀ ବନ୍ଦ କରିବା ଦ୍ୱାରା ଇରାନର ନିଜସ୍ୱ ଅର୍ଥନୀତି ମଧ୍ୟ ନଷ୍ଟ ହୋଇପାରେ, କାରଣ ଏହା ନିଜସ୍ୱ ତୈଳ ରପ୍ତାନି କରିପାରିବ ନାହିଁ। ଏହା ସହିତ, ଚୀନ୍ ହେଉଛି ଇରାନୀ ତୈଳର ସବୁଠାରୁ ବଡ଼ କ୍ରେତା। ଯଦି ଯୋଗାଣ ବାଧାପ୍ରାପ୍ତ ହୁଏ, ତେବେ ଚୀନ୍ ସହିତ ଇରାନ୍‌ର ସମ୍ପର୍କ ମଧ୍ୟ ଖରାପ ହୋଇପାରେ।

**ଅଧ୍ୟାପକ ଓ ଗୁରୁଜୀ ଗୁରୁମା ଆବଶ୍ୟକ**

ବାଣୀପୀଠ ଦ୍ୱାରା ପରିଚାଳିତ (ଆବାସିକ) ବିବେକାନନ୍ଦ ହାୟାର ସେକେଣ୍ଡାରୀ ସ୍କୁଲ ଏବଂ ଓଡ଼ିଆ, ଇଂରାଜୀ ମାଧ୍ୟମ ବିଦ୍ୟାଳୟ ତରଫରୁ ନିମ୍ନଲିଖିତ ପଦବୀ ପାଇଁ ଇଚ୍ଛୁକ ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ଉକ୍ତ ପଦବୀ ପାଇଁ ଆସନ୍ତା ତା ୦୮/୦୩/୨୦୨୬ ରିଖ ରବିବାର ଦିବା ୧୦ ଟାରେ ବଡ଼ସାହି ଠାରେ ସିଧାସଳଖ ସାକ୍ଷାତକାର ଅନୁଷ୍ଠିତ ହେବ। ଫୋନରେ ଯଥାଶୀଘ୍ର ନିଜର ନାମ ପଞ୍ଜିକରଣ କରନ୍ତୁ। ସାକ୍ଷାତକାର ପୂର୍ବରୁ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟରେ ୨୦୦ ଟଙ୍କା ଜମାକରି ନିର୍ଦ୍ଧାରିତ ଫର୍ମରେ ବାୟୋଡାଟା, ଯୋଗ୍ୟତା ପ୍ରମାଣପତ୍ର ଓ ଫଟୋ ସହିତ ଆବେଦନ କରିବାକୁ ପଡ଼ିବ।
ଅଧ୍ୟାପକ : ଫିଜିକ୍ସ / କେମେଷ୍ଟ୍ରୀ / ମେଥମେଟିକ୍ସ / ବୋଟାନି / ଜୁଲୋଜୀ / ଆଇଟି / ଇକୋନୋମିକ୍ସ / ପଲିଟିକାଲ ସାଇନ୍ସ / ଇଂରାଜୀ / ହିନ୍ଦୀ / ସଂସ୍କୃତ / ଲଜିକ୍ / କ୍ଲର୍କ / ପିଅନ / ମେଲ, ଫିମେଲ ୱାର୍ଡେନ / କୁକ୍।
ଗୁରୁଜୀ / ଗୁରୁମା : ଆର୍ଟସ୍ ( ଓଡ଼ିଆ, ଇଂରାଜୀ, ଇତିହାସ, ଭୂଗୋଳ ) / ପିସିଏମ୍ / ସିବିଜେଡ୍ / ହିନ୍ଦୀ / ସଂସ୍କୃତ / କ୍ରୀଡ଼ା ଓ ଯୋଗ / କମ୍ପ୍ୟୁଟର / ସୁପରଭାଇଜର / ପିଅନ / 'ସିକ୍ୟୁରିଟିଗାର୍ଡ' / ରୋଷେୟା।
ଗୁରୁଦକ୍ଷିଣା : ଟ ୧୦,୦୦୦ ଙ୍କା ରୁ ଟ ୪୦,୦୦୦ ଙ୍କା (ଦକ୍ଷତା ସମ୍ପନ୍ନ ଅଭିଜ୍ଞ ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ। ଛାତ୍ରାବାସରେ ରହିବା, ଖାଇବାର ସୁବିଧା ଅଛି।
ଯୋଗାଯୋଗ : ସମ୍ପାଦକ - ବାଣୀପୀଠ ଚେରିଟେବୁଲ ଟ୍ରଷ୍ଟ, ବିବେକାନନ୍ଦ ବିହାର, ବଡ଼ସାହି, ମୟୂରଭଞ୍ଜ - ୭୫୭୦୨୨
ମୋ : ୯୮୬୧୦୫୯୮୮୩ / ୯୮୬୧୮୧୨୦୦୦ / ୭୦୦୮୫୮୫୬୭୯ / ୯୮୫୩୩୩୮୭୪୧

**ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, (ରାସ୍ତା ଓ ଗୃହ) ବିଭାଜନ ବଲାଙ୍ଗିର**
**OFFICE OF THE SUPERINTENDING ENGINEER, BALANGIR (R&B) DIVISION**
**e-Procurement Notice**
BID IDENTIFICATION No.: SE (R&B) BGR/34 / 2025-26
No.: 1303 Dtd.: 25/02/26
34001/131/2526

1. The Superintending Engineer, Balangir (R&B) Division, Balangir on behalf of Governor of Odisha invites percentage rate Composite bid in Double cover system in ONLINE MODE for the construction of building works and electrical works detailed in the table below from the eligible contractors.
2. Nature of Work: Civil Work
3. No. of tender: 2 Nos. Civil work
4. Tender Cost: Rs. 10,000.00
5. Class of Contractor: "B" Class (Registered with CDMS)
6. Date & Time of sale & Receipt of Bids:
7. From Dtd. 08.03.2026, 10.00 AM to Dtd. 17.03.2026 up to 05.00 PM
8. Date of opening Bid: Dtd. 19.03.2026 at 11.00 AM
9. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

Superintending Engineer
Balangir (R&B) Division
OIPR-34001/34028/1/25-26/0011

**AFFIDAVIT**
By virtue of an affidavit sworn before Notary Public, Puri, dated 13.02.2026 I, Gitanjali Jena address Gopalpur, Baliguali Dist: Puri Pin code: 752002 declare that I have changed the name of my son from Saisarthak Jena to Soyam Jena. Henceforth, he shall be known as **Soyam Jena** for all purposes.
**Gitanjali Jena**

**AFFIDAVIT**
By virtue of an affidavit sworn before Notary Public, Puri, dated 13.02.2026 I, Piradhi Subhadra address C.T road Nuasahi PO: Station road PS: Sea Beach Dist: Puri pin code: 752002 declare that I have changed the name of my son from Piradhi Srinu to Piradhi Ramana. Henceforth, he shall be known as **Piradhi Ramana** for all purposes.
**Piradhi Subhadra**

**AFFIDAVIT**
By virtue of an affidavit sworn before Notary Public, Puri, dated 13.02.2026 I, Puja Sahoo address Water works road, near patanjali shop PO: Puri Station road P.S: Sea beach Dist: Puri Pin code: 752002 declare that I have changed the name of my daughter from Khusi Karmakar to Rani Sahoo. Henceforth, she shall be known as **Rani Sahoo** for all purposes.
**Puja Sahoo**

## ଅଂଶୁପାରେ 'ହୋପ୍ ଏଜ୍ ଟ୍ରଷ୍ଟ'ର ସମାବେଶ



କଟକ,୧।୩(ସମିସ): ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ସମର୍ପିତ ଅନୁଷ୍ଠାନ "ହୋପ ଏଜ' ଟ୍ରଷ୍ଟର ଏକ ସମାବେଶ ଆଜି ମଧ୍ୟାହ୍ନରେ ଅଂଶୁପା ହ୍ରଦ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର କର୍ମକର୍ତ୍ତା ଓ ସଭ୍ୟମାନେ ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଟ୍ରଷ୍ଟି ଡ. ସତ୍ୟ ରାୟ, ସଭାପତି କିଶୋର ଶତପଥୀ, ସଂପାଦକ ରଞ୍ଜିତ ସାହୁ, ଅଧ୍ୟାପକ ବୃନ୍ଦାବନ ହୋତା, ଇଂ କେ.କେ. ଦାସବର୍ମା, ଧରଣୀଧର ପଟ୍ଟନାୟକ, ଚିତ୍ରଶିଳ୍ପୀ ନକୁଳ ଚନ୍ଦ୍ର ମହାରଣା, ବାବାଜୀ ଚରଣ ବେହେରା, ଡ଼ଃ ପ୍ରତିମା ଷଡ଼ଙ୍ଗୀ, କସ୍ତୁରୀ ରାୟ, ବାଦଲ ମହାନ୍ତି, ପ୍ରମିଳା ଦାସ ବର୍ମା, ପୁଷ୍ପଲତା ପତି, ପି.କେ. ସାହୁ, ପ୍ରମୋଦ ପଟ୍ଟନାୟକ, ଶଶୀଭୂଷଣ ପ୍ରଧାନ, କବିତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ

# ଗୋଟିଏ ବନ୍ଧ ପାଇଁ ଦୁଇଟି ସୁରକ୍ଷା ପ୍ରାଚୀର ନିର୍ମାଣ

ନିଶ୍ଚିନ୍ତକୋଇଲି,୧।୩(ସମିସ):

ସରକାରୀ ଅଧିକାରୀମାନଙ୍କର ଦାୟିତ୍ୱହୀନ କାର୍ଯ୍ୟ ପାଇଁ କିପରି ସରକାରୀ ଅର୍ଥ ନଷ୍ଟ ହେଉଛି ତାହାର ଏକ ନଗ୍ନ ନମୁନା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ନତକାଇ ପଞ୍ଚାୟତ ମୁକୁନ୍ଦପୁର ଛକଠାରୁ ଖସାଅଣ୍ଡା ପର୍ଯ୍ୟନ୍ତ ଯାଇଥିବା ୮ଇ (ହାପ୍) କେନାଲର ଗୋଟିଏ ବନ୍ଧରେ ଦୁଇଟି ସୁରକ୍ଷା ପାଚେରିରେ ନିର୍ମାଣ କରାଯାଇ ଅର୍ଥ ଅପବ୍ୟୟ କାରାଯାଇଥିବା ଜାଣିବାକୁ ମିଳିଛି। ରାଜ୍ୟ ସରକାର ବର୍ତ୍ତମାନ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ଋଣ ଉପରେ ଋଣ କରି ଚାଲିଥିଲା ବେଳେ ସରକାରୀ ବାବୁମାନେ ଆବଶ୍ୟକତା ନ ଥିବା ବେଳେ ଅନୁଦାନ ଖର୍ଚ୍ଚ କରି



ମାଲେ ମାଲ୍ ହେଉଥିବା ସାଧାରଣରେ ଚର୍ଚ୍ଚା ଯୋର ଧରିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଜଳସେଚନ ବିଭାଗର ସମନ୍ୱୟ ଅଭାବରୁ ଏଭଳି କାର୍ଯ୍ୟ ହୋଇଥିବା ଜଣାଯାଇଛି। ଖୁବ୍ କମ୍ ଦିନ ହେବ ଏହି କେନାଲ ବନ୍ଧ ରାସ୍ତାକୁ ସୁଦୃଢ କରିବା ପାଇଁ ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ସୁରକ୍ଷା ପାଚେରୀ କାର୍ଯ୍ୟ କରାଯାଇଛି। ଏହି ପାଚେରି ଦ୍ୱାରା ରାସ୍ତାଟି ଓସାରିଆ ହେବା ସହିତ ଦୀର୍ଘସ୍ଥାୟୀ ହୋଇଥିବା ଦେଖିବାକୁ ମିଳିଛି। ଏବେ ଏହି ସୁରକ୍ଷା ପାଚେରୀରୁ ୨/୩ ଫୁଟ ଯାଗା ବାଦ୍ ଦେଇ ଜଳସେଚନ ବିଭାଗ ପକ୍ଷରୁ ବନ୍ଧ କଂକ୍ରିଟ ଲାଇନିଂ କରାଯିବା ଆଳରେ ଆଉ ଏକ କଂକ୍ରିଟ ପାଚେରି ନିର୍ମାଣ କାର୍ଯ୍ୟ କରାଯାଉଛି। ପୂର୍ବରୁ ଏହି କେନାଲ ବନ୍ଧ ପାଶ୍ୱର୍ରେ ଯେଉଁ ସୁରକ୍ଷା ପାଚେରୀଟି ନିର୍ମାଣ କରାଯାଇଛି ସେ ସଂକ୍ରାନ୍ତରେ ଜଳସେଚନ ବିଭାଗ ଅବଗତ ହୋଇଥିଲେ ମଧ ପୁନର୍ବାର ଏଠାରେ ଆଉ ଏକ ପାଚେରୀ ନିର୍ମାଣ କରିବା ପଛରେ କି ରହସ୍ୟ ଲୁଚି ରହିଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଆଲୋଚନା ହେଉଛି। ଗୋଟିଏ ବନ୍ଧରେ ନିର୍ମାଣ ହୋଇଥିବା ସୁରକ୍ଷା ପାଚେରିକୁ ବାଦ୍ ଦେଇ କଂକ୍ରିଟ ଲାଇନିଂ କାର୍ଯ୍ୟ ମଧ କରାଯାଇ ପାରିଥାଆନ୍ତା। ହେଲେ ଏହା କରା ନ ଯିବାରୁ ଏଠାରେ ଦୁଇଟି ବିଭାଗର ଭିନ୍ନ ଭିନ୍ନ ଅନୁଦାନ ଅନାବଶ୍ୟକ ଭାବେ ଖର୍ଚ୍ଚ କରାଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ନିର୍ମାଣ କାର୍ଯ୍ୟ ବନ୍ଦ୍ କରାଗଲେ ସରକାରଙ୍କର ବହୁ ଅର୍ଥ ଅପବ୍ୟୟରୁ ବଞ୍ଚି ପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

## ବଳଦେବଜୀଉ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ତରତ ଓ କେରିଲୋ ବିଜୟୀ

ନିଶ୍ଚିନ୍ତକୋଇଲି,୧।୩(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବଳଦେବଜୀଉ କ୍ରିକେଟ ଆସୋସିଏସନ (ବିସିଏ) ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ତରତ କ୍ରିକେଟ କ୍ଲବ ଓ କେରିଲୋ ହରଚଣ୍ଡି କ୍ରିକେଟ କ୍ଲବ ବିଜୟୀ ହୋଇଛନ୍ତି। ମୁକୁନ୍ଦପୁର କ୍ରିକେଟ କ୍ଲବକୁ ତରତ କ୍ରିକେଟ କ୍ଲବ ୭ ୱିକେଟରେ ହରାଇଥିବା ବେଳେ ରୌପ୍ୟରଞ୍ଜନ ମହାନ୍ତି ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ହରଚଣ୍ଡୀ କ୍ରିକେଟକ୍ଲବ ୩୫ ରନରେ ସୁକରପଡା କ୍ରିକେଟ କ୍ଲବଠାରୁ ବିଜୟୀ ହୋଇଥିଲା ବେଳେ ଜ୍ଞାନ ରଞ୍ଜନ ପଣ୍ଡା ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିଲେ। ବିସିଏ ପରିଚାଳକ ରମାକାନ୍ତ ପରିଡାଙ୍କ ସଂଯୋଜନାରେ ତପନ ସିଂ, ସତ୍ୟପ୍ରଜ୍ଞା ନାୟକ, ପ୍ରଦୀପ୍ତ ଦାସ ଓ କୃଷ୍ଣଚନ୍ଦ୍ର ମହାପାତ୍ର ଖେଳ ପରିଚାଳନା କରିଥିଲେ।

## ମା' ବଡ଼ ରାଉଳାଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ତିଗିରିଆ,୧।୩(ସମିସ): ତିଗିରିଆ ବ୍ଲକ ପୁରୁଣା ତିଗିରିଆ ପଞ୍ଚାୟତ ଅଧୀନ ପାଇକିଆଁରା ଗ୍ରାମର ଆରାଧ୍ୟ ଠାକୁରାଣୀ ମା' ବଡ଼ ରାଉଳାଣୀଙ୍କ ପୀଠରେ ଆଜିଠାରୁ ୫ ଦିନିଆ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ ଓ ସହଯୋଗୀଙ୍କ ଦ୍ୱାରା ନୀତି ଅନୁଷ୍ଠିତ ହୋଇଥିଲା। ଯଜ୍ଞର ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମା'ଙ୍କ ପୀଠରେ ନାମ ସଂକୀର୍ତ୍ତନ ସହ ରାମଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପାଇକିଆଁରା ଗ୍ରାମ୍ୟ କମିଟିର ସଭାପତି ପରେଶ ନାୟକ, ଉପସଭାପତି ଦିବାକର ପ୍ରଧାନ, ସହସମ୍ପାଦକ ରଶ୍ମିରଞ୍ଜନ ନାୟକ, ସଦସ୍ୟ ହୃଦାନନ୍ଦ ରାଉତ, ମୀନକେତନ ରାଉତ, ମନ୍ଦରଧର ନାୟକ, ନିତ୍ୟାନନ୍ଦ ବେହେରା, ହୃଦାନନ୍ଦ ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ମଙ୍ଗଳା ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ

ତିଗିରିଆ,୧।୩(ସମିସ): ତିଗିରିଆ ବ୍ଲକ ଅଧୀନ ଅଚଳକୋଟ ଗ୍ରାମର ଆରାଧ୍ୟ ଠାକୁରାଣୀ ମା' ମଙ୍ଗଳାଙ୍କ ନୂତନ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳା ମନ୍ଦିର କର୍ମକର୍ତ୍ତା ଓ ଅଚଳକୋଟ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ଦିନିକିଆ କାର୍ଯ୍ୟକ୍ରମରେ ପାରମ୍ପରିକ ରୀତିନୀତି ଅନୁଯାୟୀ ୨୬ ତାରିଖ ଦିନ ଅଙ୍କୁରାରୋପଣ, ମଣ୍ଡଳୀକରଣ ନୀତି ଶେଷ ହୋଇଥିଲା। ବାର୍ଷିକ ଉତ୍ସବରେ କଳସ ପୂଜନ, ଚଣ୍ଡୀ ପାଠ ନୀତି ସମ୍ପନ୍ନ ପରେ ପୂର୍ଣ୍ଣାହୁତି ସହ ଆଜିର କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଗ୍ରାମବାସୀଙ୍କ ତରଫରୁ ମା'ଙ୍କ ପୀଠରେ ଭଜନ ସମାରୋହ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମନ୍ଦିର କମିଟିର ସଦସ୍ୟଙ୍କ ସହ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଚୌଦ୍ୱାର କଲେଜରେ 'ଅବିର ଡାଲା'

■ ରଙ୍ଗ ଓ ସଙ୍ଗୀତର ଯୁଗଳବନ୍ଦୀରେ ମନ୍ତ୍ରମୁଗ୍ଧ ହେଲେ ଛାତ୍ରଛାତ୍ରୀ

ଚୌଦ୍ୱାର,୧।୩(ସମିସ): ଉତ୍କଳୀୟ ପରମ୍ପରାର ଅନନ୍ୟ ପର୍ବ ହୋଲିକୁ ନେଇ ଚୌଦ୍ୱାର ମହାବିଦ୍ୟାଳୟରେ ଏକ ନିଆରା ରଙ୍ଗ ଉତ୍ସବ



"ଅବିର ଡାଲା' ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର "ଷ୍ଟୋରୀ ଇମେଜ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଶୀର୍ଷକ ରହିଥିଲା "ବନ୍ଧୁ ଲାଗିଲେ ଏ ରଙ୍ଗ ଛାଡ଼ିବନି'। ପ୍ରାଧ୍ୟାପକ ଡ. ପ୍ରଫୁଲ୍ଲ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ପ୍ରେମ ଓ ଭାଇଚାରାର ରଙ୍ଗରେ ସମସ୍ତେ ରଙ୍ଗେଇ ହୋଇଥିଲେ। ବିଶିଷ୍ଟ ଗୀତିକାର ଦେବୀଦତ୍ତ ମହାନ୍ତି, ଅରୁଣ ମନ୍ତ୍ରୀ, ଅଶୋକ ପଣ୍ଡା, ଗଣେଶ୍ୱର ସ୍ୱାଇଁ ଏବଂ ପ୍ରଯୋଜକ ତଥା ଯାଦୁଗର ବାପୁ ଲେଙ୍କା ଯୋଗ ଦେଇଥିଲେ। ଯାଦୁଗର ବାପୁ ଲେଙ୍କା ନିଜର ଚମତ୍କାର ଯାଦୁ ବିଦ୍ୟା ପ୍ରଦର୍ଶନ କରିଥିଲେ। ସଙ୍ଗୀତର ମଧୁର ମୂର୍ଚ୍ଛନା ସାଙ୍ଗକୁ ଅବିରର ଖେଳ ପୂରା ପରିବେଶକୁ ଉତ୍ସବମୁଖର କରିଥିଲା। ପ୍ରଯୋଜକ ଦିଲ୍ଲୀପ ସାହୁ, ନାଟ୍ୟ ନିର୍ଦ୍ଦେଶକ ସୁକାନ୍ତ ରାଉତ, କବି ପ୍ରଫେସର ନିଖିଳେଶ ମହାନ୍ତି, ଅଧ୍ୟାପିକା ପୁଷ୍ପଲତା ରଥ, ଦୀପକ ଦାସ, କଣ୍ଠ ଶିଳ୍ପୀ ଘନଶ୍ୟାମ ତ୍ରିପାଠୀ, କବି ବୈଦନାଥ ଖିଲାର, ଉତ୍କଳ ସାହିତ୍ୟ ସଂସଦ ସମ୍ପାଦକ ରାଜୀବ ଷଡ଼ଙ୍ଗୀ, ଅଧ୍ୟାପିକା ସଂଘମିତ୍ରା ଦାସ, ସାହିତ୍ୟିକ ରମାନାଥ ଆଚାର୍ଯ୍ୟଙ୍କ ସମେତ ଅନେକ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଦୀର୍ଘ ୨୦ ବର୍ଷ ଧରି ଏହି ଅନୁଷ୍ଠାନ ଯୁବ ପିଢ଼ିଙ୍କ ମଧ୍ୟରେ କଳା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପାଇଁ କାର୍ଯ୍ୟ କରିଆସୁଛି ବୋଲି ଅଧ୍ୟାପକ ଦୀପକ ବେହେରା ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟଣା; ଜଣେ ଗିରଫ

କଟକ,୧।୩(ସମିସ): କଟକ ସଦର ଥାନା ଖଲର୍ଦା ମହେଶପୁରଠାରେ ଗତ ୨୭ ତାରିଖ ଅପରାହ୍ନ ପ୍ରାୟ ୩ଟା ବେଳେ ସେହି ଗ୍ରାମର ଭାସ୍କର ସାହୁ (୫୨) ନାରାୟଣ ମହାପାତ୍ର ଓରଫ ବାବୁଲି (୫୭)ଙ୍କ ବାଡ଼ି କଡ଼ରେ ଘାସ କାଟୁଥିଲା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତକରି କଟକ ବଡ ଡାକ୍ତରଖାନାକୁ ପଠାଇଥିଲା। ପରିବାର ପକ୍ଷରୁ ଅଭିଯୋଗ ଅନୁଯାୟୀ, ଥାନାଧିକାରୀ ତୁଷାରକାନ୍ତ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ପ୍ରଶାନ୍ତ ପରିଡ଼ା ନାରାୟଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ନାରାୟଣଙ୍କ ବାଡ଼ିରେ ପରିବା ବାଡ଼ ଚାରିପଟେ ଷଣ୍ଢକୁ ମାରିବା ପାଇଁ ସେଥିରେ ବେଆଇନ ଭାବେ ବିଦ୍ୟୁତ ସଂଯୋଗ କରାଯାଇଥିଲା।

## ଡ୍ରିମ୍ସ ପଲିଟେକ୍‌ନିକରେ ଜାତୀୟ ବିଜ୍ଞାନ ଦିବସ



କଟକ,୧।୩(ସମିସ): ଡ୍ରିମ୍ସ ପଲିଟେକ୍‌ନିକ (ସ୍ୱୟଂଶାସିତ) ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ସାଇନ୍ସ ଓ ହ୍ୟୁମାନିଟିସ୍ ବିଭାଗ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଇନୋଭେସନ୍ କାଉନସିଲ (ଆଇଆଇସି) ମିଳିତ ଆନୁକୂଲ୍ୟରେ ବିଜ୍ଞାନ ଭିତ୍ତିକ ପ୍ରଦର୍ଶନୀ ସହ 'ଆଧୁନିକ ପ୍ରଯୁକ୍ତି ବିଦ୍ୟାରେ ବ୍ୟବହାରିକ ପଦାର୍ଥର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିକ୍ଷାନୁଷ୍ଠାନର ଅଧକ୍ଷା ଡ. ତପସ୍ୱିନୀ ସାହୁଙ୍କ ପୋ÷ରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଭୁବନାନନ୍ଦ ସ୍କୁଲ ଅଫ ଇଂଜିନିୟରିଂର ପ୍ରାଧ୍ୟାପକ ବିଶ୍ୱମ୍ଭର ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଞ୍ଜନ ମହାନ୍ତି ଅଭିମତ ପ୍ରଦାନ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଅଧ୍ୟାପିକା ଦୀପ୍ତିମୟୀ ଦାସ କାର୍ଯ୍ୟକ୍ରମ ଉପସ୍ଥାପନ ଏବଂ ଅଧ୍ୟାପିକା ଜୟନ୍ତୀ କାଲିଆ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ହିନ୍ଦୁସେନା ବଡ଼ମ୍ବା ଶାଖାର ନୂତନ କର୍ମକର୍ତ୍ତା




ବଡ଼ମ୍ବା,୧।୩(ସମିସ): ବଡ଼ମ୍ବା ହାଟସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁସେନା ବଡ଼ମ୍ବା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଦେବାଶିଷ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ସଭାପତି ଆଶିଷ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ବଡ଼ମ୍ବା ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଚିନ୍ମୟ ମହାନ୍ତିଙ୍କୁ ନୂତନ ସଭାପତି ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ମନୋଜ କୁମାର ସାହୁଙ୍କୁ କାର୍ଯ୍ୟକାରୀ ସଭାପତି ଏବଂ ସହଦେବ ମଲ୍ଲିକଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଏହି ଅବସରରେ ଆସନ୍ତା ମାର୍ଚ୍ଚ ୨୭ ତାରିଖ ଶ୍ରୀରାମ ନବମୀ ଉତ୍ସବକୁ ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ହିନ୍ଦୁସେନା ପକ୍ଷରୁ ଏହି ଦିନ ଏକ ବିରାଟ ଶୋଭାଯାତ୍ରା ବଡ଼ମ୍ବା ଅଞ୍ଚଳରେ ପରିକ୍ରମା କରିବ। ନୂତନ ଭାବେ ଚୟନ ହୋଇଥିବା ଉପସଭାପତି ନିଗମାନନ୍ଦ ନାୟକ, ସମ୍ପାଦକ ଧନରାଜ ପାଟଶାଣି, କୋଷାଧ୍ୟକ୍ଷ ଜୟନ୍ତ ମଲ୍ଲିକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ଉପଦେଷ୍ଟା ମଣ୍ଡଳୀକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଲିପୁ ମଲ୍ଲିକ, ନୀଳକଣ୍ଠ ପଣ୍ଡା ଓ ଚନ୍ଦନ ସ୍ୱାଇଁଙ୍କ ସମେତ ଅନେକ ସକ୍ରିୟ ସଦସ୍ୟ ଉପସ୍ଥିତ ରହି ଶ୍ରୀରାମ ନବମୀ ପ୍ରସ୍ତୁତି ଉପରେ ନିଜ ନିଜର ମତାମତ ରଖିଥିଲେ।

## ନରସିଂହପୁର ତୈଳିକ ସମାଜର ବାର୍ଷିକ ଉତ୍ସବ



ନରସିଂହପୁର,୧।୩(ସମିସ): ସରଧାପୁର ପଞ୍ଚାୟତ ବରଡିହ ପ୍ରାଥମିକ ବିଦ୍ୟାଳୟ ପରିସରରେ ୨ ଦିନ ଧରି ତୈଳିକ ସମାଜର ୪୯ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଚିଲିକା ବିଧାୟକ ରଘୁବର ସାହୁ, ଜିଲ୍ଲା ପରିଷଦ କିଶୋର ମିଶ୍ର ଯୋଗଦେଇଥିଲେ। ତୈଳିକ ସମାଜର ଗରିବ ଶ୍ରେଣୀର ଲୋକଙ୍କୁ ଆର୍ଥିକ ସାହାର୍ଯ୍ୟ, ବିଧବା ମହିଳାଙ୍କୁ ସିଲେଇ ମେସିନ୍, ଛାତ୍ରଛାତ୍ରୀଙ୍କୁ ସ୍କଲାରସିପ ପ୍ରଦାନ କରାଯାଇଥିଲା। ସମାଜର ନୂଆ ସଭାପତି ରୂପେ ବସନ୍ତ ସାହୁ, ଉପସଭାପତି ଭାବେ ପ୍ରଶାନ୍ତ ମହାପାତ୍ର, ସଂପାଦକ ଭାବେ ବୈକୁଣ୍ଠ ନାଥ ସାହୁ, ସହସଂପାଦକ ଭାବେ ପ୍ରଦୀପ ସାହୁ, ଶିକ୍ଷା ସଂପାଦକ ରୂପେ ହରିଶ୍ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଭାବେ କୈଳାସଚନ୍ଦ୍ର ସାହୁ ଓ ଉପଦେଷ୍ଟା ଅଲେଖ ପ୍ରସାଦ ସାହୁଙ୍କୁ ମନୋନୀତ କରାଯାଇଥିଲା।

## ୨୭ ଗୋରୁ ଉଦ୍ଧାର, ଟ୍ରକ୍ ଜବତ

ନରସିଂହପୁର,୧।୩(ସମିସ): ନରସିଂହପୁର ଥାନାଞ୍ଚଳରୁ ଗୋରୁ ସଂଗ୍ରହ କରି ଅନ୍ୟତ୍ର ଚାଲାଣ ହେଉଥିବା ବେଳେ କିଛି ଯୁବଗୋଷ୍ଠୀ ଖବର ପାଇ ଏକ ଆଇଚର ଟ୍ରକଟିକୁ ଗୋଡ଼ାଇ ଥିଲେ। ଟ୍ରକ ଚାଳକ ଦ୍ରୁତଗତିରେ ଆସି କାନପୁର ଥାନା ଅଧୀନ କରିଲୋ



ଗ୍ରାମ ରାସ୍ତାରେ ଗାଡି ଛାଡି ଫେରାର ହୋଇଯାଇଥିଲା। ସୂଚନା ପାଇ କାନପୁର ପୁଲିସ ଘଟଣାସ୍ଥଳରେ ପହଁଞ୍ଚି ଆଇଚରରେ ଥିବା ୨୭ଟି ଗୋରୁଙ୍କୁ ଉଦ୍ଧାର କରିବା ସହିତ ଉକ୍ତ ଟ୍ରକଟିକୁ ଜବତ କରିଛି। ଜବତ ଗୋରୁଙ୍କୁ ପୁଲିସ ଉଦ୍ଧାର କରି ଢେଙ୍କାନାଳ ଗୋଶାଳାକୁ ପଠାଇଥିବା ବେଳେ ଟ୍ରକଟିକୁ ଜବତ କରାଯାଇ ତଦନ୍ତ ଜାରି ରହିଛି ବୋଲି କାନପୁର ଥାନାଧିକାରୀ ସୁଶୀଲ ନାୟକ ପ୍ରକାଶ କରିଛନ୍ତି। ଗତ ଦୁଇମାସ ଭିତରେ ନରସିଂହପୁର ଓ କାନପୁର ଥାନାଞ୍ଚଳରୁ ବେଆଇନ ଗୋଚାଲାଣ ଚାଲିଥିବା ବେଳେ ଗୋରୁ ବ୍ୟବସାୟରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କର ଟେର ପୁଲିସ ପାଇ ପାରିନାହିଁ।

## ଆମ ବସ୍-ସ୍କୁଟି ଧକ୍କା

କଟକ,୧।୩(ସମିସ): କଟକ ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ବାଲିକୁଦା ଛକ ଉପରେ ଆମ ବସ ଧକ୍କାରେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି ଜଣେ ସ୍କୁଟି ଚାଳକ। ରବିବାର ଦିନ ପ୍ରାୟ ୨ଟା ବେଳେ ଭୁବନେଶ୍ୱର ଦିଗରୁ ସ୍କୁଟି ଚାଳକ ଟ୍ରାଫିକ ଛକରେ ଅଟକିଥିଲେ। ସମାନ ଦିଗରୁ ଆମ ବସ ଓଡି ୩୩ ଓ ୪୫୬୧ ତାଙ୍କୁ ପଛପଟୁ ଧକ୍କାଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡିଥିଲେ। ଟ୍ରାଫିକ ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ



ଅଟକ ରଖିବା ପରେ ସ୍କୁଟି ଚାଳକଙ୍କୁ କ୍ଷତିପୂରଣ ବାବଦରେ ବସର କଣ୍ଡକ୍ଟର କିଛି ଟଙ୍କା ଦେଇ ମାମଲାକୁ ରଫାଦଫା କରିଦେଇଥିବା ଜଣାପଡିଛି।

## ଘରୁ ଚୋରି କରି ଚୋର ଗିରଫ

କଟକ,୧।୩(ସମିସ): କଟକ ସଦର ଥାନା ପୁଲିସ ଜଣେ ପେସାଦାର ଚୋରକୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲା ଏହି ଥାନା ଅଧୀନ ସଇନ୍ଦା କାଜିପୁରର ଦାଶରଥୀ ସାହୁଙ୍କ ପୁଅ ଆକାଶ (୨୬)। ଗତ ୨୭ ତାରିଖ ବିଳମ୍ବିତ ରାତିରେ ଆକାଶ ସଇନ୍ଦା ଗ୍ରାମର ବିଜୟ ସାହୁଙ୍କ ଘରେ ପଶି ୪ହଜାର ୭ଶହ ଓ ଅନ୍ୟ ଜଣକ ଘରୁ ୨ହଜାର ୭ ଶହ ଟଙ୍କା ଚୋରାଇ ନେଇଥିଲା। ବିଜୟ ଏ ସଂକ୍ରାନ୍ତରେ ସଦର ଥାନାରେ ଲିଖିତ ଜଣାଇଥିଲେ। ପୁଲିସ ମାମଲା ରୁଜୁକରି ଆକାଶକୁ ଗିରଫ କରିଛି।

# ପ୍ରସିଦ୍ଧ ଆଗ୍ରାହାଟ ରାଜ ଦୋଳ ମେଲଣ



ଚୌଦ୍ୱାର,୧।୩(ସମିସ):

ଆଗ୍ରାହାଟସ୍ଥିତ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପ୍ରସିଦ୍ଧ ଆଗ୍ରାହାଟ ମେଲଣ ଜାକ ଜମକରେ ଅନୁଷ୍ଠିତ ହୋଇଯାଇଛି। ୪୪ ମଣ୍ଡଳ ରାଜଦୋଳ ସମିତି ଆୟୋଜନରେ ଶୁକ୍ରବାର ସଂଧ୍ୟାରୁ ଆରମ୍ଭ ହୋଇଥିବା ଏହି ମେଲଣ ଯାତ୍ରାରେ ମଣ୍ଡଳ ଅନ୍ତର୍ଭୁକ୍ତ ମୋଟ ୪୪ଟି ବିମାନ ଅଂଶଗ୍ରହଣ କରିଥିଲେ। ଥାନପତି ଦଧିବାମନଜୀଉ ଶୋଭାଯାତ୍ରାରେ ଆସି ପ୍ରଥମେ ମେଲଣ ମଣ୍ଡପରେ ଅଧିଷ୍ଠିତ ହେବା ପରେ ଚୌଦ୍ୱାର, ପାଇକରାପୁର, ଦେବୀ ନଗର, ଯାଜଭୈରବ ନୂଆଗାଁ, ଚଷାପଡ଼ା, ଚିତ୍ରେଶ୍ୱର, ଜଗତପୁର, ଫକୀରପୁର, ନାନକାର, ତୋରଳ ଆଦି ଅଞ୍ଚଳର ମଠ ଓ ମନ୍ଦିରରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ସୁସଜ୍ଜିତ ବିମାନ ସବୁ ଶୋଭାଯାତ୍ରାରେ ଆସି ମେଲଣ ପଡ଼ିଆରେ ପହଞ୍ଚି ମେଲଣ କରିଥିଲେ। ରାଜଦୋଳ ସମିତି ତରଫରୁ ପ୍ରତ୍ୟେକ ବିମାନକୁ ସ୍ୱାଗତ କରାଯିବା ସହିତ ଛନ୍ଦା ପ୍ରଦାନ କରାଯାଇଥିଲା। ଦୁଇଦିନ ଧରି ଚାଲିଥିବା ଏହି ଯାତ୍ରାର ଦ୍ୱିତୀୟ ଦିନ ଶନିବାର ରାତିରେ ପାରମ୍ପରିକ ଆତସବାଜି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ସୁଦୃଶ୍ୟ ଆତସବାଜି କାର୍ଯ୍ୟକ୍ରମ ଦେଖିବା ପାଇଁ ଯାତ୍ରାପଡ଼ିଆ ଲୋକାରଣ୍ୟ ହୋଇଥିଲା। ଯାତ୍ରାରେ ଶୃଙ୍ଖଳା ରକ୍ଷା ପାଇଁ ଚୌଦ୍ୱାର ଆଇଆଇସି ରଜନିକାନ୍ତ ଦାସଙ୍କ ନେତୃତ୍ୱରେ ବହୁ ପୁଲିସ ଅଧିକାରୀ ଓ ଫୋର୍ସ ମୁତୟନ ହେବା ସହିତ ଚୌଦ୍ୱାର ଦମକଳ ବାହିନୀ ମେଳାରେ ସଜାଗ ରହିଥିଲେ। ରାଜଦୋଳ ସମିତି ସଭାପତି ଦୀପକ ମଙ୍ଗରାଜ, ହରିହର ପଣ୍ଡା, ନବ କୁମାର ସାହୁ, ଆଗ୍ରାହାଟ ମେଲଣ କମିଟି ସଭାପତି ପ୍ରମୋଦ ପଣ୍ଡା, ପର୍ଶୁରାମ ପରିଡ଼ା, ଜୟନ୍ତ ବରାଳ, ପ୍ରିୟବ୍ରତ ସ୍ୱାଇଁ, ହୃଷିକେଶ ରାଉତ, ଶିବ ଶଙ୍କର ସାହୁ, ରବିନାରାୟଣ ସାହୁ, ହୃଷିକେଶ ରାଉତଙ୍କ ସମେତ ସମସ୍ତ ସଦସ୍ୟ ବୃନ୍ଦ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରମ୍ପରା ଅନୁଯାୟୀ ଶନିବାର ସଂଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜଗତପୁରଠାରେ ମଣ୍ଡଳର ଦ୍ୱିତୀୟ ମେଲଣ ଉତ୍ସବ ଅନୁଷ୍ଠିତ ହେବ। ମାର୍ଚ୍ଚ ୧ ତାରିଖରେ ଗୋଡ଼ିପାଟଣା ମେଲଣ, ୩ ତାରିଖରେ ଚୌଦ୍ୱାର ମେଲଣ ଏବଂ ୪ ତାରିଖରେ ଫକୀରପୁର ମେଲଣ ଅନୁଷ୍ଠିତ ହେବ ବୋଲି ମଣ୍ଡଳ ସଭାପତି ଦୀପକ ମଙ୍ଗରାଜ ସୂଚନା ଦେଇଛନ୍ତି। ବିମାନଗୁଡ଼ିକ ମେଲଣ ସାରି ମାର୍ଚ୍ଚ ୫ ତାରିଖ ଦିନ ନିଜ ନିଜ ମଠ ମନ୍ଦିରରେ ପହଞ୍ଚିବା ପରେ ହୋଲିକା ଦହନ ବା ମେଣ୍ଢାଗୁଳି ପୋଡ଼ା ପରେ ଦିଅଁମାନେ ଯମୁନା ସ୍ନାନ ସାରି ସ୍ୱଆସ୍ଥାନରେ ବିଜେ ହେବାର ପରମ୍ପରା ରହିଛି।

## କୁଳିଆ ଦୋଳ ମେଲଣ; ୨୮ ବିମାନ ଅଧିଷ୍ଠିତ

ନିଶ୍ଚିନ୍ତକୋଇଲି,୧।୩(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ପଞ୍ଚାୟତ ଗୁରେଇପୁର ମହାଜନ ସାହିର ଅଧିଷ୍ଠାତ୍ରୀ ଦେବୀ ରତିଠାକୁରାଣୀଙ୍କ ଆନୁକୂଲ୍ୟରେ କଟକ-ଚାନ୍ଦବାଲି ରାସ୍ତା ପାଶ୍ୱର୍ କୁଳିଆ ମେଲଣ ପଡିଆରେ ମହା ଆଡମ୍ବରରେ ଦୋଳ ମେଲଣ ଅନୁଷ୍ଠିତ ହୋଇଛି। ପ୍ରଥମେ ଏହି ମେଲଣରେ ଗାଦିଶ୍ୱର ଭାବେ ରତିଠାକୁରାଣୀଙ୍କ ବିମାନ ଅଧିଷ୍ଠିତ ହେବା ପରେ ବିଭିନ୍ନ ଅଞ୍ଚଳରୁ ମୋଟ ୨୭ଟି ବିମାନ ପଟୁଆରରେ ଆସି ମେଲଣ ମଣ୍ଡପରେ ଅଧିଷ୍ଠିତ ହୋଇଥିଲେ। ରବିନାରାୟଣ ସାହୁ, ହୃଷିକେଶ ସାହୁଙ୍କ ସଂଯୋଜନାରେ ପୂଜକଙ୍କ ଦ୍ୱାରା ସମସ୍ତ ବିମାନରେ ଥିବା ଦେବାଦେବୀଙ୍କୁ ନୂତନ ବସ୍ତ୍ର, ନୈବେଦ୍ୟ ହାଣ୍ଡି ପ୍ରଦାନ କରାଯିବା ସହିତ ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମସ୍ତ ଗାଦି ମାଲିକଙ୍କୁ ନେଇ ଏକ ଧର୍ମ ସମନ୍ୱୟ ବୈଠକ କରାଯିବା ସହ ହରିନାମ ସଂକୀର୍ତ୍ତନ କରାଯାଇଥିଲା। ଧିରେନ୍ଦ୍ର ନାଥ ସାହୁ, ଗିରିଶ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ ସାହୁ, ନଟବର ସାହୁ, ଅଞ୍ଜନ ସାହୁ, ବଳରାମ ସାହୁ, କ୍ଷୀରୋଦ ସାହୁ ପ୍ରମୁଖ ମେଲଣ କାର୍ଯ୍ୟ ପରିଚାଳନା କରିଥିଲେ। ଉକ୍ତ ମେଲଣରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ସାଲେପୁର ଥାନା ପୁଲିସ ପକ୍ଷରୁ ସୁରକ୍ଷା ରକ୍ଷା କରାଯାଇଥିଲା।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୯୮ ● ପାଉଣ୍ଡ ୧୨୨.୮୬
- ୟୁରୋ ୧୦୭.୧୯ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୫୮,୮୦୦ (ନୂଆଦିଲ୍ଲୀ)
- ରୁପା : ୨,୯୫,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୨୮୭.୦୦
- ନିଫ୍ଟି ୨୫,୧୭୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦




# ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟା


# ଚିନ୍ତା ବଢ଼ାଇଲା ଷ୍ଟ୍ରେଟ୍ ଅଫ୍ ହର୍‌ମୁଜ୍

**ନୂଆଦିଲ୍ଲୀ,୧।୩(ଏଜେନ୍ସି):** ଇରାନ୍ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟା ଲାଗିରହିଛି। ଏହାର ସିଧାସଳଖ ପ୍ରଭାବ ବର୍ତ୍ତମାନ ଭାରତୀୟ କମ୍ପାନୀଗୁଡ଼ିକର ପକେଟ୍‌କୁ ପ୍ରଭାବିତ କରୁଛି। ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ମାର୍ଗଗୁଡ଼ିକ ପ୍ରତି ବିପଦ ସାମଗ୍ରୀ ପରିବହନ ଖର୍ଚ୍ଚକୁ ଦ୍ରୁତ ଗତିରେ ବୃଦ୍ଧି କରୁଛି, ଏହା କମ୍ପାନୀଗୁଡ଼ିକର ବଜେଟ ବ୍ୟାହତ କରୁଛି। ଇରାନ ଏବଂ ଉପସାଗରୀୟ ଦେଶଗୁଡ଼ିକ ମଧ୍ୟରେ କ୍ରମାଗତ ଭାବରେ ବୃଦ୍ଧି ପାଉଥିବା ଉତ୍ତେଜନା ପୁଣି ଥରେ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ମାର୍ଗଗୁଡ଼ିକ ହର୍ମୁଜ୍ ପ୍ରଣାଳୀ ଏବଂ ଲୋହିତ ସାଗର-ସୁଏଜ୍ କେନାଲ ଉପରେ ସଙ୍କଟର ଛାୟା ପକାଇଛି। ଏହି ସମୁଦ୍ର ମାର୍ଗଗୁଡ଼ିକରେ ଯେ କୌଣସି ବାଧା ସିଧାସଳଖ ପରିବହନ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚରେ ଏକ ବୃହତ୍ ବୃଦ୍ଧି ପ୍ରତିପାଦିତ କରୁଛି। ବିଦେଶୀ ବାଣିଜ୍ୟରେ ଏହି ବାଧା ଭାରତୀୟ କମ୍ପାନୀଗୁଡ଼ିକର ଲାଭକୁ ମଧ୍ୟ ଗୁରୁତର ଭାବରେ ପ୍ରଭାବିତ କରିପାରେ।

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଭାରତ ଏବଂ ଇରାନ ମଧ୍ୟରେ ବାଣିଜ୍ୟ ମଧ୍ୟ ପ୍ରଭାବିତ ହେଉଛି, ଯାହା ରପ୍ତାନିକାରୀମାନଙ୍କୁ ବିଳମ୍ବ ଯୋଗୁଁ କ୍ଷତି ପହଞ୍ଚାଉଛି। ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଭାରତୀୟ ରପ୍ତାନିକୁ ପ୍ରଭାବିତ କରିବା ଆରମ୍ଭ କରିଛି, ଜବାହରଲାଲ ନେହେରୁ ବନ୍ଦରରେ ୩୦୦ରୁ ଅଧିକ କଣ୍ଟେନର ଫ୍ରିଜଡ୍ ଖାଦ୍ୟ ଏବଂ ଅନ୍ୟାନ୍ୟ ନଷ୍ଟଶୀଳ ସାମଗ୍ରୀ ଭର୍ତ୍ତି ହୋଇଛି। ରିପୋର୍ଟ ଅନୁଯାୟୀ, ଶନିବାର ଅପରାହ୍ନରେ ଏହି କଣ୍ଟେନରଗୁଡ଼ିକର କ୍ଲିୟରାନ୍ସ ବନ୍ଦ କରାଯାଇଥିଲା, ଯାହା ଫଳରେ ଦୁବାଇ, ଇରାନ, କୁଏତ, ସାରଜାହ ଏବଂ ଦୋହା ପାଇଁ ପଠାଯାଉଥିବା ରପ୍ତାନି ବନ୍ଦରରେ ଅଟକି ରହିଥିଲା। ଏହି କଣ୍ଟେନରରେ ଅଙ୍ଗୁର, ପିଆଜ, ଫଳ ଏବଂ ପନିପରିବା ସହିତ ଫ୍ରିଜଡ୍ ଖାଦ୍ୟ ସାମଗ୍ରୀ ରହିଛି, ଯାହା ରପ୍ତାନିକାରୀଙ୍କ ମଧ୍ୟରେ ବିଳମ୍ବ ଯୋଗୁଁ ସମ୍ଭାବ୍ୟ କ୍ଷତି ବିଷୟରେ ଚିନ୍ତା ସୃଷ୍ଟି କରିଛି।

ଭାରତୀୟ ରପ୍ତାନିକାରୀମାନେ ସାଉଦି ଆରବ, ଇରାନ, ଇରାକ, ୟେମେନ୍, ଜୋର୍ଡାନ, କତାର ଏବଂ






ଓମାନ ସମେତ ଅନେକ ଉପସାଗରୀୟ ଦେଶକୁ ବାସୁମତି ଏବଂ ଅଣ-ବାସୁମତି ଚାଉଳ ପଠାନ୍ତି। ଭାରତର ବାସୁମତି ଚାଉଳ ରପ୍ତାନିର ପ୍ରାୟ ୮୦% ଉପସାଗରୀୟ ଅଞ୍ଚଳକୁ ଯାଏ, କେବଳ ଇରାନ ମୋଟ ବାସୁମତି ରପ୍ତାନିର ପ୍ରାୟ ୩୫% । ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ପାଇବା ସହିତ, ରପ୍ତାନିକାରୀମାନେ ଭୟ କରୁଛନ୍ତି ଯେ ଦୀର୍ଘକାଳୀନ ବାଧା ବାଣିଜ୍ୟ ପ୍ରବାହକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିପାରେ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ବୃଦ୍ଧି କରିପାରେ। ଗୁଜୁରାଟର ମୁନ୍ଦ୍ରା ବନ୍ଦରରେ, ପ୍ରାୟ 2,000 କଣ୍ଟେନର, ମୁଖ୍ୟତଃ ଚାଉଳ କାର୍ଗୋ, ଫସି ରହିଛି। ସୂତ୍ର ଅନୁଯାୟୀ, ଇରାନ ବିବାଦ ଏବଂ ଜାହାଜ ବିଳମ୍ବ ଯୋଗୁଁ ମୁନ୍ଦ୍ରା ବନ୍ଦରରେ

## ଗଲ୍‌ଫରେ ଫଶିରହିଛି ଶହ ଶହ ତୈଳ ଜାହାଜ

## ପରିବହନ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚରେ ତୀବ୍ର ବୃଦ୍ଧି

ପ୍ରାୟ ୨୦୦୦ କଣ୍ଟେନର ଫସି ରହିଛି।

ହର୍ମୁଜ୍ ପ୍ରଣାଳୀ ଏକ ୧୬୭ କିଲୋମିଟର ଲମ୍ବା ଜଳପଥ ଯାହା ପାରସ୍ୟ ଉପସାଗରକୁ ଆରବ ସାଗର ସହିତ ସଂଯୋଗ କରେ। ଏହାର ମୁହାଣ ପ୍ରାୟ ୫୦ କିଲୋମିଟର ଚଉଡା, ଯେତେବେଳେ କି ଏହାର ସଂକୀର୍ଣ୍ଣ ବିନ୍ଦୁ ପ୍ରାୟ ୩୩ କିଲୋମିଟର ଚଉଡା। ଆସୁଥିବା ଏବଂ ବାହାରୁଥିବା ସାମୁଦ୍ରିକ ପରିବହନ ପାଇଁ ୩ କିମିର ଚଉଡା ଜାହାଜ ପଥ ନିର୍ଦ୍ଦିଷ୍ଟ କରାଯାଇଛି। ବିଶ୍ୱର ୨୦% ପେଟ୍ରୋଲିୟମ୍ ଉତ୍ପାଦ ଏହା ଦେଇ ଗତି କରେ। ଇରାନ ବ୍ୟତୀତ, ସାଉଦି ଆରବ, ଇରାକ ଏବଂ କୁଏତ ଭଳି ଦେଶ ମଧ୍ୟ ସେମାନଙ୍କର ରପ୍ତାନି ପାଇଁ ଏହା ଉପରେ ନିର୍ଭର କରନ୍ତି। ଭାରତର ମୋଟ ଅଣ-ତୈଳ ରପ୍ତାନିର ୧୦% ରୁ ଅଧିକ ଏହି ମାର୍ଗ ଦେଇ ଯୋଗାଣ କରାଯାଏ। ଏଥିରେ ବାସମତୀ ଚାଉଳ, ଚା, ମସଲା ଏବଂ ଇଞ୍ଜିନିୟରିଂ ସାମଗ୍ରୀ ଅନ୍ତର୍ଭୁକ୍ତ। ପ୍ରତିଦିନ, ପ୍ରାୟ ୧୭.୮ ନିୟୁତ ରୁ ୨୦.୮ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ଏବଂ ଇନ୍ଧନ ଏହି ରାସ୍ତା ଦେଇ ଯାତାୟାତ କରେ। ଇରାନ ନିଜେ ଏହି ରାସ୍ତା ଦେଇ ପ୍ରତିଦିନ ୧.୭ ନିୟୁତ ବ୍ୟାରେଲ ପେଟ୍ରୋଲିୟମ ରପ୍ତାନି କରେ। ଯେତେବେଳେ ଏହି ବିଶ୍ୱ ଜଳପଥଗୁଡ଼ିକ ଉପରେ ସୁରକ୍ଷା ବିପଦ ବୃଦ୍ଧି ପାଏ, ପ୍ରଥମ ପ୍ରଭାବ ହେଉଛି ମାଲ ପରିବହନ ଏବଂ ବୀମାର ଆକାଶଛୁଆଁ ଖର୍ଚ୍ଚ। ବିମାନ ଚଳାଚଳ, ଲଜିଷ୍ଟିକ୍ସ, ରଙ୍ଗ ଏବଂ ରାସାୟନିକ ପଦାର୍ଥ ଭଳି ପ୍ରମୁଖ ଶକ୍ତି-ନିର୍ଭରଶୀଳ କ୍ଷେତ୍ରଗୁଡ଼ିକ ଲାଭ ବୃହତ୍ ଚାପର ସମ୍ମୁଖୀନ ହେବାର ଆଶା କରାଯାଉଛି। ବିପରୀତରେ, ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ସିଧାସଳଖ ତୈଳ ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ ଲାଭ ଦେଇପାରେ। ଯଦି ଏହି ଉତ୍ତେଜନା ଶୀଘ୍ର ହ୍ରାସ ନ ପାଏ, ତେବେ ସରକାରଙ୍କୁ ଘରୋଇ ଅର୍ଥନୀତିକୁ ସମର୍ଥନ କରିବା ପାଇଁ ସାମାଜିକ କାର୍ଯ୍ୟକ୍ରମ ଏବଂ ସବ୍‌ସିଡି ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ, ଯାହା ସରକାରୀ ରାଜକୋଷ ଉପରେ ଅତିରିକ୍ତ ଚାପ ପକାଇବ।

୨୦୨୩ ଶେଷରେ ଲାଲ ସାଗରରେ ବାଣିଜ୍ୟ ଜାହାଜ ଉପରେ ହୁଥି ବିଦ୍ରୋହୀଙ୍କ ଆକ୍ରମଣ ଦର୍ଶାଏ ଯେ ପରିସ୍ଥିତି କେତେ ଶୀଘ୍ର ଖରାପ ହୋଇପାରେ। ଆଇସିଆର୍‌ଏ ରିପୋର୍ଟ ଅନୁଯାୟୀ, ବିଶ୍ୱ ବାଣିଜ୍ୟର ପ୍ରାୟ ୧୨% ସୁଏଜ୍ କେନାଲ ଦେଇ ଗତି କରେ। ଏହି ମାର୍ଗ କେପ୍ ଅଫ୍ ଗୁଡ୍ ହୋପ୍ (ଆଫ୍ରିକୀୟ ମାର୍ଗ) ତୁଳନାରେ ଭାରତର ପଶ୍ଚିମ ଉପକୂଳରୁ ୟୁରୋପକୁ ଦୂରତା ପ୍ରାୟ ୧୫ ଦିନ ହ୍ରାସ କରେ। ଆକ୍ରମଣ ଭୟରେ, ଅଧିକାଂଶ ବିଶ୍ୱ ପରିବହନ କମ୍ପାନୀଗୁଡ଼ିକ ଲାଲ ସାଗର ମାର୍ଗ ପରିତ୍ୟାଗ କରି ଦୀର୍ଘ ଆଫ୍ରିକୀୟ ମାର୍ଗ ବାଛିଲେ, କିଛି ମାସ ମଧ୍ୟରେ ମାଲ ପରିବହନ ହାର ୧୨୦% ଅଧିକ ବୃଦ୍ଧି ପାଇଲା। ଭାରତର ୟୁରୋପ, ଉତ୍ତର ଆଫ୍ରିକା ଏବଂ ଆମେରିକା ସହିତ ବାଣିଜ୍ୟ, ଯାହା ଏହାର ମୋଟ ବୈଦେଶିକ ବାଣିଜ୍ୟର ୩୫ ପ୍ରତିଶତରୁ ଅଧିକ ଅଟେ, ଏହି ମାର୍ଗ ଉପରେ ନିର୍ଭର କରେ। ଏହି ମାର୍ଗର ଲମ୍ବା ହେବା ଫଳରେ ଇନ୍ଧନ ବ୍ୟବହାର ବୃଦ୍ଧି ପାଇଲା ଏବଂ ବୀମା ପ୍ରିମିୟମ୍ ବୃଦ୍ଧି ପାଇଲା, ଯାହା ଫଳରେ କମ୍ପାନୀଗୁଡ଼ିକର ଜମି ଖର୍ଚ୍ଚରେ ତୀବ୍ର ବୃଦ୍ଧି ଘଟିଲା।

# ଆମେରିକାର ଇରାନ ଆକ୍ରମଣ ପ୍ଲାନ୍ ଲିକ୍

## ରାତାରାତି ହୋଇଗଲା ୪୮୦୦ କୋଟିର ଖେଳ !

**ନୂଆଦିଲ୍ଲୀ,୧।୩(ଏଜେନ୍ସି):** ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍‌ର ଆକ୍ରମଣ ଯୋଜନା ଲିକ୍ ହୋଇଛି। ଇରାନ୍ ଉପରେ କ୍ଷେପଣାସ୍ତ୍ର ମାଡ଼ ହେବାର କିଛି ଘଣ୍ଟା ପୂର୍ବରୁ ସଟ୍ଟାବାଜ୍‌ମାନଙ୍କୁ ଏହି ଖବର ଜଣାଥିଲା। କାରଣ ସଟ୍ଟାବାଜମାନେ 'ପଲିମାର୍କେଟ" ଭଳି ପ୍ଲାଟଫର୍ମରେ ଆକ୍ରମଣ କୁ ନେଇ ୪୮ ବିଲିୟନ ବା ୪୮୦୦ କୋଟି ଟଙ୍କା ଟଙ୍କା ନିବେଶ କରିଥିଲେ। ଏହି ଘଟଣା ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି ଯେ, ସତରେ କ'ଣ: ଆକ୍ରମଣ ବିଷୟରେ ସଟ୍ଟାବାଜ୍‌ଙ୍କୁ ଆଗୁଆ ଗୁପ୍ତ ସୂଚନା ଲିକ୍ ହୋଇଯାଇଥିଲା।

ଇରାନ ଉପରେ ସାମ୍ପ୍ରତିକ ଆମେରିକାର ଆକ୍ରମଣ ପୁଣି ଥରେ ଏହି 'ପୂର୍ବାନୁମାନ ବଜାର' ର ପ୍ରକୃତ ସ୍ୱରୂପକୁ ପ୍ରକାଶ କରିଛି। ଫେବୃଆରୀ ୨୮ରେ ଆମେରିକା ଇରାନ ଉପରେ ବୋମା ମାଡ଼ କରିବା ଆରମ୍ଭ କରିବା ମାତ୍ରେ, ପଲିମାର୍କେଟ ଏବଂ କାଲସି ଭଳି ଅନଲାଇନ୍ ବାଜି ପ୍ଲାଟଫର୍ମରେ ଟଙ୍କାର ବନ୍ୟା ଦେଖିବାକୁ ମିଳିଲା। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, କେବଳ ପଲିମାର୍କେଟରେ ସବୁଠାରୁ ବଡ଼ ଚୁକ୍ତିନାମାରେ ୯୦ ନିୟୁତ ଡଲାର (ପ୍ରାୟ ୭୫୦ କୋଟି ଟଙ୍କା)ର ଏକ ବଡ଼ କାରବାର ହୋଇଥିଲା। ଏଥିରେ ପ୍ରଶ୍ନ ଉଠୁଛି ଯେ, ଆମେରିକୀୟ ସାମରିକ ଗୁପ୍ତ ସୂଚନା ପୂର୍ବରୁ ଲିକ୍ ହୋଇଥିଲା କି। ଡାଟା ଆନାଲିଟିକ୍ସ ଫାର୍ମ ବବଲମ୍ୟାପ୍ସ ଏକ ଆଶ୍ଚର୍ଯ୍ୟଜନକ ପ୍ରକାଶ କରିଛି। ଫାର୍ମ ଅନୁଯାୟୀ,

### ବୋମାମାଡ଼ ଉପରେ ସଟ୍ଟା ବଜାରରେ ଲାଗିଥିଲା ବାଜି

ଫେବୃଆରୀରେ ପଲିମାର୍କେଟରେ ୬ଟି ନୂତନ ଆକାଉଣ୍ଟ ସୃଷ୍ଟି ହୋଇଥିଲା। ଏହି ଆକାଉଣ୍ଟଗୁଡ଼ିକ କେବଳ ସମ୍ଭାବ୍ୟ ଆମେରିକୀୟ ଆକ୍ରମଣର ତାରିଖ ଉପରେ ବାଜି ଲଗାଇଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ, ଏହି ବାଜିଗୁଡ଼ିକ ମଧ୍ୟରୁ କିଛି ତେହେରାନରେ ବୋମା ପଡ଼ିବାର କିଛି ଘଣ୍ଟା ପୂର୍ବରୁ ରଖାଯାଇଥିଲା ଏବଂ ଏହି ୬ଟି ଆକାଉଣ୍ଟ ମିଳିତ ଭାବରେ ପ୍ରାୟ ୧ ନିୟୁତ ଡଲାର ଲାଭ କରିଥିଲା। ଫେବୃଆରୀ ୨୮ ର ଏକ କଣ୍ଟ୍ରାକ୍ଟରେ ଏପରି ୨୬,୫୧୩ ଡଲାର ବାଜି ଲଗାଇଥିବା ବ୍ୟକ୍ତିଙ୍କୁ ଗୋଟିଏ ଝଟକାରେ ୧୭୪,୦୦୦ ଡଲାରରୁ ଅଧିକ ରୋଜଗାର କରିଥିଲେ। ପଲିସାଇଟ୍ସର ଜାନୁଆରୀ ରିପୋର୍ଟ ସୂଚିତ କରେ ଯେ ମାର୍ଚ୍ଚ ଶେଷ ସୁଦ୍ଧା ଇରାନର ସର୍ବୋଚ୍ଚ ନେତା ଅଲି ଖାମେନିଙ୍କୁ କ୍ଷମତାରୁ ହଟାଇବା ପାଇଁ ଭାରୀ ବାଜି ଲଗାଯାଇଥିଲା। ସଟ୍ଟା ବଜାର ତାଙ୍କ କ୍ଷମତାଚ୍ୟୁତ ହେବାର ୪୦% ସମ୍ଭାବନା ସ୍ଥିର କରିଥିଲା ଏବଂ ଏଥିରେ ନିବେଶ କରୁଥିବା ୯୦% ଆକାଉଣ୍ଟ ସନ୍ଦେହଜନକ ଥିଲା। ଜାନୁଆରୀରେ ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଗିରଫ କରାଯିବା ପରେ ସଟ୍ଟାର ଏକ ସମାନ, ଆଶ୍ଚର୍ଯ୍ୟଜନକ ଧାରା ଦେଖିବାକୁ ମିଳିଥିଲା। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ପଲିମାର୍କେଟରେ ବର୍ତ୍ତମାନ ନୂତନ କଣ୍ଟ୍ରାକ୍ଟ ଖୋଲିବାରେ ଲାଗିଛି। ଲୋକମାନେ ଏହି ପ୍ରସଙ୍ଗରେ ବାଜି ଲଗାଉଛନ୍ତି ଯେ ଚଳିତ ସପ୍ତାହରେ କୌଣସି ଉପସାଗରୀୟ ଦେଶ ଇରାନ ଉପରେ ଆକ୍ରମଣ କରିବ କି ଆମେରିକା ମାର୍ଚ୍ଚ ସୁଦ୍ଧା ଇରାକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

# ଭାରତରୁ ଲଣ୍ଡନ-ନ୍ୟୁୟର୍କ ବିମାନ ଭଡ଼ା ଆକାଶଛୁଆଁ

**ନୂଆଦିଲ୍ଲୀ,୧।୩(ଏଜେନ୍ସି):** ୟୁଏଇରେ ବୃଦ୍ଧି ପାଉଥିବା ସାମରିକ ଉତ୍ତେଜନା ଏବଂ ଇରାନ-ଇସ୍ରାଏଲ ବିବାଦ ପରେ ଦୁବାଇର ପ୍ରମୁଖ ବିମାନବନ୍ଦର ବନ୍ଦ ହେବା ବିଶ୍ୱ ବିମାନ ନେଟୱାର୍କକୁ ପ୍ରଭାବିତ କରିଛି। ଭାରତରୁ ଲଣ୍ଡନ ଏବଂ ନ୍ୟୁୟର୍କକୁ ନନଷ୍ଟପ୍ ବିମାନର ଭଡା ରେକର୍ଡ ସ୍ତରରେ ପହଞ୍ଚିଛି, ଯେତେବେଳେ ଅନେକ ଆନ୍ତର୍ଜାତୀୟ ବିମାନ ବାତିଲ କରାଯାଇଛି। ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ସାମରିକ ଉତ୍ତେଜନାର ପ୍ରଭାବ ବର୍ତ୍ତମାନ ସାଧାରଣ ଯାତ୍ରୀଙ୍କ ପକେଟ ଉପରେ ସିଧାସଳଖ ପ୍ରଭାବ ପକାଉଛି।

ୟୁଏଇ ସମେତ ଉପସାଗରୀୟ ଅଞ୍ଚଳରେ ଆକ୍ରମଣ ପରେ ଦୁବାଇର ଦୁଇଟି ପ୍ରମୁଖ ବିମାନବନ୍ଦର, ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଅଲ୍ ମାକତୁମ୍ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛି। ଦୁବାଇକୁ ବିଶ୍ୱବ୍ୟାପୀ ସଂଯୋଗକାରୀ ବିମାନ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ବିବେଚନା କରାଯାଏ, ତେଣୁ ଏହାର ବନ୍ଦ ହେବା ବିଶ୍ୱ ଯାତ୍ରା ନେଟୱାର୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଘାତ। ଭାରତୀୟ ଯାତ୍ରୀମାନେ ପ୍ରାୟତଃ ଦୁବାଇ କିମ୍ବା ଅନ୍ୟ ଉପସାଗରୀୟ ହବ୍ ଦେଇ ୟୁରୋପ ଏବଂ ଉତ୍ତର ଆମେରିକାକୁ ଏକ-ଷ୍ଟପ୍ ବିମାନ ନିଅନ୍ତି। ଏହି ହବ୍ ରୁ ଟିକେଟ୍ ଅପେକ୍ଷାକୃତ ଶସ୍ତା ଥିଲା ଏବଂ ସିଟ୍ ସହଜରେ ଉପଲବ୍ଧ ଥିଲା। ତଥାପି, ଦୁବାଇ ହବ୍ ବନ୍ଦ ହେବା ଏହି ସମଗ୍ର ବ୍ୟବସ୍ଥାକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ଫଳସ୍ୱରୂପ, ଭାରତରୁ ଲଣ୍ଡନ ଏବଂ ନ୍ୟୁୟର୍କ ଭଳି ଗନ୍ତବ୍ୟସ୍ଥଳକୁ ସିଧାସଳଖ ବିମାନର ଚାହିଦା ହଠାତ୍ ବୃଦ୍ଧି ପାଇଛି, ଏବଂ ଭଡା ରେକର୍ଡ ସ୍ତରରେ ପହଞ୍ଚିଛି। କେବଳ ଇକୋନୋମି ନୁହେଁ, ପ୍ରିମିୟମ୍ ଏବଂ ପ୍ରଥମ ଶ୍ରେଣୀ ଭଡ଼ାରେ ମଧ୍ୟ ତୀବ୍ର ବୃଦ୍ଧି ଦେଖାଯାଇଛି। ମୁମ୍ବାଇରୁ ଲଣ୍ଡନକୁ ସିଧାସଳଖ ବିମାନରେ ପ୍ରଥମ ଶ୍ରେଣୀ ଭଡ଼ା ୧ ଲକ୍ଷରୁ ଅଧିକ ଟଙ୍କାରେ ପହଞ୍ଚିଛି। ଏହି ସମୟରେ, ଏୟାର ଇଣ୍ଡିଆ ଦିଲ୍ଲୀ, ମୁମ୍ବାଇ ଏବଂ ଅମୃତସରରୁ ଲଣ୍ଡନ, ନ୍ୟୁୟର୍କ, ଚିକାଗୋ ଏବଂ ଫ୍ରାଙ୍କଫର୍ଟ ଭଳି ସହରକୁ ଅନେକ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ବାତିଲ ଘୋଷଣା କରିଛି।

# ଓପେକ୍ ପ୍ଲସ୍‌ର ବଡ଼ ନିଷ୍ପତ୍ତି; ବଢ଼ାଇବେ ତୈଳ ଉତ୍ପାଦନ

**ବଗଦାଦ,୧।୩(ଏଜେନ୍ସି):** ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଓପେକ୍ ପ୍ଲସ୍ ଦେଶଗୁଡିକ ଉତ୍ପାଦନ ବଢାଇବାକୁ ନିଷ୍ପତ୍ତି ନେଇଛନ୍ତି। ତୈଳ ଉତ୍ପାଦକଙ୍କ ଏହି ରାଷ୍ଟ୍ର ସମୂହ ରବିବାର ଧାର୍ଯ୍ୟ କରିଛନ୍ତି ଯେ ଉତ୍ପାଦନକୁ ଅନୁମାନଠାରୁ ଅଧିକ ବୃଦ୍ଧି କରାଯିବ। ଓପିଇସି ପ୍ଲସ୍ ର ଭଲେଣ୍ଟ୍ରି ଏଇଟ୍ (ଭି-୮) ସମୂହ ଯେଉଁଥିରେ ସାଉଦୀ ଆରବ, ଋଷିଆ, କ୍ୱେତ, ଓମାନ, ଇରାକ ଓ ୟୁଏଇ ଭଳି ବଡ଼ ତୈଳ ଉତ୍ପାଦକ ଦେଶ ଅଛନ୍ତି। ଏମାନେ ଦୈନିକ ୨.୦୬ଲକ୍ଷ ବ୍ୟାରଲ ତୈଳ ଉତ୍ପାଦନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ଏହି ନିଷ୍ପତ୍ତି ଏପ୍ରିଲ ମାସରୁ କାର୍ଯ୍ୟକାରୀ ହେବ। ବରଂ ବୈଶ୍ୱିକ ଅର୍ଥ ବ୍ୟବସ୍ଥାର ସ୍ଥିର ସ୍ଥିତି ଓ ମଜଭୁତ ବଜାର ଚାହିଦାକୁ କାରଣ ବୋଲି କୁହାଯାଇଛି। ହେଲେ ଏହା ପୂର୍ବରୁ ବିଶେଷଜ୍ଞ ଦୈନିକ ଉତ୍ପାଦନ ୧.୩୭ଲକ୍ଷ ବ୍ୟାରଲ ହେବ ବୋଲି ଅନୁମାନ କରିଥିଲେ। ତେବେ ଶକ୍ତି ବିଶ୍ଳେଷକ ଜର୍ଜ ଲିୟୋନ କହିଛନ୍ତି ଯେ ଉତ୍ପାଦନରେ ବୃଦ୍ଧି ସତ୍ତ୍ୱେ ଯୁଦ୍ଧ ଯୋଗୁ ତେଲ ଦରରେ ହେବାକୁ ଥିବା ବୃଦ୍ଧିକୁ ରୋକାଯାଇପାରିବନି। କାରଣ ଏଠାରେ ସବୁଠୁ ବଡ଼ ଚିନ୍ତାର କାରଣ ହେଉଛି ଷ୍ଟ୍ରେଟ୍ ଅଫ ହରମୁଜ ।

# ବେଦାନ୍ତ ଆଲୁମିନିୟମ ସମର୍ଥିତ ଝୋଟ ପ୍ରକ୍ରିୟାକରଣ କେନ୍ଦ୍ରର ଶୁଭାରମ୍ଭ



**ଭୁବନେଶ୍ୱର,୧।୩(ସମିସ):** ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାର କେଲେଣ୍ଡାମାଲ ଗ୍ରାମରେ ଏକ ଝୋଟ ପ୍ରକ୍ରିୟାକରଣ କେନ୍ଦ୍ର ଉଦଘାଟନ କରିଛି, ଯାହା ମହିଳାମାନଙ୍କ ଲାଗି ନୂଆ ଜୀବିକା ସୃଷ୍ଟିରେ ସହାୟକ ହେବ। ଏହା ଶୁଭଲକ୍ଷ୍ମୀ ସମବାୟ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରକଳ୍ପ ଅଧୀନରେ କାର୍ଯ୍ୟକାରୀ ହେବ। ସଦସ୍ୟମାନଙ୍କୁ ଝୋଟ ଉତ୍ପାଦ ଉତ୍ପାଦନ, ପରିବେଶ ଅନୁକୂଳ ସାମଗ୍ରୀ ପ୍ରୋତ୍ସାହନ ଓ ମହିଳା ନେତୃତ୍ୱାଧୀନ ବ୍ୟବସାୟକୁ ସମର୍ଥନ କରିବ। କେଲେଣ୍ଡାମାଲ ଗ୍ରାମର ସରପଞ୍ଚ ସୁଶ୍ରୀ ସୁଶ୍ରିତା ନାୟକଙ୍କ ଦ୍ୱାରା ଶୁଭଲକ୍ଷ୍ମୀ ସମବାୟର ସଭାପତି ଶ୍ରୀମତି ପଙ୍କଜିନି ଓରାମ ଓ ବେଦାନ୍ତ ଆଲୁମିନିୟମର ସିଏସଆର ମୁଖ୍ୟ ହରମୀତ ସେରାଙ୍କ ଉପସ୍ଥିତିରେ ଏହି କେନ୍ଦ୍ରର ଉଦଘାଟନ କରାଯାଇଥିଲା। ଏହି ପଦକ୍ଷେପର ପ୍ରଭାବ ଉପରେ ଆଲୋକପାତ କରି ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି ଚନ୍ଦ୍ରୁ କହିଛନ୍ତି ଯେ ନିରନ୍ତର ବିକାଶ ପାଇଁ ପରିବେଶଗତ ଦାୟିତ୍ୱ ସହ ଆର୍ଥିକ ସୁଯୋଗ ସନ୍ତୁଳନତା ଆବଶ୍ୟକ।

# ଶାମୁକା ପ୍ରକଳ୍ପ ହେଲେ ନୂଆ ସହର ସୃଷ୍ଟି ହେବ

**ପୁରୀ,୧।୩(ସମିସ):** ଓଡ଼ିଶା ପାଇଁ ନୂଆ ସ୍ୱପ୍ନ। ପୁରୀ କିମ୍ବା ଗୋପାଳପୁରରେ ଡିଜ୍‌ନୀ ୱାର୍ଲ୍ଡ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଉଛି ହୋଟେଲ ଆଣ୍ଡ ରେଷ୍ଟୋରାଁ ଆସୋସିଏସନ୍। ପୁରୀରେ ହୋଟେଲ୍ ଆଣ୍ଡ ରେଷ୍ଟୋରାଁ ଆସୋସିଏସନ ଅଫ୍ ଓଡ଼ିଶା(ହାରୋ)ର ୪୦ତମ ବାର୍ଷିକୋତ୍ସବକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ପୁରୀରେ ୧,୫୦୦ ଏକର ଜମିରେ ଶାମୁକା ପ୍ରକଳ୍ପ ହେବ। ସେଠାରେ କ୍ରୁଜ୍ ଟୁରିଜିମ୍ କରାଯିବ। ଶାମୁକା ପ୍ରକଳ୍ପ ହେଲେ ଏକ ନୂଆ ସହର ସୃଷ୍ଟି ହେବ। ହାରୋ ପକ୍ଷରୁ ରଖାଯାଇଥିବା ଦାବିକୁ ସରକାର ହୃଦୟଙ୍ଗମ କରିବା ସହ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଅନେକ ଯୋଜନା କରିଛନ୍ତି। ଖୁବ୍‌ଶୀଘ୍ର ଶାମୁକା ପ୍ରକଳ୍ପକୁ ତ୍ୱରାନ୍ୱିତ କରାଯାଇ କ୍ରୁଜ ଟର୍ମିନାଲ୍ ପ୍ରତିଷ୍ଠା ପାଇଁ



ସରକାର ପଦକ୍ଷେପ ନେଉଥିବା ବେଳେ ଏହା ସମସ୍ତଙ୍କୁ ଆକର୍ଷିତ କରିବ ବୋଲି ଉପମୁଖମନ୍ତ୍ରୀ ପରିଡ଼ା ମତ ରଖିଥିଲେ। ଆଗାମୀ ଦିନରେ ରାଜ୍ୟରେ ପର୍ଯ୍ୟଟକଙ୍କ ଅଭିବୃଦ୍ଧି ପାଇଁ ଡିଜ୍‌ନୀ ୱାର୍ଲ୍ଡ ଭଳି ପ୍ରକଳ୍ପ ପ୍ରତିଷ୍ଠା ନେଇ ସରକାର ପଦକ୍ଷେପ ନେବା ଲାଗି ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଥିଲା। ସେହିପରି ପୁରୀରେ ସିନେମା ହଲ୍ ପ୍ରତିଷ୍ଠା ସହ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବିକାଶ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ହାରୋର ପ୍ରତିଷ୍ଠାତା ସଦସ୍ୟ ଓ ସେମାନଙ୍କ ପରିବାରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ବାର୍ଷିକୋତ୍ସବରେ ଅନ୍ୟତମ ଅତିଥି ଭାବେ ପୁରୀ ସାଂସଦ ଡା. ସମ୍ବିତ ପାତ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ହାରୋର ସଭାପତି ଜେ.କେ. ମହାନ୍ତି, ଉପସଭାପତି ରାଜକିଶୋର ପାତ୍ର ପ୍ରମୁଖ ଯୋଗଦେଇଥିବାବେଳେ ରାଜ୍ୟରେ ହାରୋ ସହ ଯୋଡିହୋଇଥିବା

### ହାରୋର ୪୦ତମ ବାର୍ଷିକୋତ୍ସବ

### ଓଡ଼ିଶାରେ ଡିଜ୍‌ନୀ ୱାର୍ଲ୍ଡ ପାଇଁ ପ୍ରସ୍ତାବ ଦେଇଛି ହାରୋ

ସମସ୍ତ ହୋଟେଲିୟର ଉପସ୍ଥିତ ଥିଲେ। ମାତ୍ର ୧୯ ଜଣ ହୋଟେଲିୟରଙ୍କୁ ନେଇ ଆରମ୍ଭ ହୋଇଥିବା ହାରୋ ସଦସ୍ୟ ସଂଖ୍ୟା ୩୮୮ରେ ପହଞ୍ଚିଛି। ଶାମୁକା ପ୍ରକଳ୍ପ ତଥା ନୂଆ ପର୍ଯ୍ୟଟନ ପଲିସି ଦ୍ୱାରା ରାଜ୍ୟରେ ହୋଟେଲ ଓ ଆବଶ୍ୟକ ରୁମ୍ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବ।

# ଏକାଥରକେ ବୁଡ଼ିଗଲା ୧୨୮ ବିଲିୟନ ଡଲାର

**ନୂଆଦିଲ୍ଲୀ,୧।୩(ଏଜେନ୍ସି):** ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ପରେ କ୍ରିପ୍ଟୋକରେନ୍ସି ବଜାରରେ ତ୍ରାହି ତ୍ରାହି ଡାକ ପଡ଼ିଯାଇଛି। ଏଥିଯୋଗୁ ବଜାରରେ ବଡ଼ ହ୍ରାସ ହୋଇଛି। ଯୁଦ୍ଧ ଘନେଇବା ପରେ ରିସ୍କ ଓ ସେନସିଟିଭ୍ ମାର୍କେଟ୍‌ରୁ ନିବେଶକ ପଛକୁ ହଟିଯାଇଛନ୍ତି। ନ୍ୟୁୟର୍କରେ ସକାଳ ୬ଟା ସୁଦ୍ଧା ବିଟ୍ କଏନ୍ ଅଳ୍ପ ସମୟ ପାଇଁ ୩.୮% ହ୍ରାସ ପାଇ ୬୩,୦୩୮ ଡଲାରରେ ପହଞ୍ଚିଥିଲା। ବଜାର ମୂଲ୍ୟ ଅନୁସାରେ ଦ୍ୱିତୀୟ ସର୍ବବୃହତ କ୍ରିପ୍ଟୋକରେନ୍ସି ଇଥର, ୪.୫% ହ୍ରାସ ପାଇ ୧,୮୩୬ ଡଲାରରେ ପହଞ୍ଚିଥିଲା। କଏନଗେକୋରୁ ମିଳିଥିବା ତଥ୍ୟ ଅନୁସାରେ, ତୁରନ୍ତ ପରବର୍ତ୍ତୀ ସମୟରେ ମୋଟ ଡିଜିଟାଲ୍ ସମ୍ପତ୍ତି ବଜାରରୁ ପ୍ରାୟ ୧୨୮ ଡଲାର ବିଲିୟନ ଉଡିଯାଇଥିଲା। ଆକ୍ରମଣ ଆରମ୍ଭ ହେବା ପରେ ତେହେରାନରେ ବିସ୍ଫୋରଣ ଖବର ମିଳିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନବାସୀଙ୍କୁ ସାମରିକ ଅଭିଯାନ ଶେଷ ହେବା ପରେ ସେମାନଙ୍କର ସରକାର ବଦଳାଇବାକୁ ଆହ୍ୱାନ ଦେଇଥିଲେ। ଯୁଦ୍ଧ ସ୍ଥିତି ଘନେଇବାରୁ ନିବେଶକମାନେ ରିସ୍କ ମାର୍କେଟରୁ ବାହାରି ସୁନା ଭଳି ସୁରକ୍ଷିତ ମାର୍କେଟରେ ନିବେଶ କରିଥିଲେ। ଫଳରେ ବିଟକଏନ ମାର୍କେଟ୍ ଏତେବଡ଼ ହ୍ରାସ ଘଟିଥିଲା।

### ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଥରିଲା କ୍ରିପ୍ଟୋକରେନ୍ସି ବଜାର





# ଜଳୁଛି ମଧ୍ୟପ୍ରାଚ୍ୟ



## ଖାମନେଇଙ୍କ ହତ୍ୟା

# ବିଶ୍ୱବ୍ୟାପୀ ନିନ୍ଦା; ବିକ୍ଷୋଭ ପ୍ରଦର୍ଶନ

ଇରାନର ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ହତ୍ୟା କରିବାକୁ ନେଇ ଆମେରିକା ଏବଂ ଇସ୍ରାଏଲକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଛି। ଇରାନ ରାଷ୍ଟ୍ରପତି ମାସୁଦ ପେଜସକିଆନ କହିଛନ୍ତି ଯେ ନେତାଙ୍କ ହତ୍ୟା କରି ମୁସଲମାନଙ୍କ ବିରୋଧରେ ଖୋଲା ଯୁଦ୍ଧ ଘୋଷଣା କରାଯାଇଛି। ଏହି ଦୁଃଖଦ ଘଟଣା ଆଜି ଇସଲାମିକ ବିଶ୍ୱ ସାମ୍ନା କରୁଥିବା ସବୁଠାରୁ ବଡ଼ ପରୀକ୍ଷା ପାଲଟିଛି। ଆମେରିକା ଏବଂ ଇସ୍ରାଏଲ ଜଘନ୍ୟ ହତ୍ୟା କରିଛନ୍ତି। ସମ୍ପୂର୍ଣ୍ଣ ସାମର୍ଥ୍ୟର ସହ ଇରାନ ଏହାର ଜବାବ ଦେବ। ଇରାନ ଦୃଢ଼ ଭାବରେ ଠିଆ ହୋଇଛି। ଜନତା ଏବଂ ସହଯୋଗୀଙ୍କ ସମର୍ଥନରେ ଦେଶ ଆଗକୁ ବଢ଼ିବ। ନେତାଙ୍କ ରକ୍ତ ଅତ୍ୟାଚାର ଏବଂ ଅନ୍ୟାୟ ବିରୁଦ୍ଧରେ ଲଢ଼ିବାକୁ ଶକ୍ତି ଯୋଗାଇବ।

ରୁଷ୍, ଚୀନ୍, ଜର୍ମାନୀ, ଓମାନ ଆଦି ଦେଶ ମଧ୍ୟ ଏଭଳି କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛନ୍ତି। ଏହାକୁ ବିରୋଧ କରି ଅନେକ ଦେଶରେ ସିଆ ସମ୍ପ୍ରଦାୟର ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭାରତରେ ମଧ୍ୟ ଏଥିରୁ ବାଦ ପଡ଼ି ନାହିଁ। ଜମ୍ମୁ-କଶ୍ମୀରର ଶ୍ରୀନଗର, ବଡ଼ଗାମ, ବାନ୍ଦିପୋରା, ଅନନ୍ତନାଗ, ପୁଲୱାମା, ଉତ୍ତର ପ୍ରଦେଶର ଲକ୍ଷ୍ନୌ, ସମ୍ବଲ, ବିହାରର ପାଟନା, କର୍ଣ୍ଣାଟକ, ନୂଆଦିଲ୍ଲୀ ଆଦିରେ ମୁସଲିମ ସମ୍ପ୍ରଦାୟର ଲୋକେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନୂଆଦିଲ୍ଲୀରେ ମହମବତୀ ଶୋଭାଯାତ୍ରା କରି ଶୋକ ମନାଇଛନ୍ତି। କଂଗ୍ରେସ ପକ୍ଷରୁ ଆନୁଷ୍ଠାନିକ ବୟାନ ଜାରି କରି ଖାମନେଇଙ୍କ ଉପରେ ଆକ୍ରମଣକୁ ନିନ୍ଦା କରାଯାଇଛି। ରାଜସ୍ଥାନ ଆଜମେରରେ ତିନି ଦିନିଆ ଶୋକ ଘୋଷଣା କରାଯାଇଛି।

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ କହିଛନ୍ତି ଯେ ଖାମନେଇ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ହତ୍ୟା ଅତ୍ୟନ୍ତ ନିନ୍ଦନୀୟ। ଏହା ମାନବିକତା, ନୈତିକତା ଏବଂ ଅନ୍ତର୍ଜାତୀୟ ନିୟମକୁ ଉଲ୍ଲଙ୍ଘନ କରୁଛି। ଖାମନେଇଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରି ଇରାନ ରାଷ୍ଟ୍ରପତି ମାସୁଦ ପେଜସକିଆନଙ୍କୁ ପୁତିନ ଚିଠି ଲେଖିଛନ୍ତି। ଦୁଇ ଦେଶରେ ସମ୍ବନ୍ଧକୁ ମଜବୁତ କରିବାରେ ଖାମନେଇଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ରୁଷ ସର୍ବଦା ମନେ ରଖିବ ବୋଲି କୁହାଯାଇଛି। ସେହିପରି ଗଲ୍ଫ କୋଅପରେସନ କାଉନସିଲ (ଜିସିସି)ର ବୈଦେଶିକ ମନ୍ତ୍ରୀମାନେ ଭିଡିଓ କନଫରେନ୍ସ ମାଧ୍ୟମରେ ଜରୁରୀ ବୈଠକ କରିଛନ୍ତି। ୨୭ ସଦସ୍ୟ ବିଶିଷ୍ଟ ୟୁରୋପୀୟ ସଂଘ ମଧ୍ୟ ଜରୁରୀ ବୈଠକ କରି ସ୍ଥିତି ଉପରେ ଆଲୋଚନା କରିଛି।

ଚୀନ ହତ୍ୟାକୁ ଦୃଢ଼ ନିନ୍ଦା କରିଛି। ଆକ୍ରମଣ କରି ଇରାନର ସାର୍ବଭୌମତ୍ୱ, ସୁରକ୍ଷା, ମିଳିତ ଜାତିସଂଘର ଚାର୍ଟାର ଏବଂ ଅନ୍ତର୍ଜାତୀୟ ସମ୍ପର୍କର ସାଧାରଣ ନିୟମକୁ ଉଲ୍ଲଙ୍ଘନ କରାଯାଇଛି। ତୁରନ୍ତ ଅସ୍ତ୍ରବିରତି ପାଇଁ ଚୀନ୍ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଦାବି କରାଯାଇଛି। ଜର୍ମାନୀ ଚାନସେଲର ଫ୍ରେଡରିକ ମର୍ଜ କହିଛନ୍ତି ଯେ ନିଜ ଭାଗ୍ୟ ନିର୍ଦ୍ଧାରଣ କରିବାର ସମ୍ପୂର୍ଣ୍ଣ ଅଧିକାର ଇରାନ ଲୋକଙ୍କର ଅଛି। ଏହି ସମୟରେ ଆମେରିକା, ଇସ୍ରାଏଲ ଏବଂ ଅଞ୍ଚଳର ଅନ୍ୟ ସହଯୋଗୀମାନଙ୍କ ସହ ଜର୍ମାନୀ ଯୋଗାଯୋଗରେ ଅଛି। ସରକାର ଏହି ଅଞ୍ଚଳରେ ଶାନ୍ତି ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ସେହିପରି ଓମାନ ବିଦେଶ ମନ୍ତ୍ରୀଲ କହିଛନ୍ତି ଯେ ଜାରି ସକ୍ରିୟ ଆଲୋଚନାକୁ ଆଉ ଥରେ ବିଗାଡ଼ି ଦିଆଯାଇଛି। ଏହା ଦ୍ୱାରା ନା ଆମେରିକାର କିଛି ଲାଭ ହେବ, ନା ଦୁନିଆରେ ଶାନ୍ତି ଆସିବ। ସେ ଆମେରିକାକୁ ଯୁଦ୍ଧ ବନ୍ଦ କରିବା ପାଇଁ ନିବେଦନ କରିଛନ୍ତି।



## ଯୁଦ୍ଧ ଜାଲରେ ୧୨ ଦେଶ

**ଦୁବାଇ, ଦୋହାରେ ପୁଣି ଶୁଭିଲା ବିସ୍ଫୋରଣର ଶବ୍ଦ**

ଦୋହା, ୧।୩ (ଏଜେନ୍ସି): ଆମେରିକା ଓ ଇସ୍ରାଏଲକୁ କଡ଼ା ଜବାବ ଦେବା ପାଇଁ ଇରାନ ତା'ର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନକୁ ଆହୁରି ଜୋରଦାର କରିଛି। ରବିବାର ଲଗାତାର ଦ୍ୱିତୀୟ ଦିନ ପାଇଁ ଦୁବାଇ ଓ କାତାରର ରାଜଧାନୀ ଦୋହା ଆକାଶରେ ଭୟଙ୍କର ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି। ଇରାନର ଭୟଙ୍କର ପ୍ରତିଆକ୍ରମଣରେ ଆମେରିକା ଓ ଇସ୍ରାଏଲ୍‌କୁ ସମର୍ଥନ କରୁଥିବା ୧୨ଟି ଦେଶ ଯୁଦ୍ଧ ଜାଲରେ ଛନ୍ଦି ହୋଇଯାଇଛନ୍ତି। ଇରାନର ସରକାରୀ ଗଣମାଧ୍ୟମ 'ଫାର୍ସ' ଦାବି କରିଛି ଯେ, ଦୁବାଇରେ ଥିବା ଆମେରିକୀୟ ଗୁଇନ୍ଦା ସଂସ୍ଥା (ସିଆଇଏ) ସହ ଜଡ଼ିତ କେନ୍ଦ୍ର ଉପରେ ମିସାଇଲ ମାଡ଼ କରାଯାଇଛି। ପଶ୍ଚିମ ଏସିଆରେ ଥିବା ଆମେରିକାର ସମସ୍ତ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବାକୁ ଇରାନ ଚେତାବନୀ ଦେଇଛି। ଆକାଶମାର୍ଗରେ ଡ୍ରୋନ ଓ ମିସାଇଲକୁ ପ୍ରତିହତ କରାଯାଉଥିବା ବେଳେ ଏହାର ଭଗ୍ନାବଶେଷ ପଡ଼ି ଦୁବାଇରେ ଦୁଇଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଜେବେଲ ଅଲି ବନ୍ଦରରେ ପ୍ରବଳ ନିଆଁ ଲାଗିବା ସହ କଳା ଧୂଆଁ ବାହାରୁଥିବା ଦେଖାଯାଇଛି। ଦୋହାରେ ମଧ୍ୟ ଏକ ଶିଳ୍ପାଞ୍ଚଳରେ ମିସାଇଲର ଭଗ୍ନାବଶେଷ ପଡ଼ି ସାମାନ୍ୟ ଅଗ୍ନିକାଣ୍ଡ ଘଟିଛି। ତେବେ ସେଠାରେ କୌଣସି ମୃତାହତର ଖବର ମିଳିନାହିଁ। ସମଗ୍ର ଅଞ୍ଚଳରେ ବର୍ତ୍ତମାନ ଯୁଦ୍ଧ କାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ଦେଶର ସୁରକ୍ଷା ବଳକୁ ଆଲର୍ଟରେ ରଖାଯାଇଛି ଏବଂ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି।



## ଆୟୋତୁଲ୍ଲା ଖାମନେଇ ଉତ୍ତରପ୍ରଦେଶର କିନ୍ତୁର ଗାଁରୁ ଇରାନର ଶାସନ ଗାଦି

**ଖାମନେଇଙ୍କ ଗୁରୁଙ୍କ 'ବାରାବଙ୍କି' ସଂଯୋଗ**

ବାରାବଙ୍କି, ୧।୩(ଏଜେନ୍ସି): ଆୟୋତୁଲ୍ଲା ଖାମନେଇଙ୍କ ମୃତ୍ୟୁ ପରେ ଉତ୍ତରପ୍ରଦେଶର ବାରାବଙ୍କି ଜିଲ୍ଲାର କିନ୍ତୁର ଗାଁ ଏବେ ସାରା ବିଶ୍ୱର ନଜରକୁ ଆସିଛି। ଏହି ଗାଁ ସହିତ ଇରାନର ପ୍ରଥମ ସର୍ବୋଚ୍ଚ ନେତା ତଥା ଖାମନେଇଙ୍କ ଗୁରୁ ଆୟୋତୋଲ୍ଲା ରୁହୋଲ୍ଲା ଖୋମେନେଇଙ୍କ ପୂର୍ବପୁରୁଷଙ୍କର ଗଭୀର ସମ୍ପର୍କ ରହିଛି। ଖୋମେନେଇଙ୍କ ଜେଜେବାପା ସୟଦ ଅହମ୍ମଦ ମୁସାଭି ୧୯୦୦ ଶତାବ୍ଦୀର ପ୍ରାରମ୍ଭରେ ବାରାବଙ୍କିର କିନ୍ତୁର ଗାଁରେ ଜନ୍ମଗ୍ରହଣ କରିଥିଲେ। ସେ ୧୮୩୦ରେ ମସିହାରେ ଧାର୍ମିକ ଯାତ୍ରାରେ ଇରାକର ନଜାଫ ଯାଇଥିଲେ ଓ ସେଠାରେ ସ୍ଥାୟୀ ଭାବେ ରହିଯାଇଥିଲେ। ନିଜର ଭାରତୀୟ ପରିଚୟ ବଜାୟ ରଖିବା ପାଇଁ ସେ ନିଜ ନାମରେ 'ହିନ୍ଦୀ' ଶବ୍ଦ ଯୋଡ଼ିଥିଲେ ଓ ଏହା ଇରାନର ସରକାରୀ ରେକର୍ଡରେ ଆଜି ବି ଲିପିବଦ୍ଧ ହୋଇ ରହିଛି। ଗାଁର ବାସିନ୍ଦାମାନେ ଦାବି କରିଛନ୍ତି ଯେ ୧୯୭୯ ଇରାନ ବିପ୍ଳବର ମୁଖ୍ୟ ନାୟକ ଖୋମେନେଇଙ୍କ ପରିବାର ଏହି ମାଟିର। ଏହି ଗାଁରେ ସେମାନଙ୍କ ପୈତୃକ ଘର ଆଜି ବି ସୁରକ୍ଷିତ ରହିଛି। ମୁସାଭି ପରିବାର ସପ୍ତମ ସିଆ ଇମାମ, ଇମାମ ମୁସା ଅଲ୍- କାଜିମ୍‌ଙ୍କ ବଂଶଧର ବୋଲି କୁହାଯାଏ। ଏହି କାରଣରୁ ଏହି ପରିବାର ସିଆ ଧର୍ମାବଲମ୍ବୀଙ୍କ ମଧ୍ୟରେ ଅତ୍ୟନ୍ତ ସମ୍ମାନଜନକ ସ୍ଥାନ ଅଧିକାର କରିଛି।

ଖାମନେଇ ନିଜେ ଖୋମେନେଇଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ଯଦିଓ ଖାମନେଇଙ୍କ ଭାରତ ସହିତ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନଥିଲା। କିନ୍ତୁ ତାଙ୍କ ମାର୍ଗଦର୍ଶକ ଖୋମେନେଇଙ୍କ ପରିବାରର ଚେର ଉତ୍ତର ପ୍ରଦେଶର ଏହି ଛୋଟ ଗାଁରେ ରହିଛି। ଖାମନେଇଙ୍କ ମୃତ୍ୟୁ ପରେ କିନ୍ତୁର ଗାଁରେ ଶୋକର ଛାୟା ଖେଳିଯାଇଥିଲା। ଗାଁର ଅନେକ ପରିବାର ଆଜି ବି ନିଜ ଘରେ ପୂର୍ବପୁରୁଷଙ୍କ ଫଟୋ ରଖି ସେହି ଐତିହାସିକ ସମ୍ପର୍କକୁ ଜୀବନ୍ତ ରଖିଛନ୍ତି।

## 'ଆବ୍ରାହମ୍ ଲିଙ୍କନ'କୁ ଇରାନର ଆକ୍ରମଣ

ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକା ବିମାନବାହୀ ଜାହାଜ ଟ୍ୟୁଏସ୍‌ଏସ୍ ଆବ୍ରାହମ୍ ଲିଙ୍କନ' ଉପରେ ଇରାନ ଆକ୍ରମଣ କରିଛି। ଇରାନର ରିଭୋଲ୍ୟୁସନାରୀ ଗାର୍ଡସ୍ (ଆଇଆରଜିସି) ଏହି ସୂଚନା ଦେଇଛି। କୁହାଯାଇଛି ଯେ ଆବ୍ରାହାମ ଲିଙ୍କନ ଉପରେ ଚାରୋଟି ବାଲିଷ୍ଟିକ୍ ମିସାଇଲ୍ ମାଡ଼ କରାଯାଇଛି। ଏଥିରେ ଯୁଦ୍ଧ ଜାହାଜର ଅଶେଷ କ୍ଷତି ହୋଇଛି। ସମୁଦ୍ରରୁ ଆତଙ୍କବାଦୀ ଆକ୍ରମଣକାରୀଙ୍କ ପାଇଁ ଏହା କବରସ୍ଥାନ ପାଲଟିବ ବୋଲି କୁହାଯାଇଥିଲା। ମାତ୍ର ଆମେରିକୀୟ ସେଣ୍ଟ୍ରାଲ୍ କମାଣ୍ଡ (ସେଣ୍ଟକମ) ଇରାନର ଏହି ଦାବିକୁ ମିଥ୍ୟା କହିଛି। ସେଣ୍ଟ୍ରାଲ୍ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ, ମାଡ଼ କରାଯାଇଥିବା କ୍ଷେପଣାସ୍ତ୍ର ଗୁଡ଼ିକ ଜାହାଜର ପାଖାପାଖି ମଧ୍ୟ ଆସିପାରି ନାହିଁ। ପୂର୍ବଭଳି ଏହା ବିମାନଗୁଡ଼ିକୁ କାର୍ଯ୍ୟକ୍ଷମ ରଖିଛି। ଇରାନ ଶାସନରୁ ସୃଷ୍ଟି ହେଉଥିବା ବିପଦକୁ ଦୂର କରି ଆମେରିକୀୟ ଜନସାଧାରଣଙ୍କ ସୁରକ୍ଷା ପାଇଁ ସେଣ୍ଟ୍ରାଲ୍ କମାଣ୍ଡର ନିରନ୍ତର ଅଭିଯାନକୁ ସହଯୋଗ କରୁଛି।

## ଇରାନ ବିରୋଧୀ ଅଭିଯାନ; ଆମେରିକାର ତିନି ସୈନିକ ମୃତ

ୱାସିଂଟନ, ୧।୩ (ଏଜେନ୍ସି): ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଅନ୍ୟପଟେ ଇରାନ ମଧ୍ୟ କ୍ରମାଗତ ଭାବେ ପାଲଟା ଆକ୍ରମଣ କରୁଛି। ଏପରି ସମୟରେ ଇରାନ ଆକ୍ରମଣରେ ଆମେରିକାର ତିନିଜଣ ସୈନିକଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ସୈନିକ ଆହତ ହୋଇଥିବା ଜଣାପଡ଼ିଛି। ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ ଏହି ସୂଚନା ଦେଇଛି। ତେବେ ସେନା ପକ୍ଷରୁ ଏହା ବ୍ୟତୀତ ଆଉ କୌଣସି ସୂଚନା ଦିଆଯାଇ ନାହିଁ। ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ମିଳିତ ଆକ୍ରମଣ ଯୋଗୁଁ ଗତକାଲି ଆରମ୍ଭ ହୋଇଥିବା ଯୁଦ୍ଧରେ ପ୍ରଥମ ଥର ପାଇଁ ଆମେରିକୀୟ ସୈନିକ ମୃତାହତ ହେବାର ନିଶ୍ଚିତ କରାଯାଇଛି। ସେଣ୍ଟ୍ରାଲ କମାଣ୍ଡ କହିଛି ଯେ, ଆଉ କିଛି ସୈନିକ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ପୁଣି ଡ୍ୟୁଟିକୁ ପଠାଇବା ପ୍ରକ୍ରିୟା ଜାରି ରହିଛି। ଏବେ ବି ପ୍ରମୁଖ ସାମରିକ ଅଭିଯାନ ଜାରି ରହିଛି।

## ଇରାନର ପ୍ରାର୍ଥନା ଆପ୍‌କୁ ହ୍ୟାକ୍ କରିଥିଲା ଇସ୍ରାଏଲ

ତେହରାନ, ୧।୩ (ଏଜେନ୍ସି): ଆକ୍ରମଣ କରିବା ପୂର୍ବରୁ ଇରାନରେ ଇସ୍ରାଏଲ ସାଇବର ଆଟାକ କରିଥିଲା। ଏହା ମାଧ୍ୟମରେ ଲୋକପ୍ରିୟ ପ୍ରାର୍ଥନା ଆପ୍ 'ବାଦେସାବା କ୍ୟାଲେଣ୍ଡର' ହ୍ୟାକ୍ କରିଥିଲା। ଏହି ଆପ୍ ମୁସଲମାନଙ୍କୁ ନମାଜ ପଢିବା ସମୟ ଜାଣିବାରେ ସାହାଯ୍ୟ କରିଥାଏ। କେବଳ ଗୁଗଲ୍ ପ୍ଲେ ଷ୍ଟୋରରୁ ଏହାକୁ ପାଞ୍ଚ ନିୟୁତରୁ ଅଧିକ ଥର ଡାଉନଲୋଡ୍ କରାଯାଇଛି। ଶନିବାର ସକାଳେ ହ୍ୟାକ ପରେ କୋଟି କୋଟି ମୋବାଇଲକୁ ନୋଟିଫିକେସନ୍ ଯାଇଥିଲା। ଇରାନର ସାମରିକ କର୍ମଚାରୀଙ୍କୁ ସରକାରଙ୍କ ବିରୋଧରେ ବିଦ୍ରୋହ କରିବାକୁ ଏବଂ ଦେଶକୁ ମୁକ୍ତ ପାଇଁ ପ୍ରୟାସରେ କରିବାକୁ ଅନୁରୋଧ କରାଯାଇଥିଲା। ଏଥିପାଇଁ ପାର୍ସୀ ଭାଷାରେ ବାର୍ତ୍ତା ଦିଆଯାଇଥିଲା। ନୋଟିଫିକେସନରେ ସାହାଯ୍ୟ ପହଞ୍ଚିଛି ବୋଲି କୁହାଯାଇଥିଲା। ରିପୋର୍ଟ ଅନୁଯାୟୀ, ଅୟତୁଲ୍ଲା ଶାସନରେ ସୁରକ୍ଷା ବାହିନୀ ପାଇଁ ଏକ ଭୟଙ୍କର ସମୟ ଆସିଯାଇଛି। ଆଇଆରଜିସି ଏବଂ ବାସିଜକୁ ଶକ୍ତ ଝଟ୍‌କା ଲାଗିଛି।

## ପ୍ରତିଶୋଧର ପତାକା ଉଡ଼ାଇଲା ଇରାନ

ଆମେରିକା ଏବଂ ଇସ୍ରାଏଲକୁ ଜବାବ ଦେବା ପାଇଁ ଇରାନର ଧାର୍ମିକ ଭାବନା ସହ ଜଡ଼ିତ ଜାମକରନ ମସଜିଦ୍‌ର ଗମ୍ବୁଜ ଉପରେ ଏକ ନାଲି ରଙ୍ଗର ପତାକା ଲଗାଯାଇଛି। ଏହାକୁ ପ୍ରତିଶୋଧର ପତାକା କୁହାଯାଉଛି।



## ଭାରତ ମହାସାଗରରେ ଇରାନର 'ଅପରେସନ ଟ୍ରୁ ପ୍ରମିଜ-୪'

ଭାରତର ମହାସାଗରରେ ଇରାନର ଆଇଆରଜିସି 'ଅପରେସନ ଟ୍ରୁ ପ୍ରମିଜ-୪' ଆରମ୍ଭ କରିଛି। ଏହା ମାଧ୍ୟମରେ ମହାସାଗରରେ ଅନେକ ଆକ୍ରମଣ କରାଯାଇଛି। ଜେବେଲ ଅଲିରେ ଥିବା ଏକ ଜାହାଜରେ ଚାରୋଟି ଡ୍ରୋନ ଆକ୍ରମଣ କରାଯାଇଛି। ଏହା ମାଧ୍ୟମରେ ଆମେରିକା ଜାହାଜ ପାଇଁ ଅସ୍ତ୍ରଶସ୍ତ୍ର ନିଆ ଯାଉଥିଲା। ଏହି ଆକ୍ରମଣରେ ଜାହାଜର ବିପୁଳ କ୍ଷତି ହୋଇଛି। ଏହା ଚାଲିବା ଭଳି ସ୍ଥିତିରେ ନାହିଁ। ଇରାନ କୌଣସି ଆକ୍ରମଣର ଜବାବରେ କ୍ଷେପଣାସ୍ତ୍ର କିମ୍ବା ଡ୍ରୋନ ଆକ୍ରମଣ କଲେ ତାହାକୁ 'ଟ୍ରୁ ପ୍ରମିଜ' କହିଥାଏ। ଆଇଆରଜିସି ଏହି କାର୍ଯ୍ୟାନୁଷ୍ଠାନ ନେଇଥାଏ।

# ସ୍ଥିତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

## ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହ କଥାହେଲେ ଜୟଶଙ୍କର

**ଇରାନ ଆକ୍ରମଣରେ ଭାରତୀୟ ଆହତ**

ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ଇରାନରେ ମିଳିତ ଆକ୍ରମଣ ପାଇଁ ବିଶ୍ୱରେ ଅସ୍ଥିରତା ସୃଷ୍ଟି ହୋଇଛି। ଏପରି ସମୟରେ ରବିବାର ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ବନ୍ଧିତ କ୍ୟାବିନେଟ କମିଟି (ସିସିଏସ)ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୈଶ୍ୱିକ ସ୍ଥିତି ଏବଂ ଭାରତ ଉପରେ ପଡ଼ିବାକୁ ଥିବା ପ୍ରଭାବ ବିଷୟରେ ଆଲୋଚନା କରାଯାଇଛି। ମଧ୍ୟପ୍ରାଚ୍ୟରେ ବସବାସ କରୁଥିବା ପ୍ରାୟ ୯୭ ଲକ୍ଷ (୯.୭ ନିୟୁତ) ଭାରତୀୟଙ୍କ ସୁରକ୍ଷାକୁ ନେଇ ବଢୁଥିବା ଚିନ୍ତା ମଧ୍ୟରେ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଭାରତ ସରକାର ଘଟଣାକ୍ରମ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଏବଂ ପରିସ୍ଥିତି ଅଧିକ ବିଗିଡ଼ିଲେ ସମ୍ଭାବ୍ୟ ସ୍ଥାନାନ୍ତର ସମେତ ଜରୁରୀକାଳୀନ ଯୋଜନା ପ୍ରସ୍ତୁତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ ୭, ଲୋକ କଲ୍ୟାଣ ମାର୍ଗରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର୍ଷ ଜର୍ଜରିତ ଅଞ୍ଚଳରେ ଫସି ରହିଥିବା ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଉପରେ ଏହି ବୈଠକରେ ଗୁରୁତ୍ୱ ଦିଆଯିବାର ସମ୍ଭାବନା ରହିଛି। ଇରାନରେ ପଶି ଇସ୍ରାଏଲ ଏବଂ ଆମେରିକା ଆକ୍ରମଣ କରିବା ଏବଂ ପ୍ରତିଶୋଧ ନେବା ପାଇଁ ଇରାନ ଚେତାବନୀ ଦେବା ପରେ ସମଗ୍ର ଅଞ୍ଚଳକୁ ଉତ୍ତେଜନା ବ୍ୟାପି ଯାଇଛି। ଏହା ବିଶ୍ୱର ତୈଳ ଯୋଗାଣ ଏବଂ ଆଞ୍ଚଳିକ ସ୍ଥିରତାକୁ ମଧ୍ୟ ବିପନ୍ନ କରିପାରେ। ଏହା ପୂର୍ବରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଇରାନ, ଇସ୍ରାଏଲ ଏବଂ ଗଲ୍ଫ ଦେଶଗୁଡ଼ିକର ନିଜ ପ୍ରତିପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ସେ ସଂଯମତା ରକ୍ଷା କରିବାକୁ ଅନୁରୋଧ କରିବା ସହ ଭାରତର ଚିନ୍ତା ବିଷୟରେ ଗୁରୁତ୍ୱାରୋପ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଆଲୋଚନା ଏବଂ କୂଟନୀତିର ପନ୍ଥା ଆପଣାଇବାକୁ ଭାରତ ଆହ୍ୱାନ ଦେଇଛି। ଏହା ମଧ୍ୟରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ଆବୁଧାବିରେ ଇରାନ କରିଥିବା ଆକ୍ରମଣରେ ଜଣେ ଭାରତୀୟ ନାଗରିକ ଆହତ ହୋଇଛନ୍ତି। ଏବେ ନାଗରିକ ବିପଦମୁକ୍ତ ଅଛନ୍ତି। ଭାରତୀୟ ଦୂତାବାସ ତାଙ୍କ ସହ ଯୋଗାଯୋଗରେ ଅଛି। ସମସ୍ତ ପ୍ରକାର ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯାଉଛି ବୋଲି କୁହାଯାଇଛି।



## ଆଜିର ରାଶିଫଳ

**ମେଷ:** ଅଜଣା ଲୋକଙ୍କୁ ବିଶ୍ୱାସ କରି ନିବେଶ କରନ୍ତୁନି। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାର୍ଯ୍ୟ ପୂରା କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ବଢ଼ିବ। ପ୍ରେମ ଜୀବନ ସୁଖମୟ ହେବ।

**ବୃଷ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦାନଧର୍ମ କରନ୍ତୁ। ଭାବିଚିନ୍ତି କଥା କୁହନ୍ତୁ।

**ମିଥୁନ:** ବୁଝି ବିଚାରି କାମ କରନ୍ତୁ। ଅଯଥାରେ ଖର୍ଚ୍ଚାନ୍ତ ହୋଇପାରନ୍ତି। ସମସ୍ୟାର ସମାଧାନ ହୋଇପାରେ। ବିଦ୍ୟାର୍ଥୀ ଖେଳକୁଦରେ ଅଧିକ ସମୟ ବିତାଇବେ। ଦାନଧର୍ମ କରନ୍ତୁ।

**କର୍କଟ:** ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଅଚାନକ ଖୁସି ଖବର ପାଇପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ଭେଟ ହୋଇପାରେ। ଯାନବାହନ କ୍ରୟ କରିପାରନ୍ତି। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ।

**କନ୍ୟା:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହିତ ସେୟାର କରନ୍ତୁନି। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ଅଫିସ୍ କାମକୁ ନେଇ ଚିନ୍ତା ବଢ଼ିପାରେ। ଅଟକି ଥିବା ଧନ ମିଳିପାରେ। ସମ୍ପର୍କୀୟଙ୍କଠାରୁ ଉପହାର ପାଇବେ। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ।

**ବିଛା:** ନୂତନ ଜମି କ୍ରୟ କରିପାରନ୍ତି। ଲୋକସମ୍ପର୍କ ବୃଦ୍ଧି ପାଇବ। ମହିଳାମାନେ ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇ ପାରନ୍ତି। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ।

**ଧନୁ:** ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ଧୈର୍ଯ୍ୟ ହରାନ୍ତୁନି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

**ମକର:** ପୁରୁଣା ନିବେଶରୁ ଲାଭ ମିଳିପାରେ। ମହିଳାମାନେ ଉଦାସ ରହି ପାରନ୍ତି। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ।

**କୁମ୍ଭ:** ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଆଜି ଦିନଟି ଆପଣଙ୍କୁ ମିଶ୍ରିତ ଫଳ ଦେବ। ବନ୍ଧୁଙ୍କ ସହିତ ସମୟ ବିତାଇବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଐତିହ୍ୟ

- ୧୯୦୧-ବିଶ୍ୱର ପ୍ରଥମ ୱେୟାରଲେସ୍ ଟେଲିଗ୍ରାଫ୍ କମ୍ପାନି ହାୱାଇରେ ଖୋଲିଲା।
- ୧୯୪୯- ସରୋଜିନୀ ନାଇଡୁଙ୍କ ପରଲୋକ।
- ୧୯୮୨-ପାଟନାରେ ମହାତ୍ମା ଗାନ୍ଧୀ ସେତୁର ଉଦ୍‌ଘାଟନ କରାଗଲା।
- ୧୯୯୭- ଚୀନ୍ ତା'ର ପ୍ରତିରକ୍ଷା ବଜେଟ୍‌କୁ ୧୨% ବୃଦ୍ଧି କଲା।

# ମୃତ୍ୟୁ ପରେ ଜୀବିତ ହୋଇଥିବା ଦାବି କଲେ ମହିଳା



ଜନ୍ମ ଆଉ ମୃତ୍ୟୁ ଚିରନ୍ତନ ସତ୍ୟ। ହେଲେ ଏବେ ଅନେକ ଲୋକ ମୃତ୍ୟୁ ପରର ଦୁନିଆ ଦେଖିଥିବା ଦାବି କରୁଛନ୍ତି। ଏମିତି ଜଣେ ମହିଳା ହେଉଛନ୍ତି ଲୋର୍ନା ହ୍ୟାରିସ୍। ଇଂଲଣ୍ଡ, କେଣ୍ଟସ୍ଥିତ ହ୍ୱିଟଷ୍ଟେବଲର ବାସିନ୍ଦା ଲୋର୍ନା ୨୦୨୩ ମସିହାରେ ହଠାତ୍ ଦିନେ ସକାଳେ ଉଠିବା ମାତ୍ରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସେ ନିଃଶ୍ୱାସ ନେବା କଷ୍ଟ ହୋଇଯାଇଥିଲା। ସେ ନିଦରୁ ଉଠିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବାରୁ ଖଟରୁ ତଳକୁ ଖସି ପଡ଼ିଥିଲେ। ବହୁତ କଷ୍ଟରେ ସେ ୯୯୯କୁ ଫୋନ୍ କରି ଆମ୍ବୁଲାନ୍ସକୁ ଡାକିଥିଲେ। ସେ ନିଜେ ଘୁଷୁରି ଘୁଷୁରି ଯାଇ ଘରର ମୁଖ୍ୟଦ୍ୱାର ପାଖେ ପହଞ୍ଚିଥିଲେ। ମେଡିକାଲ ଟିମ୍ ତାଙ୍କର ଇସିଜି କରାଇ ତାଙ୍କର ହୃଦ୍‌ରୋଗ ସମସ୍ୟା ଦେଖାଯାଇଛି ବୋଲି ଜାଣିବାକୁ ପାଇଥିଲେ। ଏହାପରେ ତାଙ୍କୁ ଆମ୍ବୁଲାନ୍ସରେ ଭର୍ତ୍ତି କରାଯାଇଥିଲା। ତାଙ୍କ ହାତ ଏବଂ ପାଦ ଶିଥୀଳ ହୋଇଯାଉଥିବାରୁ ସେ ଆମ୍ବୁଲାନ୍ସ ଚାଳକଙ୍କୁ ଶୀଘ୍ର ହସ୍‌ପିଟାଲ ନେବାକୁ କହିଥିଲେ। ଲୋର୍ନା କୁହନ୍ତି, ଏହି ସମୟରେ ଅଚାନକ ତାଙ୍କୁ ଚତୁଃପାର୍ଶ୍ୱରୁ ଉଜ୍ଜ୍ୱଳ ଧଳା ଆଲୋକ ଦୃଶ୍ୟମାନ ହୋଇଥିଲା। ସେ ନିଜକୁ ଉପରୁ ଦେଖୁଥିବାର ଦେଖିଲେ, ଯେପରି ଏକ ଡ୍ରୋନ୍ ଉପରୁ ସମ୍ପୂର୍ଣ୍ଣ ଦୃଶ୍ୟକୁ ରେକର୍ଡ କରୁଥିଲା। ଆମ୍ବୁଲାନ୍ସରୁ ହସ୍‌ପିଟାଲ କରିଡରକୁ ତାଙ୍କୁ ଖୁବ୍ ଶୀଘ୍ର ନିଆଯାଉଥିବା ସେ ଦେଖି ପାରୁଥିଲେ। ଜଣେ ମହିଳା ଡାକ୍ତର ତାଙ୍କୁ ସିପିଆର୍ ଦେଉଥିଲେ। ଏହାପରେ ଜଣେ ସର୍ଜନ ଆସିଥିଲେ। ସର୍ଜନ ଜଣକ ରଙ୍ଗୀନ ବ୍ୟାଣ୍ଡ ସାଙ୍ଗକୁ ସ୍ପୋର୍ଟସ୍ ଜୋତା ପିନ୍ଧିଥିବାର ସେ ଦେଖି ପାରୁଥିଲେ। ଲୋର୍ନା ଅପରେସନ୍ ଟେବୁଲରେ ନିଜକୁ ଅଧା ପୋଷାକ ପିନ୍ଧି ଶୋଇଥିବାର ଦେଖି ଲଜ୍ଜିତ ଅନୁଭବ କରିଥିଲେ। ସର୍ଜନ ତାଙ୍କର ଗୋଲାପୀ ପାଇଜାମାକୁ ନର୍ସଙ୍କୁ ସୁରକ୍ଷିତ ଭାବେ ରଖିବାକୁ କହୁଥିବା ସେ ଶୁଣିଥିଲେ। ସେ ଅପରେସନ୍ ରୁମ୍‌ର କୋଣ ଅନୁକୋଣକୁ ବେଶ୍ ସ୍ପଷ୍ଟ ଭାବେ ଦେଖି ପାରୁଥିଲେ। ଏହା ପରେ ସବୁକିଛି ଅନ୍ଧକାର ହୋଇଯାଇଥିଲା। ଲୋର୍ନା ଅନୁଭବ କରିଥିଲେ ସେ ମରିଯାଇଛନ୍ତି। ହେଲେ ଏହାକୁ ନେଇ ସେ ଭୟଭୀତ ନ ଥିଲେ। ଲୋର୍ନାଙ୍କୁ ହୋସ୍ ଆସିବା ପରେ ସେ ନିଜକୁ କାର୍ଡିୟାକ୍ କେୟାର୍ ୟୁନିଟ୍‌ରେ ପାଇଥିଲେ। ଏହାପରେ ଡାକ୍ତର ତାଙ୍କର ହୃଦ୍‌ଘାତ ସହ ଦୁଇଥର ହୃଦଯନ୍ତ୍ର କାର୍ଯ୍ୟ କରିବା ବନ୍ଦ କରି ଦେଇଥିବା କହିଥିଲେ। ଅସ୍ତ୍ରୋପଚାର ଦ୍ୱାରା ସେମାନେ ତାଙ୍କ ହୃଦ୍‌ଯନ୍ତ୍ରରେ ଜମାଟ ବାନ୍ଧିଥିବା ରକ୍ତକୁ କାଢ଼ି ଦେଇଥିବା କହିଥିଲେ। ଏହାପରେ ଲୋର୍ନା ତାଙ୍କର ଏହି ଅନୁଭବ ବିଷୟରେ ତାଙ୍କୁ ଚିକିତ୍ସା କରୁଥିବା ଜଣେ ହୃଦ୍‌ରୋଗ ବିଶେଷଜ୍ଞଙ୍କୁ କହିଥିଲେ। ଏନେଇ ଡାକ୍ତର ଜଣକ ମୃତ୍ୟୁକୁ ଅତି ନିକଟରେ ଦେଖିବା ଅଭିଜ୍ଞତା ଚିକିତ୍ସା ବିଜ୍ଞାନର ସବୁଠାରୁ ବଡ଼ ରହସ୍ୟ ବୋଲି କହିଥିଲେ। ଏପରି ଅନୁଭବ ଅନେକ ରୋଗୀ ସେୟାର କରନ୍ତି ବୋଲି ସେ ଲୋର୍ନାଙ୍କୁ କହିଥିଲେ। କିଛି ମାସ ପରେ ଲୋର୍ନାଙ୍କର ଜଣେ ବନ୍ଧୁ ତାଙ୍କର ଅସ୍ତ୍ରୋପଚାର କରିଥିବା ସର୍ଜନଙ୍କୁ ଭେଟିବାକୁ ଯାଇଥିଲେ। ସେ ସତରେ ରଙ୍ଗୀନ ବ୍ୟାଣ୍ଡ ଆଉ ସ୍ପୋର୍ଟସ୍ ଜୋତା ପିନ୍ଧନ୍ତି କି ନାହିଁ ତାଙ୍କୁ ପଚାରିଥିଲେ। ଲୋର୍ନାଙ୍କ କଥା ସତ ଥିଲା। ତେବେ ଲୋର୍ନା କୁହନ୍ତି, ଏବେ ତାଙ୍କୁ ମୃତ୍ୟୁକୁ ନେଇ ଆଉ ଭୟ ନାହିଁ। କାରଣ ମୃତ୍ୟୁ ଭୟାନକ ନୁହେଁ ବରଂ ଶାନ୍ତିପୂର୍ଣ୍ଣ ଥିଲା। ସେ ନିଜକୁ ନୁହେଁ, ଅନ୍ୟ କାହାକୁ ଦେଖିବା ପରି ଲାଗୁଥିଲା। ଲୋର୍ନା ତାଙ୍କ କାହାଣୀ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି।

# ଏହି କଳାକାରଙ୍କ ସହ କାମ କରିବେ ମୋହିତ୍





ଗତବର୍ଷ ରିଲିଜ୍ ହୋଇଥିବା ମୋହିତ୍ ସୂରୀଙ୍କ ଫିଲ୍ମ 'ସେୟାରା' ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର ସାବ୍ୟସ୍ତ ହୋଇଥିଲା। ଆହାନ୍ ପାଣ୍ଡେ ଓ ଅନିତ୍ ପଡ୍ଡାଙ୍କୁ ମୋହିତ୍ ଏହି ଫିଲ୍ମ ମାଧ୍ୟମରେ ଲଞ୍ଚ୍ କରି ରାତାରାତି ଷ୍ଟାର୍ କରି ଦେଇଥିଲେ। ଏବେ ମୋହିତ୍ ଆଉ ଏକ ବଡ଼ ପ୍ରୋଜେକ୍ଟ ନେଇ ଆସୁଛନ୍ତି। ଯଶରାଜ୍ ଫିଲ୍ମସ୍ ତଥା ଆଦିତ୍ୟ ଚୋପ୍ରାଙ୍କ ସହ ସେ ଏକ ରୋମାଣ୍ଟିକ୍ ଫିଲ୍ମ ଆଣୁଛନ୍ତି। ଏହା ଏକ ସଙ୍ଗୀତଭିତ୍ତିକ ପ୍ରେମ କାହାଣୀ ହେବ ଓ ଏହାର ପୃଷ୍ଠଭୂମିରେ ହତିଆର ତଥା ଅପରାଧର ଦୁନିଆକୁ ଦେଖାଯିବ। ଏବେ ଏହାର କାହାଣୀ ଲେଖା ହେଉଛି। ଚଳିତବର୍ଷ ଏହାର ସୁଟିଂ ଆରମ୍ଭ ହୋଇପାରେ। ମୋହିତ୍‌ଙ୍କ ଏହି ଫିଲ୍ମରେ ନାୟକ ଭାବେ ଦେଖାଯିବେ ରଣବୀର କପୁର। ମୋହିତ୍ ମଧ୍ୟ ଇତିମଧ୍ୟରେ ରଣବୀରଙ୍କୁ ଅନେକ ଥର ସାକ୍ଷାତ କରି କାହାଣୀ ବାବଦରେ ଆଲୋଚନା କରିଛନ୍ତି। ରଣବୀରଙ୍କୁ ଫିଲ୍ମର କାହାଣୀ ପସନ୍ଦ ଆସିଥିବା ଜଣାପଡ଼ିଛି। ରଣବୀର ଏବେ ନୀତେଶ ତିୱାରିଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ରାମାୟଣ'ରେ ରାମ ଭୂମିକାରେ ଅଭିନୟ କରୁଛନ୍ତି। ଏହାବାଦ୍ ସେ ସଞ୍ଜୟ ଲୀଲା ଭଁସାଲିଙ୍କ 'ଲଭ୍ ଆଣ୍ଡ ୱାର୍'ରେ ମଧ୍ୟ ଲିଡ୍ ରୋଲରେ ଦେଖାଯିବେ।

# କୋଲଡ୍ ଡ୍ରିଙ୍କସ୍‌ରେ କୋଡ଼ିଏ ବର୍ଷ



ଅନେକେ ସେମାନଙ୍କ ଅଜବ ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଥାନ୍ତି। କେହି ପାଣି, ତ କେହି ଫଳ ଖାଇ ବଞ୍ଚିଥିବା ଘଟଣା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଏବେ ଇରାନ୍‌ର ଘୋଲମରେଜା ଅଦେଶିରି ନାମକ ବ୍ୟକ୍ତି ଦୀର୍ଘ ୨୦ ବର୍ଷ ଧରି କୋଲ୍ଡ ଡ୍ରିଙ୍କସ୍ ବା ମୃଦୁ ପାନୀୟ ପିଇ ଜୀବିତ ଥିବା ଦାବି କରି ଚର୍ଚ୍ଚାକୁ ଆସିଛନ୍ତି। ସେ ଏତେ ଦିନ ହେଲାଣି କେବଳ ପେପ୍‌ସି ଏବଂ ସେଭେନ୍‌ଅପ୍ ଭଳି ମୃଦୁ ପାନୀୟ ପିଇ ଜୀବିତ ଥିବା କହିଛନ୍ତି। ଘୋଲମରେଜା ୨୦୦୬ ମସିହା ପରଠୁ ଦାନାଟିଏ ବି ପେଟକୁ ନେଇ ନାହାନ୍ତି। ଫାଇବର୍ ଗ୍ଲାସ୍ ମରାମତି କରୁଥିବା ଘୋଲମରେଜାଙ୍କ କହିବାନୁଯାୟୀ, ତାଙ୍କ ପେଟ କେବଳ କୋଲ୍ଡ ଡ୍ରିଙ୍କସ୍ ହଜମ କରିପାରେ। ଅନ୍ୟ ଯାହା ଖାଇଲେ ତାଙ୍କର ବାନ୍ତି ହୋଇଯାଏ। ପେପ୍‌ସି, ସେଭେନ୍‌ଅପ୍‌ରୁ ମିଳୁଥିବା ଶକ୍ତି ତାଙ୍କ ପାଇଁ ଯଥେଷ୍ଟ। ସେ ଦିନସାରା ପାଖାପାଖି ୩ ଲିଟର ମୃଦୁ ପାନୀୟ ପିଇ ନିଜକୁ ଶାରୀରିକ ଭାବେ ସୁସ୍ଥ ରଖିଥାନ୍ତି। ସବୁଦିନ ସେ ଚାରି ଘଣ୍ଟା ହିଁ ଶୋଇଥାନ୍ତି। ତେବେ ସେ ନିଜର ଅଜବ ରୁଚିକୁ ନେଇ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇଥିଲେ। ଖାଦ୍ୟ ଖାଇବା ପରେ ତାଙ୍କ ପାଟିରେ କେଶ ଲାଗିବା ପରି ମନେ ହେଉଥିବା ସେ ଡାକ୍ତରଙ୍କୁ କହିଥିଲେ। ଡାକ୍ତର ଚିକିତ୍ସାରୁ ଜାଣିବାକୁ ପାଇଥିଲେ ଯେ, ତାଙ୍କର କୌଣସି ପ୍ରକାର ସମସ୍ୟା ନାହିଁ। ଏହା ଏକ ମାନସିକ ସମସ୍ୟା ହୋଇଥିବାରୁ ଡାକ୍ତର ତାଙ୍କୁ ମନସ୍ତତ୍ତ୍ୱବିତ୍‌ଙ୍କୁ ଦେଖାଇବା ପାଇଁ କହିଥିଲେ। ଘୋଲମରେଜାଙ୍କ ସମସ୍ୟା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାକଥା, କୋଲ୍‌ଡଡ୍ରିଙ୍କସ୍‌ରେ ଅଧିକ ମାତ୍ରାରେ ସୁଗାର ଥାଏ। ଯାହା ମୋଟାପଣ ଏବଂ ମଧୁମେହ ଭଳି ସମସ୍ୟା ବୃଦ୍ଧି କରିଥାଏ। ତେଣୁ ଏହାକୁ ସୀମିତ ମାତ୍ରାରେ ବ୍ୟବହାର କରିବାକୁ କୁହାଯାଇଥାଏ। ଅନ୍ୟପକ୍ଷରେ ଘୋଲମରେଜାଙ୍କ ପରିବାର ଲୋକେ କେବେ ତାଙ୍କ ସମ୍ମୁଖରେ ଖାଆନ୍ତିନି। ସେମାନଙ୍କୁ ଖାଦ୍ୟ ଖାଇବାର ଦେଖିଲେ ତାଙ୍କୁ ବାନ୍ତି ଲାଗିଥାଏ ବୋଲି ଘୋଲମରେଜା କହିଛନ୍ତି।

# ଚନ୍ଦ୍ରଗ୍ରହଣରେ କ'ଣ କରିବେ ଓ କରିବେନି



ଦୋଳପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ଲାଗିବ। ଏହି ଗ୍ରହଣ ଧାର୍ମିକ ଓ ଜ୍ୟୋତିଷ ଦୃଷ୍ଟିକୋଣରୁ ଖୁବ୍ ମହତ୍ତ୍ୱପୂର୍ଣ୍ଣ ରହିବ। ଅବଶ୍ୟ ଗ୍ରହଣକୁ ନେଇ ଧର୍ମ ଶାସ୍ତ୍ରରେ ବିଶେଷ ନିୟମ ରହିଛି। ଏହି ସମୟ ମଧ୍ୟରେ କ'ଣ କରିବା ଉଚିତ ଓ ଅନୁଚିତ, ସେ ସମ୍ପର୍କରେ ଜାଣିବା।

- ଗ୍ରହଣ କାଳରେ କୌଣସି ପୂଜା ପାଠ କରନ୍ତୁ ନାହିଁ।
- ଗ୍ରହଣ ଲାଗିବା ସମୟରେ ଘରୁ ବାହାରିବା ଅନୁଚିତ। ବିଶେଷକରି ଗର୍ଭବତୀ ଘରୁ ବାହାରିବା ଭଲ ନୁହେଁ।
- ଗ୍ରହଣ ସମୟରେ ରୋଷେଇ କରିବା ଠିକ୍ ନୁହେଁ।
- ସେହିପରି ଗ୍ରହଣ ଲାଗିବା ସମୟରେ ଖାଦ୍ୟ ଖାଇବା ମନା।
- ତୁଳସୀ, ଅଶ୍ୱତ୍ଥ, ବରଗଛକୁ ସ୍ପର୍ଶ କରିବା ଅନୁଚିତ।
- ଖାଲି ଆଖିରେ ଗ୍ରହଣକୁ ଦେଖିବା ଭଲ ନୁହେଁ।
- ଗ୍ରହଣ ଶେଷ ପରେ ସ୍ନାନ କରିବା ଶୁଭ।
- ଗ୍ରହଣ ସମାପନ ପରେ ପୂଜାପାଠ ତଥା ଧାର୍ମିକ କାର୍ଯ୍ୟ କରାଯାଇପାରିବ।
- ଘରେ ଗଙ୍ଗାଜଳ ସିଞ୍ଚନ କରନ୍ତୁ। ଏହାଦ୍ୱାରା ପରିବେଶ ଶୁଦ୍ଧ ହୋଇଥାଏ।

## ସ୍ୱସ୍ତି

# ଦୋଳପୂର୍ଣ୍ଣିମା

ଫଗୁ ଦଶମୀରୁ ଦୋଳଯାତ୍ରା ଆରମ୍ଭ ହୋଇଥାଏ। ଶାସ୍ତ୍ରରେ ଏହାକୁ 'ବସନ୍ତୋତ୍ସବ' ଓ 'ମଦନୋତ୍ସବ' କୁହାଯାଏ। ଏହି ପର୍ବର ଆରାଧ୍ୟ ଠାକୁର ହେଉଛନ୍ତି ରାଧା ଓ କୃଷ୍ଣ।



ଦୋଳଯାତ୍ରା ଅବସରରେ ଓଡ଼ିଶାର ଗାଁ ଗଣ୍ଡା ଉତ୍ସବମୁଖର ହୋଇ ଉଠିଥାଏ। ଘଣ୍ଟ ଘଣ୍ଟା, ସଂକୀର୍ତ୍ତନ ମଣ୍ଡଳିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ। ଠାକୁରମାନେ ସୁସଜ୍ଜିତ ଦୋଳ ବିମାନରେ ବିଜେ ହୋଇ ଗାଁ ଗାଁ ବୁଲି ଭୋଗ ଖାଇଥାନ୍ତି। ଠାକୁରଙ୍କୁ ଉଖୁଡ଼ା, ଚଣା, ସାକର, ବିଭିନ୍ନ ଫଳ ଆଦି ଭୋଗ ଲଗାଯାଏ। ଏହାବାଦ୍ ଦୋଳ ବିମାନ ସମ୍ମୁଖରେ ପାଞ୍ଜି ପାଠ କରାଯାଏ। ବିଭିନ୍ନ ଗାଁରେ ମେଲଣ ଆୟୋଜନ ହୋଇଥାଏ। ଏହି ସମୟରେ ଭକ୍ତଙ୍କ ମଧ୍ୟରେ ଫଗୁ ଖେଳ ହୁଏ। ଏହି ପର୍ବ ଗାଁ ଗାଁ ମଧ୍ୟରେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଏବଂ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସ୍ନେହ, ସଦ୍ଭାବ ଏବଂ ପାରମ୍ପରିକ ସୌହାର୍ଦ୍ଦ୍ୟର ପରିଚାୟକ ଭାବେ ପାଳିତ ହୋଇଥାଏ। ଦୋଳପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଶେଷ ନୀତି ହୁଏ। ଶ୍ରୀମନ୍ଦିରରୁ ଦୋଳଗୋବିନ୍ଦ ଆସି ଦୋଳବେଦିରେ ବିଜେ ହୁଅନ୍ତି। ଭକ୍ତମାନେ ଠାକୁରଙ୍କୁ ଫଗୁ ଲାଗି କରିଥାନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସୁନାବେଶ ହୋଇଥାଏ।

# ରାଧାକୃଷ୍ଣଙ୍କ ରଙ୍ଗ ଖେଳ

ରଙ୍ଗର ପର୍ବ ହୋଲି। ଏହାକୁ ସବୁ ଧର୍ମର ଲୋକ ପୂରା ଆନନ୍ଦ ଓ ଉତ୍ସାହର ସହ ପାଳନ କରନ୍ତି। ପ୍ରେମର ରଙ୍ଗରେ ପୂର୍ଣ୍ଣ ଏହି ପର୍ବ ଭାଇଚାରାର ବାର୍ତ୍ତା ପ୍ରଦାନ କରେ।

- ହୋଲି ପର୍ବ ସହ ଯୋଡ଼ି ହୋଇ ରହିଛି ଅନେକ ପୌରାଣିକ ଆଖ୍ୟାନ। ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ଖେଳାର ଅଂଶବିଶେଷ ହେଉଛି ହୋଲି। ମଥୁରାରେ କୃଷ୍ଣ ଜନ୍ମ ହୋଇଥିବା ବେଳେ ବୃନ୍ଦାବନରେ ବଡ଼ ହୋଇଥିଲେ ବୋଲି କୁହାଯାଏ। ତେବେ କୃଷ୍ଣ ଶ୍ୟାମଳ ବର୍ଣ୍ଣ ହୋଇଥିବାରୁ ସେ ଅନ୍ୟାମାନଙ୍କଠାରୁ ନିଜକୁ ଅଲଗା ଭାବନ୍ତି।
- ଶ୍ରୀକୃଷ୍ଣଙ୍କୁ ଲାଗେ ତାଙ୍କ ରଙ୍ଗ ଯୋଗୁଁ ରାଧା କି ଅନ୍ୟ ଗୋପୀମାନେ ତାଙ୍କୁ ଭଲପାଇବେ ନାହିଁ। ବିଶ୍ୱାସ ରହିଛି ଯେ, ତାଙ୍କର ଏଭଳି ଚିନ୍ତାକୁ ଦେଖି ଯଶୋଦା, ଶ୍ରୀକୃଷ୍ଣଙ୍କୁ କହିଲେ ରାଧାଙ୍କଠାରେ ନିଜ ପସନ୍ଦର ରଙ୍ଗ ବୋଳିବାକୁ।
- ନନ୍ଦଗ୍ରାମରୁ କୃଷ୍ଣ ରଙ୍ଗ ଧରି ରାଧା ଓ ଅନ୍ୟ ଗୋପୀମାନଙ୍କୁ ରଙ୍ଗ ପକାଇବାକୁ ଯାଆନ୍ତି। କୃଷ୍ଣଙ୍କ ଏଭଳି କାମରେ ରାଧା ଓ ଅନ୍ୟ ଗୋପୀମାନେ ବାଡ଼ି ଧରି ଗୋଡ଼ାନ୍ତି।
- ଏହିପରି ଭାବେ ରାଧାକୃଷ୍ଣଙ୍କ ମଧ୍ୟରେ ଅଲୌକିକ ପ୍ରେମ ସୃଷ୍ଟି ହେବା ସହ ହୋଲି ଖେଳର ପ୍ରାରମ୍ଭ ହୋଇଥିବା କୁହାଯାଏ।



# ହୋଲି ପୂର୍ବରୁ ଘରେ କେଉଁ ଜିନିଷ ରଖିବେ ନାହିଁ

ହୋଲି ଉତ୍ସବ ପୂର୍ବରୁ ଘରର ସଫା ସୁତୁରା ଉପରେ ଧ୍ୟାନ ଦିଆଯାଏ। ଏହାଦ୍ୱାରା ନକାରାତ୍ମକତା ଦୂର ହୋଇଥାଏ। ବାସ୍ତୁ ଅନୁସାରେ, ପ୍ରତ୍ୟେକ ପୂଜାପର୍ବରେ ଘରକୁ ସଫା ରଖିବା ସହ କିଛି ଜିନିଷ ଘରୁ ବାହାର କରି ଦେବା ଉଚିତ। କେଉଁ ଜିନିଷ ହୋଲି ପୂର୍ବରୁ ଘରେ ରଖିବେ ନାହିଁ, ସେ ସମ୍ପର୍କରେ ଜାଣିବା।



- ଅଚଳ ଘଣ୍ଟାକୁ ଘରୁ ବାହାର କରି ଦିଅନ୍ତୁ।
- ଘରେ ଛିଡ଼ା ଜୋତା, ଚପଲ ରଖିବା ଭଲ ନୁହେଁ।
- ସେହିପରି ଘରେ ଭଙ୍ଗା ବାସନ ଥିଲେ, ସେସବୁ ବାହାର କରି ଦେବା ଉଚିତ। ଏଭଳି ଜିନିଷ ରଖିବା ଦ୍ୱାରା ଘରେ ନକାରାତ୍ମକତା ପ୍ରବେଶ କରେ।
- ଖଣ୍ଡିତ ମୂର୍ତ୍ତି ଦୀର୍ଘ ସମୟ ଘରେ ରହିଲେ ବାସ୍ତୁ ବିଗିଡ଼ି ଥାଏ। ତେଣୁ ଠାକୁର ଘରୁ ଭଙ୍ଗା ଠାକୁରଙ୍କ ଫଟୋ ତଥା ମୂର୍ତ୍ତି ବାହାର କରିଦେଲେ ବାସ୍ତୁ ଦୋଷ ଠିକ୍ ହୋଇଯିବ।
- ଏହାବାଦ୍ ଘରେ ଭଙ୍ଗା କାଚ ଥିଲେ ବି ବାହାର କରିବା ଭଲ।

## ଟି-୨୦ ବିଶ୍ୱକପ୍ : ସଞ୍ଜୁ ସାମସନଙ୍କ ସୁପର ଶୋ

# ସେମିରେ ଭାରତ-ଇଂଲଣ୍ଡ




କୋଲକାତା,୧।୩(ଏଜେନ୍ସି)

ସଞ୍ଜୁ ସାମସନଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ୨୦୨୬ ଟି-୨୦ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଆଜି ଖେଳାଯାଇଥିବା କର ଅବା ମର ମ୍ୟାଚ୍‌ରେ ଭାରତ ୫ ୱିକେଟରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରି କ୍ରମାଗତ ତୃତୀୟଥର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଆସନ୍ତା ୫ ତାରିଖରେ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଭାରତ ସହ ଇଂଲଣ୍ଡର ମୁକାବିଲା ହେବ। ଏହା ପୂର୍ବରୁ କୋଲକାତାର ଇଡେନ ଗାର୍ଡେନ୍ସରେ ମାର୍ଚ୍ଚ ୪ ତାରିଖରେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ସେମିଫାଇନାଲ ମୁକାବିଲା ହେବ। ଏହି ମ୍ୟାଚ୍‌ରେ ମାତ୍ର ୫୦ ବଲ୍‌ରୁ ୧୨ ଚୌକା ଓ ୪ ଛକା ସହ ୯୭ ରନ୍ ସହ ସୁପର ଡୁପର ବ୍ୟାଟିଂ କରି ଦଳକୁ ଜିତାଇଥିବା ସାମସନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଆଜିର ଗ୍ରୁପ୍-୧' ସୁପର ଏଇଟସ ମୁକାବିଲା ପୂର୍ବରୁ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ୱେଷ୍ଟଇଣ୍ଡିଜ୍ ସମାନ ପଏଣ୍ଟ ରଖିଥିଲେ। ପୂର୍ବରୁ ଦକ୍ଷିଣ ଆଫ୍ରିକା ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ଏହି ଗ୍ରୁପ୍‌ରୁ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିସାରିଥିଲା। ଏହା ଫଳରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମୁକାବିଲାରୁ ଯେଉଁ ଦଳ ବିଜୟ ହାସଲ କରିବ ସେହି ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥାନ୍ତା। ଭାରତ ଏହି ମ୍ୟାଚ୍‌କୁ ଷ୍ଟାଇଲ୍‌ରେ ଜିତି ଚଳିତ ବିଶ୍ୱକପ୍‌ର ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଆସନ୍ତା ୪ ଓ ୫ ତାରିଖରେ ସେମିଫାଇନାଲ ଓ ମାର୍ଚ୍ଚ ୮ ରେ ଫାଇନାଲ ମ୍ୟାଚ୍ ଖେଳାଯିବ। କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯାଇଥିବା ଏହି କର ଅବା ମର ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଗୁରୁତ୍ୱପୂର୍ଣ୍ଣ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଲାଗି ୱେଷ୍ଟଇଣ୍ଡିଜ୍‌କୁ ଆମନ୍ତ୍ରଣ କରିଥିଲା। ୱେଷ୍ଟଇଣ୍ଡିଜ୍ ଦଳ ଆରମ୍ଭରୁ ଶେଷ ଯାଏ ଦ୍ରୁତ ଗତିରେ ବ୍ୟାଟିଂ କରିବା ଫଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ମାତ୍ର ୪ ୱିକେଟ ହରାଇ ୧୯୫ ରନ୍ କରିଥିଲା। ଯାହା ଫଳରେ ଇଡେନ୍ ପିଚ୍‌ରେ ବ୍ୟାଟିଂ କରିବା ସହଜ ମନେ ହୋଇଥିଲା। ୧୯୬ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଭାରତ ମନ୍ଥର ଗତିରେ ବ୍ୟାଟିଂ ଆରମ୍ଭ କରିଥିଲେ ମଧ୍ୟ କ୍ରମାଗତ ୱିକେଟ ହରାଇଥିଲା। ଏହି ସମୟରେ ବାରମ୍ବାର ବିଫଳ ସତ୍ତ୍ୱେ ଏଠାରେ ପୁନର୍ବାର ଇନିଂସ ଓପନ କରିଥିବା ସଞ୍ଜୁ ସାମସନ ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରି ଭାରତକୁ ଏହି ରୋମାଞ୍ଚକ ଓ ମହତ୍ତ୍ୱପୂର୍ଣ୍ଣ ବିଜୟ ପ୍ରଦାନ କରିଥିଲେ। ୧୯ତମ ଓଭରର ପ୍ରଥମ ଦୁଇଟି ବଲ୍‌କୁ ଛକା ଓ ଚୌକା ମାରି ଭାରତକୁ ଜିତାଇଥିବା ସାମସନ ୫୦ବଲ୍‌ର ସମ୍ମୁଖୀନ ହୋଇଥିଲେ। ଏଥିରେ ସେ ୧୨ଟି ଚୌକା ଓ ୪ଟି ଛକା ମାରି ଭାରତକୁ ଜିତାଇବା ସହ ତାଙ୍କ ସମାଲୋଚକଙ୍କ ମୁହଁ ବନ୍ଦ କରିବାରେ ସମର୍ଥ ହୋଇଥିଲେ। ଭାରତର ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଅଭିଷେକ ଶର୍ମା ୧୦, ଇଶାନ କିଶାନ ୧୦, ସୂର୍ଯ୍ୟକୁମାର ଯାଦବ ୧୮, ତିଲକ ବର୍ମା ୨୭, ହାର୍ଦ୍ଦିକ ପାଣ୍ଡ୍ୟା ୧୭ ଓ ଶିବମ ଦୁବେ ଅପରାଜିତ ୮ ରନ୍ କରିଥିଲେ। ଜେସନ ହୋଲ୍ଡର ଓ ଶମାର ଯୋଶେଫ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ ମଧ୍ୟ ତାହା ଦଳର ବିଜୟରେ ସହାୟକ ହୋଇ ପାରି ନ ଥିଲା।

### ଭାରତର ଷଷ୍ଠ ସେମିଫାଇନାଲ

୬ଥର : ପାକିସ୍ତାନ (୨୦୦୭, ୨୦୦୯, ୨୦୧୦, ୨୦୧୨, ୨୦୨୧, ୨୦୨୨)
୬ଥର : ଭାରତ (୨୦୦୭, ୨୦୧୪, ୨୦୧୬, ୨୦୨୨, ୨୦୨୪, ୨୦୨୬)
୬ଥର : ଇଂଲଣ୍ଡ (୨୦୧୦, ୨୦୧୬, ୨୦୨୧, ୨୦୨୨, ୨୦୨୪, ୨୦୨୬)

### ଟି-୨୦ ବିଶ୍ୱକପ୍‌ରେ ସଫଳ ରନ ଚେଜ୍

| ଦଳ | ଟାର୍ଗେଟ | ପ୍ରତିପକ୍ଷ | ବର୍ଷ |
|---|---|---|---|
| ଇଂଲଣ୍ଡ | ୨୩୦ | ଦ.ଆଫ୍ରିକା | ୨୦୧୬ |
| ଦ.ଆଫ୍ରିକା | ୨୦୬ | ୱେଷ୍ଟଇଣ୍ଡିଜ | ୨୦୦୭ |
| ଭାରତ | ୧୯୬ | ୱେଷ୍ଟଇଣ୍ଡିଜ | ୨୦୨୬ |
| ଆମେରିକା | ୧୯୬ | କାନାଡା | ୨୦୨୪ |

### ବିଶ୍ୱକପ୍‌ରେ ଗୋଟିଏ ସଂସ୍କରଣରେ ସର୍ବାଧିକ ଛକା

| ଖେଳାଳି | ଛକା | ବର୍ଷ |
|---|---|---|
| ସିମରନ ହେଟ୍‌ମାୟର | ୧୯ | ୨୦୨୬ |
| ଶାହିବଜାଦ ଫରହାନ | ୧୮ | ୨୦୨୬ |
| ନିକୋଲସ ପୁରନ | ୧୭ | ୨୦୨୪ |
| କ୍ରିସ ଗେଲ୍ | ୧୬ | ୨୦୧୨ |

### ସଂକ୍ଷିପ୍ତ ସ୍କୋର

ୱେଷ୍ଟଇଣ୍ଡିଜ୍ : ୧୯୫/୪, ୨୦ ଓଭର (ଚେଜ୍-୪୦, ପାୱେଲ-ଅପରାଜିତ-୩୪, ହୋଲ୍ଡର-ଅପରାଜିତ-୩୭, ହୋପ୍-୩୨, ହେଟମାୟର-୨୭, ଯଶପ୍ରୀତ୍ ବୁମ୍‌ରା-୨/୩୬, ହାର୍ଦ୍ଦିକ ପାଣ୍ଡ୍ୟା-୧/୪୦, ବରୁଣ ଚକ୍ରବର୍ତ୍ତୀ-୧/୪୦)।
ଭାରତ: ୧୯୯/୫, ୧୯.୨ ଓଭର (ସଞ୍ଜୁ- ଅପରାଜିତ-୯୭, ତିଲକ- ୨୭, ସୂର୍ଯ୍ୟକୁମାର - ୧୮, ପାଣ୍ଡ୍ୟା- ୧୭, ଅଭିଷେକ- ୧୦, କିଶାନ- ୧୦, ହୋଲ୍ଡର- ୨/୩୮, ଜୋସେଫ- ୨/୪୨)।

### ସେମିଫାଇନାଲ ମୁକାବିଲା

| | | |
|---|---|---|
| ୪।୩ | ଦକ୍ଷିଣ ଆଫ୍ରିକା-ନ୍ୟୁଜିଲାଣ୍ଡ | କୋଲକାତା |
| ୫।୩ | ଭାରତ-ଇଂଲଣ୍ଡ | ମୁମ୍ବଇ |
| ୮।୩ | ଫାଇନାଲ | ଅହମ୍ମଦାବାଦ୍ |

ଖେଳ ଆରମ୍ଭ-ରାତି ୭ଟା, ପ୍ରସାରଣ-ଷ୍ଟାର ସ୍ପୋର୍ଟ୍ସ/ଜିଓହଟ୍‌ଷ୍ଟାର

# ଅପରାଜେୟ ରହିଲା ଦକ୍ଷିଣ ଆଫ୍ରିକା



ନୂଆଦିଲ୍ଲୀ,୧।୩(ଏଜେନ୍ସି): ଅଧିନାୟକ ସିକନ୍ଦର ରାଜାଙ୍କ ଅଲରାଉଣ୍ଡ ସଫଳତା ସତ୍ତ୍ୱେ ଏଠାରେ ରବିବାର ଖେଳାଯାଇଥିବା ଟି-୨୦ ବିଶ୍ୱକପ୍ ସୁପର ଏଇଟ୍‌ସ ଏକ ଗ୍ରୁପ୍-୧' ମୁକାବିଲାରେ ଜିମ୍ବାୱେ ୫ ୱିକେଟରେ ଦକ୍ଷିଣ ଆଫ୍ରିକାଠାରୁ ପରାଜିତ ହୋଇଛି। ଏହା ଫଳରେ ଦକ୍ଷିଣ ଆଫ୍ରିକା ଏଯାଏ ଅପରାଜେୟ ରହି ସେମିଫାଇନାଲରେ ପ୍ରବେଶ କରିଛି। କୋଲକାତାରେ ମାର୍ଚ୍ଚ ୪ ତାରିଖ ବୁଧବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ସହ ନ୍ୟୁଜିଲାଣ୍ଡର ମୁକାବିଲା ହେବ। ଏହି ମ୍ୟାଚ୍‌ରେ ୭୩ ରନ୍ କରିବା ସହ ୩ ୱିକେଟ ନେଇଥିବା ପରାଜିତ ଜିମ୍ବାୱେର ରାଜାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଆଜିର ମ୍ୟାଚ୍‌ରେ ସିକନ୍ଦରଙ୍କ ୪୩ବଲ୍‌ରେ ୮ ଚୌକା ଓ ୪ ଛକା ସହ ୭୩ ଏବଂ କ୍ଲାଇବ୍ ମାଦାଣ୍ଡେଙ୍କ ଅପରାଜିତ ୨୬ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୭ ୱିକେଟ ହରାଇ ୧୫୩ ରନ୍ କରିଥିଲା। ପ୍ରତିପକ୍ଷ ଦଳର ସମସ୍ତ ବୋଲର ଶୃଙ୍ଖଳିତ ପ୍ରଦର୍ଶନ କରିବା ଫଳରେ ଜିମ୍ବାୱେ ହାତଖୋଲା ସଟ୍ ଖେଳିପାରି ନ ଥିଲେ। କ୍ୱେନା ମାଫକା ଓ କର୍ବିନ ବୋଷ୍ଟ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୧୪ ରନ୍‌ରେ ଦୁଇ ଓପନର ଓ ୪୩ ରନ୍‌ରେ ୩ ୱିକେଟ ହରାଇବା ସତ୍ତ୍ୱେ ମିଡିଲ ଅର୍ଡର ବ୍ୟାଟରମାନେ ନିୟନ୍ତ୍ରଣରେ ବ୍ୟାଟିଂ କରି ଦଳକୁ ଜିତାଇଥିଲେ। ଡିୱାଲ୍ଡ ବ୍ରେଭିସ୍ ସର୍ବାଧିକ ୪୨, ପ୍ରଥମ ମ୍ୟାଚ୍ ଖେଳୁଥିବା ଜର୍ଜ ଲିଣ୍ଡେ ଅପରାଜିତ ୩୦, ଡେଭିଡ୍ ମିଲର ୨୨ ଓ ଟ୍ରିଷ୍ଟାନ ଷ୍ଟବ୍ସ ଅପରାଜିତ ୨୧ ରନ୍ କରିଥିଲେ। ସିକନ୍ଦରଙ୍କୁ ୩ଟି ୱିକେଟ ମିଳିଥିଲା।

## ଆଇଏସ୍ଏଲ୍-୧୨ ଓଡ଼ିଶା ଏଫ୍‌ସି-୧; ଚେନ୍ନାଇନ- ୧



ଭୁବନେଶ୍ୱର, ୧।୩ (ସମିସ): ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସଏଲ୍)ର ଦ୍ୱାଦଶ ସଂସ୍କରଣରେ ଓଡ଼ିଶା ଏଫ୍‌ସି ଦଳ କ୍ରମାଗତ ଦ୍ୱିତୀୟ ମ୍ୟାଚ୍ ଡ୍ର ରଖିଛି। ରବିବାର ସନ୍ଧ୍ୟାରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚେନ୍ନାଇନ ଏଫ୍‌ସି ବିପକ୍ଷରେ ଓଡ଼ିଶା ଏଫ୍‌ସି ଖେଳିଥିବା ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ମ୍ୟାଚର ଉଭୟାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମ କ୍ୱାର୍ଟର ଏକପ୍ରକାର ଗୋଲଶୂନ୍ୟ ଦିଗରେ ଅଗ୍ରସର ହେଉଥିବାବେଳେ ଭ୍ରମଣକାରୀ ଚେନ୍ନାଇନ ମ୍ୟାଚର ପ୍ରଥମ ଗୋଲ୍ ଦେଇଥିଲା। ଇଞ୍ଜୁରୀ ଟାଇମ (୪୫+୨ ମିନିଟ୍)ରେ ବ୍ରାଜିଲିଆନ ଡିଫେଣ୍ଡର ଏଲସିନୋଙ୍କ ଗୋଲ୍ ବଳରେ ଚେନ୍ନାଇନ ୧-୦ରେ ଅଗ୍ରଣୀ ରହିଥିଲା। ଏହାପରେ ଅବଶ୍ୟ ଦ୍ୱିତୀୟ କ୍ୱାର୍ଟରରେ ଘରୋଇ ଓଡ଼ିଶା ଏଫ୍‌ସି ଗୋଲଟି ଶୁଝାଇ ଦେଇଥିଲା। ୬୮ତମ ମିନିଟରେ କାର୍ଲୋସ ଡେଲଗାଡୋ ଓଡ଼ିଶା ପାଇଁ ଏହି ଗୋଲଟି ସ୍କୋର କରିଥିଲେ। ଫଳରେ ମ୍ୟାଚ୍ ୧-୧ର ବରାବରସ୍ତରକୁ ଚାଲିଆସିଥିଲା। ପୂର୍ବରୁ ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚ ଏଠାରେ ଇଣ୍ଟର କାଶୀ ବିପକ୍ଷରେ ଗୋଲଶୂନ୍ୟ ଡ୍ର ରଖିଥିଲା। ଏବେ ଦୁଇଟି ମ୍ୟାଚରୁ ୨ ପଏଣ୍ଟ ପାଇ ଓଡ଼ିଶା ପଏଣ୍ଟ ତାଲିକାର ୯ମ ସ୍ଥାନରେ ପୂର୍ବଭଳି ରହିଛି। ଚେନ୍ନାଇନ ମଧ୍ୟ ୩ୟ ମ୍ୟାଚରୁ ୨ଟି ପରାଜୟ ଓ ଗୋଟିଏ ଡ୍ର ସହିତ ୧ ପଏଣ୍ଟ ପାଇ ଖାତା ଖୋଲିଛି।

## ପତ୍ନୀଙ୍କ ବିଦାୟୀ ମ୍ୟାଚ୍; ଭାବବିହ୍ୱଳ ହେଲେ ଷ୍ଟାର୍କ

ହୋବାର୍ଟ, ୧।୩ (ଏଜେନ୍ସି): ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳର ଅଧିନାୟିକା ଆଲିସା ହେଲୀ ତାଙ୍କ ଶେଷ ଦିନିକିଆ ମ୍ୟାଚରେ ଚମକିଛନ୍ତି। ଭାରତ ବିପକ୍ଷରେ ୧୫୮ ରନର ମାରାଥନ ପାଳି ଖେଳି ସେ ଦଳକୁ ସ୍ମରଣୀୟ ବିଜୟୀ ଭେଟି ଦେଇଛନ୍ତି। ଭାରତ ବିପକ୍ଷ ଦ୍ୱି-ପାକ୍ଷିକ ସିରିଜ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲବିଦା କରିବେ ବୋଲି ୩୫ ବର୍ଷୀୟା ହେଲୀ ପୂର୍ବରୁ ଘୋଷଣା କରିଥିଲେ। ତେଣୁ ଏହା ତାଙ୍କ କ୍ୟାରିୟରର ଶେଷ ଧଳାବଲ୍ ମ୍ୟାଚ୍ ଥିଲା। ମାର୍ଚ୍ଚ ୬ରୁ ଆରମ୍ଭ ହେବାକୁ ଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳି ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବେ। ରବିବାର ଶେଷ ସୀମିତ ଓଭର ମ୍ୟାଚ୍ ଖେଳିବା ଅବସରରେ ହେଲୀଙ୍କ ସ୍ୱାମୀ ତଥା ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟର୍ ମିଚେଲ ଷ୍ଟାର୍କ ଷ୍ଟାଡିୟମରେ ଉପସ୍ଥିତ ରହି ତାଙ୍କୁ ଉତ୍ସାହିତ କରିଥିଲେ। ଏପରିକି ହେଲୀ ଶତକ ହାସଲ କରିବା ପରେ ଷ୍ଟାର୍କ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ୧୯ ଫେବୃଆରୀ ୨୦୧୦ରେ ଦିନିକିଆ ପଦାର୍ପଣ କରିଥିବା ହେଲୀ ୧୨୬ ମ୍ୟାଚ୍ ଖେଳି ୩୭ ହାରରେ ୩୭୭୭ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୧୯ ଅର୍ଦ୍ଧଶତକ ଓ ୮ ଶତକ ସାମିଲ ରହିଛି।

## ହେଲୀ-ମୁନୀଙ୍କ ଚମକ: ଭାରତର ହ୍ୟାଟ୍ରିକ ପରାଜୟ

# ଅଷ୍ଟ୍ରେଲିଆର ଦିନିକିଆ ସିରିଜ୍ କ୍ଲିନ୍‌ସୁଇପ୍


ଆଲିସା ହେଲୀ

ହୋବାର୍ଟ, ୧।୩ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ଦିନିକିଆ ସିରିଜର ସମସ୍ତ ମ୍ୟାଚରେ ପରାସ୍ତ ହୋଇଛି। ରବିବାର ଅନୁଷ୍ଠିତ ଅନ୍ତିମ ତଥା ୩ୟ ମ୍ୟାଚରେ ଆଲିସା ହେଲୀଙ୍କ ବିସ୍ଫୋରକ ଶତକ ବଳରେ ଅଷ୍ଟ୍ରେଲିଆ ମହିଳା ଦଳ ୧୮୫ ରନର ବିଶାଳ ବ୍ୟବଧାନରେ ଭାରତକୁ ମାତ୍ ଦେଇଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ୬ ୱିକେଟ୍ ଓ ୫ ୱିକେଟରେ ଜିତିଥିବା ଅଷ୍ଟ୍ରେଲିଆ ଏଥିସହ ସିରିଜକୁ ୩-୦ରେ କ୍ଲିନ୍‌ସୁଇପ୍ କରିନେଇଛି। ଅପରପକ୍ଷରେ ଟି-୨୦ ସିରିଜ ବିଜୟୀ ହୋଇଥିବା ଭାରତକୁ ଦିନିକିଆରେ ନିରାଶ ହେବାକୁପଡ଼ିଛି। ଦୁଇଦଳ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ମାର୍ଚ୍ଚ ୬ରୁ ପର୍ଥରେ ଆରମ୍ଭ ହେବ।

**ଅଷ୍ଟ୍ରେଲିଆ ୪୦୯/୭**

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଦୁଇ ଦୁଇଟି ଶତକୀୟ ପାଳି ବଳରେ ୫୦ ଓଭରରେ ୭ ୱିକେଟ ହରାଇ ୪୦୯ ରନ କରିଥିଲା। ଅଧିନାୟିକା ହେଲୀ ୮ମ ଶତକ ସହ ୯୮ ବଲରେ ୧୫୮ ରନ ସଂଗ୍ରହ କରିଥିଲେ। ସେହିଭଳି ବେଥ୍ ମୁନୀ ୮୪ଟି ବଲରେ ୧୦୬ ରନ କରି ଅପରାଜିତ ରହିଥିଲେ। ଜର୍ଜିଆ ଭଲ୍ ମଧ୍ୟ ୬୨ ରନର ଉପଯୋଗୀ ପାଳି ଖେଳିଥିଲେ। ଭାରତର ଶ୍ରୀଚରଣି ୧୦ ଓଭରରେ ୧୦୬ ରନ ଦେଇ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଭାରତ ୪୫.୧ ଓଭରରେ ୨୨୬ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ସ୍ନେହ ରାଣା ୪୪, ଜେମିମା ରୋଡ୍ରିଗ୍ସ ୪୨, ପ୍ରତୀକା ରାୱଲ ୨୭, ଦୀପ୍ତି ଶର୍ମା ୨୯, ଅଧିନାୟିକା ହରମନପ୍ରୀତ୍ କୌର ୨୫ ରନ କରିଥିଲେ। ସ୍ମୃତି ମନ୍ଧାନା ଖାତା ଖୋଲିବାରେ ବିଫଳ ହୋଇଥିଲେ।

## ଓଡ଼ିଶା ଚେସ୍ ସଂଘରେ ବିବାଦ

# ସମ୍ପାଦକଙ୍କୁ ବହିଷ୍କାର କଲେ ସଭାପତି




ଭୁବନେଶ୍ୱର,୧।୩ (ସମିସ): ଅଲ ଓଡ଼ିଶା ଚେସ୍ ସଂଘ (ଏଓସିଏ) ଯେଉଁଳି ପରିସ୍ଥିତିରେ ଯେଉଁ ଲକ୍ଷ୍ୟ ନେଇ ଗଠନ କରାଯାଇଥିଲା, ତାହା ଏବେ ରାସ୍ତା ଭୁଲିବାରେ ଲାଗିଛି। ଆଜି ଭୁବନେଶ୍ୱରରେ ଏଓସିଏର ସମ୍ପାଦକ ଦେବବ୍ରତ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜେନରାଲ ବଡି ମିଟିଂରେ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କୁ ବହିଷ୍କାର କରିଥିବା ଜଣାଯାଇଛି। ଏହାର କାରଣ ହେଲା ସଭାପତି ଶ୍ରୀ ପଟ୍ଟନାୟକ ନିକଟରେ ଆଉ କିଛି ସଦସ୍ୟଙ୍କ ସହ ବୈଠକ କରି ସମ୍ପାଦକଙ୍କୁ ବହିଷ୍କାର କରିଥିଲେ। ଏଓସିଏକୁ ବଦନାମ କରିବା ଓ ଓଡ଼ିଶାର ଚେସ୍ ଉନ୍ନତିରେ ପ୍ରତିବନ୍ଧକ ସୃଷ୍ଟି କରିବା ଅଭିଯୋଗରେ ସମ୍ପାଦକ ଶ୍ରୀ ଭଞ୍ଜ ଅନାସ୍ଥା ପ୍ରସ୍ତାବ ଆଣି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ବହିଷ୍କାର କରିଛନ୍ତି। ଭଦ୍ରକ ଜିଲ୍ଲା ଚେସ୍ ସଭାପତି ଶୁଭେନ୍ଦୁ ରାୟ ମହାପାତ୍ରଙ୍କୁ ନୂଆ ସଭାପତି ମନୋନୀତ କରିଛନ୍ତି। ଏହା ଫଳରେ ଓଡ଼ିଶା ଚେସ୍‌ରେ ଗୋଷ୍ଠୀ ବିବାଦ ପୁଣିଥରେ ଏକ ଧ୍ୱଂସମୁଖୀ ପରିସ୍ଥିତି ସୃଷ୍ଟି କରିଛି। ଏହାର ସିଧା ସଳଖ ପ୍ରଭାବ ଏଯାଏ ଖେଳାଳି ଓ ସଂଘ ଉପରେ ପଡ଼ି ନ ଥିଲେ ମଧ୍ୟ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ହେବା, ରାଜ୍ୟରେ ଏକାଧିକ ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବା ଆଦି ଘଟଣା ଦେଖିବାକୁ ମିଳିଛି। ଉଭୟ ସଭାପତି ସତ୍ୟରଞ୍ଜନ ଓ ସମ୍ପାଦକ ଦେବବ୍ରତ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି। ଉଭୟ ଯଦି ମିଳିତଭାବେ ଓଡ଼ିଶା ଚେସ୍‌ର ଉନ୍ନତି ଲାଗି ହାତ ମିଳାନ୍ତେ, ତେବେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇପାରନ୍ତା।

## କଳାହାଣ୍ଡି କପ୍ କ୍ରିକେଟ


# ୩୧୨ ରନରେ ଜିତିଲା ରାଉରକେଲା

ଭୁବନେଶ୍ୱର, ୧।୩ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ସିନିଅର ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ରେ ରବିବାର ୬ଟି ମ୍ୟାଚ ଖେଳାଯାଇଛି। ଏଥିରେ ୩ଟି ବଡ଼ ଶତକୀୟ ପାଳି ଦେଖିବାକୁ ମିଳିଛି।


ଆଶୀର୍ବାଦ ସ୍ୱାଇଁ


ସୌଭାଗ୍ୟ ମିଶ୍ର


ସୁଜଲ ସିଂ


ଅମିନ ଖାନ

ରାଉରକେଲାର ଆଶୀର୍ବାଦ ସ୍ୱାଇଁ (୧୬୫) ଓ ସୁଜଲ ସିଂ (୧୬୦) ଏବଂ ଜଗତସିଂପୁରର ସୌଭାଗ୍ୟ (୧୩୮) ଶତକୀୟ ପାଳି ଖେଳି ନିଜ ଦଳକୁ ବିଜୟୀ କରାଇଛନ୍ତି। ବିଜେବି ସ୍କୁଲ ଗ୍ରାଉଣ୍ଡରେ ରାଉରକେଲା ୩୧୨ ରନର ବିଶାଳ ବ୍ୟବଧାନରେ ନୂଆପଡ଼ାକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୫୦ ଓଭରରେ ୪ ୱିକେଟ ହରାଇ ୪୧୭ ରନ ସଂଗ୍ରହ କରିଛି। ଆଶୀର୍ବାଦ ୧୩୯ ବଲରେ ୧୬୫ ଓ ସୁଜଲ ୮୧ ବଲରେ ଅପରାଜିତ ୧୬୦ ରନ କରିଥିଲେ। ଜବାବରେ ନୂଆପଡ଼ା ୨୪.୩ ଓଭରରେ ୧୦୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

ସନସାଇନ ଗ୍ରାଉଣ୍ଡରେ ଜଗତସିଂପୁର ୨୫ ରନରେ କନ୍ଧମାଳକୁ ପରାସ୍ତ କରିଛି। ସୌଭାଗ୍ୟଙ୍କ ୧୩୮ ଓ କିଶାନ ରଥଙ୍କ ୯୦ ରନ ବଳରେ ଜଗତସିଂପୁର ୮ ୱିକେଟରେ ୩୧୨ ରନ କରିଥିଲା। ପ୍ରତିପକ୍ଷ ବୋଲର ତୁଷାର ତ୍ରିପାଠୀଙ୍କୁ ୫ଟି ୱିକେଟ୍ ମିଳିଥିଲା। ଜବାବରେ କନ୍ଧମାଳ ୯ ୱିକେଟରେ ୨୮୭ ରନ କରିବାକୁ ସମର୍ଥ ହୋଇଥିଲା। ଅନ୍ୟମ୍ୟାଚଗୁଡ଼ିକରେ ପାରାଦୀପ ୫୮ ରନରେ ରାୟଗଡ଼ାକୁ, ଝାରସୁଗୁଡ଼ା ୬ ରନରେ କିଟ୍‌କୁ, କଳାହାଣ୍ଡି ୫ ୱିକେଟରେ କେନ୍ଦୁଝରକୁ ଓ ଗଜପତି ୯୧ ରନରେ ଗଞ୍ଜାମକୁ ହରାଇଛି। ଗଜପତିର ଅମିନ ଖାନ (୪ ୱିକେଟ୍ ଓ ୪୫ ରନ), ଝାରସୁଗୁଡ଼ାର ସନ୍ତୋଷ ଯାଦବ (୪ ୱିକେଟ୍), ପାରାଦୀପର ଅମିତ ସାହୁ (୯୫ ରନ) ଓ କଳାହାଣ୍ଡିର ସୁଖମିତ ଗିଲ୍ (୨ ୱିକେଟ୍ ଓ ୫୬ ରନ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

## ■ ରାଜ୍ୟ ଓପନ ଚେସ୍

# ସଞ୍ଜୀବନ ନାୟକ ଟାଇଟଲ ବିଜୟୀ



ଭୁବନେଶ୍ୱର,୧।୩ (ସମିସ): ଯାଜପୁରର ସଞ୍ଜୀବନ ନାୟକ ୫ମ ନଳୀନ ରାଜଗୁରୁ ସ୍ମାରକୀ ରାଜ୍ୟ ଓପନ ଚେସ୍ ପ୍ରତିଯୋଗିରେ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ୫ ରାଉଣ୍ଡ ବିଶିଷ୍ଟ ଏହି ଦିନିକିଆ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁରର ସଞ୍ଜୀବନ ନାୟକ ସର୍ବାଧିକ ୪.୫ ପଏଣ୍ଟ ସଂଗ୍ରହ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ସଞ୍ଜୀବନଙ୍କ ପଛକୁ ୪ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଟାଇବ୍ରେକରରେ ବାଲେଶ୍ୱରର ଶୁଭେନ୍ଦୁ କୁମାର ପାତ୍ର ରନର୍ସଅପ୍, ଯାଜପୁରର ଦୀପ୍ତିରଞ୍ଜନ ନାୟକ ତୃତୀୟ, ଭୁବନେଶ୍ୱରର ନଟବର ଦାସ ଚତୁର୍ଥ ଓ ଡିଏନ୍ ୱିସ୍‌ଡମ୍ ଗ୍ଲୋବାଲ ସ୍କୁଲର ସାୟେଶା ସାହୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ଟାଟା କ୍ରୋମାର ସୁଧାଂଶୁ ଶେଖର ମିଶ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଓଡ଼ିଶା ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ଉଦ୍‌ଯାପିତ

# ରାପିଡ୍‌ରେ ଶ୍ରେୟଶ, ବ୍ଲିଜ୍‌ରେ ଆର୍ଯ୍ୟନ ଚାମ୍ପିଅନ

ଭୁବନେଶ୍ୱର,୧।୩ (ସମିସ)



କଟକର ଶ୍ରେୟସ ଶୁଭମ ପଟ୍ଟନାୟକ ଓ ଯାଜପୁରର ଆର୍ଯ୍ୟନ ବେହେରା ଆଜି ଶେଷ ହୋଇଥିବା ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ଚାମ୍ପିଅନସିପ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଆର୍ଯ୍ୟନଙ୍କୁ ରାପିଡ୍‌ରେ ଓ କେନ୍ଦ୍ରାପଡ଼ାର ଲବ୍ୟଜ୍ୟୋତି ବେହେରା ବ୍ଲିଜ୍‌ରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅଲ୍‌ଓଡ଼ିଶା ଚେସ୍ ସଂଘ, କଟକର ଟ୍ରିପଲ-ସି ଚେସ୍ କ୍ଲବ୍, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଫୁଲନଖରାସ୍ଥିତ ସିନର୍ଜି ଇଞ୍ଜିନିୟରିଂ କଲେଜ୍ କ୍ୟାମ୍ପସରେ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସିନର୍ଜି କଲେଜ୍‌ର ବରିଷ୍ଠ କର୍ମକର୍ତ୍ତା ଲକ୍ଷ୍ମୀକାନ୍ତ ପ୍ରଧାନ ଓ ସମରେନ୍ଦ୍ର ସାହୁ, ଟ୍ରିପଲ-ସି' ଚେସ୍ କ୍ଲବ୍‌ର ସଭାପତି ବିଶ୍ୱଜିତ ରାୟ ଓ ଚିଫ୍ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶ୍ରେୟସ, ଆର୍ଯ୍ୟନ ଓ ଲବ୍ୟଜ୍ୟୋତି ଝାଡଖଣ୍ଡର ରାଞ୍ଚିରେ ମାର୍ଚ୍ଚ ୧୧ରୁ ୧୩ ତାରିଖଯାଏ ଖେଳାଯିବାକୁ ଥିବା ଜାତୀୟ ରାପିଡ୍ ଓ ବ୍ଲିଜ୍ ଚେସ୍‌ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଟୁର୍ଣ୍ଣାମେଣ୍ଟକୁ ସୁରେଶ ସାହୁଙ୍କୁ ବ୍ୟତୀତ ତାପସ କୁମାର ମହାନ୍ତି, ଅଭିଷେକ ଆଚାର୍ଯ୍ୟ ଓ ସୁରଜ ମହାରଣା ପରିଚାଳନା କରିଥିଲେ।

ରାପିଡ୍‌ରେ ଖୋର୍ଦ୍ଧାର ଓମ୍ ଆଦିତ୍ୟ ଖାଡଙ୍ଗା, କଟକର ନୀଲସୁ ପଟ୍ଟନାୟକ, କେନ୍ଦ୍ରାପଡ଼ାର ଲବ୍ୟଜ୍ୟୋତି ରାଉତରାୟ, କଟକର ସୋୟମ ଲକ୍ଷ୍ମୀଦତ୍ତ ଡି ସାବତ, ଗଜପତିର ତପନ ବଡମୁଣ୍ଡି, ରାୟଗଡ଼ାର ଫକୀର ମାଝି, ଖୋର୍ଦ୍ଧାର ମନୀଷ ମିଶ୍ର ଓ କଟକର ମୃତ୍ୟୁଞ୍ଜୟ ମଣ୍ଡଳ ଯଥାକ୍ରମେ ଦ୍ୱିତୀୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବ୍ଲିଜ୍‌ରେ ଗଜପତିର ତପନ ବଡମୁଣ୍ଡି, ରାୟଗଡାର ଫକୀର ମାଝି, ସୁନ୍ଦରଗଡର ଅମ୍ଳାନ ପ୍ରଧାନ, ପୁରୀର ରୁଦ୍ରନାରାୟଣ, କଟକର ଶ୍ରେୟସ ଶୁଭମ ପଟ୍ଟନାୟକ, ଖୋର୍ଦ୍ଧାର ସାତ୍ତ୍ୱିକ ସ୍ୱାଇଁ, ଖୋର୍ଦ୍ଧାର ସମ୍ ଆଦିତ୍ୟ ଖାଡଙ୍ଗା ଓ ଯଶିତା ରାଉତ ଯଥାକ୍ରମେ ଦ୍ୱିତୀୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS